R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୭୧
ତିଥି : ଅମାବାସ୍ୟା
୨୯ ମାର୍ଚ୍ଚ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 171
29 March 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ମିଆଁମାର୍-ଥାଇଲାଣ୍ଡରେ ଭୟାବହ ଭୂମିକମ୍ପ



ନୂଆଦିଲ୍ଲୀ, ୨୮।୩ : ମିଆଁମାର ଓ ଥାଇଲାଣ୍ଡରେ ଛାତିଥରା ଭୂକମ୍ପ ଅନୁଭୂତ ହୋଇଛି । ବ୍ୟାଙ୍କକ୍‌ରେ ବହୁତଳ ପ୍ରାସାଦଗୁଡ଼ିକ ତାସପତା ପରି ଭାଙ୍ଗିଯାଇଛି । ପ୍ରାୟ ୯୦୦ କିମି ପର୍ଯ୍ୟନ୍ତ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି । ରିକ୍ଟର ସ୍କେଲ୍‌ରେ

**୧୫୦ ଊର୍ଦ୍ଧ୍ୱ ମୃତ, ୭୩୨ ଆହତ**

**ମିଆଁମାରରେ ୬ ଥର ଭୂକମ୍ପ ଝଟ୍‌କା**

**ତାସ୍‌ଘର ଭଳି ଭାଙ୍ଗିଗଲା ବହୁତଳ ପ୍ରାସାଦ**

**ରିକ୍ଟର ସ୍କେଲରେ ତୀବ୍ରତା ୭.୭**

**ସହଯୋଗର ହାତ ବଢ଼ାଇଲା ଭାରତ**

**ମେଡିକାଲ ସହାୟତା ଲାଗି ବି ପ୍ରସ୍ତୁତ**

ଭୂକମ୍ପର ତୀବ୍ରତା ୭.୭ ରହିଥିବାବେଳେ ମିଆଁମାରରେ ଏହା ୬.୪ ରହିଛି । ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ବହୁତଳ ପ୍ରାସାଦଗୁଡ଼ିକ ଭାଙ୍ଗିଯାଇଥିବା ବେଳେ ସରକାରଙ୍କ ତରଫରୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି ।

ସେହିଭଳି ମେଟ୍ରୋ ଓ ରେଳ ସେବାକୁ ବନ୍ଦ କରାଯାଇଛି । ଏହି ଭୂକମ୍ପର ପ୍ରଭାବ ମେଘାଳୟ ସମେତ ଭାରତର ଉତ୍ତର ପୂର୍ବ ରାଜ୍ୟ, ବାଂଲାଦେଶ ଓ ଚୀନର ଦକ୍ଷିଣ ପଶ୍ଚିମରେ ପ୍ରଭାବ ପକାଇଛି । ବ୍ୟାଙ୍କକ୍‌ରେ ଏକ ବହୁତଳ ପ୍ରାସାଦ ଭାଙ୍ଗିଯାଇଥିଲାବେଳେ ୩ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । ସେହିଭଳି ଏକ ମସ୍‌ଜିଦ୍ ଆଂଶିକ ଭାଙ୍ଗିଯାଇଥିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି । ସୋସିଆଲ ମିଡିଆରେ ବଡ଼ବଡ଼ କୋଠା ଭାଙ୍ଗୁଥିବା ଦେଖିବାକୁ ମିଳିଛି । ଅଧିକାଂଶ ରାସ୍ତାରେ ଫାଟ ସୃଷ୍ଟି ହୋଇଛି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ତାଙ୍କ ନିଜ ସହରରେ ଏକ ୫ ତାଲା ବିଶିଷ୍ଟ କୋଠା ଭାଙ୍ଗିଯାଉଥିବା ସେ ଦେଖିଛନ୍ତି । ସେ ରାସ୍ତାର ଅପରପାର୍ଶ୍ୱରେ ଠିଆ ହୋଇଥିଲେ । ସେହି ଘର ଭିତରକୁ ଯିବାକୁ କେହି ସାହସ ଜୁଟାଇ କରିପାରି ନଥିଲେ । ସ୍କଟ୍‌ଲ୍ୟାଣ୍ଡରୁ ଆସିଥିବା ଜଣେ ପର୍ଯ୍ୟଟକ ବ୍ୟାଙ୍କକ୍‌ର (୯ ପୃଷ୍ଠାରେ)

## ଉଭୟ ରାଷ୍ଟ୍ର ସହ ଓଡ଼ିଶା ଅଛି : ମୁଖ୍ୟମନ୍ତ୍ରୀ

ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୂକମ୍ପ ଅନୁଭୂତ ନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗଭୀର ଚିନ୍ତା ପ୍ରକାଟ କରିଛନ୍ତି । ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କ ସୁରକ୍ଷା ନେଇ ପ୍ରାର୍ଥନା କରିଛନ୍ତି । ଉଭୟ ଦେଶର ଲୋକଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି ଦେଇଥିବା ସହାୟତା ଦିଆଯିବ ବୋଲି ଘୋଷଣା କରିଥିବା ସେ ଉଲ୍ଲେଖ କରିଛନ୍ତି । ଓଡ଼ିଶା ଉଭୟ ରାଷ୍ଟ୍ରର ଲୋକଙ୍କ ସହ ଦୃଢ଼ ଠିଆ ହୋଇଛି ବୋଲି ସେ କହିଛନ୍ତି ।

# ୪ ଯବାନ ସହିଦ

ନୂଆଦିଲ୍ଲୀ, ୨୮।୩ : ଜମ୍ମୁ - କାଶ୍ମୀରର କାଠୁଆରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ୪ ଯବାନ ସହୀଦ ହୋଇଥିବାବେଳେ ୩ ଆତଙ୍କୀ ମୃତ୍ୟୁବରଣ କରିଛନ୍ତି । ଡ୍ରୋନ୍ ସାହାଯ୍ୟରେ ଜଣେ ପୋଲିସଙ୍କ ମୃତଦେହକୁ ମଧ୍ୟ ଠାବ କରାଯାଇଛି । ଜମ୍ମୁ-କାଶ୍ମୀରର କାଠୁଆ ଜିଲ୍ଲାରେ ଥିବା ଘଞ୍ଚ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର ଚାଲିଥିଲା ।

ପୂର୍ବରୁ ୩ ଆତଙ୍କୀ ମୃତ୍ୟୁବରଣ କରିଥିବା କୁହାଯାଇଥିଲା । ଦ୍ୱିତୀୟ ଦିନ ପାଇଁ ସେନା ଓ ସିଆରପିଏଫ୍ ପକ୍ଷରୁ ସେଠାରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ରାତି ଯୋଗୁ ସାଫିଆନ୍ ଅଞ୍ଚଳରେ ଅପରେସନ ବନ୍ଦ ରହିଥିଲା । ଆଜି ସକାଳୁ ସେନା ଓ ସିଆରପିଏଫ୍ ଯବାନମାନେ ଭିନ୍ନ ଭିନ୍ନ ଦିଗରେ ଗତି କରିଥିଲେ । ମୃତ୍ୟୁବରଣ କରିଥିବା ଆତଙ୍କବାଦୀମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦ ଗୋଷ୍ଠୀର ବୋଲି ଜଣାପଡ଼ିଛି । ଦିନବ୍ୟାପୀ ଚାଲିଥିବା ଏହି ଏନ୍‌କାଉଣ୍ଟରରେ ୪ ଯବାନ ମଧ୍ୟ ସହୀଦ ହୋଇଛନ୍ତି । ପୋଲିସ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ ଜଣ ଆହତ ହୋଇଥିବା ସୂଚନା ମିଳିଛି । ସରକାରୀ ସୂତ୍ରରୁ କୁହାଯାଇଛି ଯେ ସୁରକ୍ଷାବଳଙ୍କ ପକ୍ଷରୁ ଆଜି ଦିନ ତମାମ ଅପରେସନ ଜାରି ରହିଥିଲା । ମୃତକମାନଙ୍କର ଶବ ଖୋଜିବା ଉପରେ ଫୋକସ କରାଯାଇଥିଲା । ମିଳିତ ସୁରକ୍ଷା ବାହିନୀ ଲଗାତାର ଭାବେ ଯେଉଁ ଅଞ୍ଚଳରେ ଦୁଇରୁ ଆତଙ୍କବାଦୀ ଥିବା ବିଶ୍ୱାସ କରାଯାଉଥିଲା, ତାହାକୁ ଟାର୍ଗେଟ କରିଥିଲେ । ଜ୍ୟାକ୍‌ହୋଲ ଗାଁ ନିକଟରେ ଏହି ଅପରେସନ ଚାଲିଥିଲା । ସେଠାରେ ୨ରୁ ଅଧିକ ଆତଙ୍କବାଦୀ ଥିବା ସୂଚନା ମିଳିଥିଲା । ବର୍ତ୍ତମାନ ସୁଦ୍ଧା ଏମାନେ କେଉଁ ଗୋଷ୍ଠୀର ଜଣାପଡ଼ିନାହିଁ । ଜାମ୍ମୁ-କାଶ୍ମୀର ପୋଲିର ଏସ୍‌ଓଜି ଦ୍ୱାରା ୩ ଆତଙ୍କୀଙ୍କୁ ହତ୍ୟା କରାଯାଇଥିଲା । ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀ ଏହି ଅପରେସନ ସମୟରେ ଗତକାଲି ସନ୍ଧ୍ୟାରେ ଆହତ ହୋଇଥିବା ଜଣାପଡ଼ିଥିଲା । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଦୁଇ ସେନା ଯବାନ ମଧ୍ୟ ଏହି ଅପରେସନରେ ଆହତ ହୋଇଛନ୍ତି ।

# ମେ’ ୧୫ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮।୩ (ସବ୍ୟୁ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଶେଷ ହୋଇଛି । ଆସନ୍ତା ୨ ତାରିଖରୁ ମୂଲ୍ୟାୟନ ଆରମ୍ଭ ହେବ । ଖାତା ଦେଖିବା ପାଇଁ ରହିଥିବା ଶିକ୍ଷକଙ୍କ ଉପରେ କଡା ନଜର ରହିବ । ତେବେ ମେ ୧୫ ସୁଦ୍ଧା ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଜା କହିଛନ୍ତି ।

ରାଜ୍ୟରେ ଚଳିତ ବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି । ପରୀକ୍ଷା ଶେଷ ହୋଇଯାଇଥିବାରୁ ମୂଲ୍ୟାୟନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମୂଲ୍ୟାୟନରେ ନିୟୋଜିତ ଶିକ୍ଷକମାନଙ୍କ ସୁବିଧା ଦୃଷ୍ଟିରୁ ନିଜ ଜିଲ୍ଲାରେ ଥିବା ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି । ତେବେ କପି କରି ଧରାପଡିଥିବା ଛାତ୍ରଛାତ୍ରୀଙ୍କୁ ବଡ ଆଶ୍ୱସ୍ତି ମିଳିଛି । କୌଣସି ଭୁଲ୍ ନଥାଇ ତ୍ରୁଟିପୂର୍ଣ୍ଣ ଭାବେ ମାଲ୍ ପ୍ରକ୍ଟିସ୍‌ରେ ବୁକ୍ ହୋଇଥିଲେ ସେମାନଙ୍କ ଖାତା ବିଚାରକୁ ନେଇ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକସଙ୍ଗରେ ପ୍ରକାଶ ପାଇବ ।

# କଂଗ୍ରେସ ଆନ୍ଦୋଳନକୁ ନେଇ ୩ ମାମଲା

ଭୁବନେଶ୍ୱର, ୨୮।୩ (ସବ୍ୟୁ) : କଂଗ୍ରେସ ବିଧାନସଭା ଘେରାଉ ସମୟରେ ଲୋୟର ପିଏମ୍‌ଜିରେ ଘଟିଥିବା ଘଟଣାକୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି । କ୍ୟାପିଟାଲ ଥାନାରେ ପୋଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଥିବାବେଳେ ଏହା ପୂର୍ବରୁ ବିଧାନସଭା ଫାଟକ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ନେଇ ମଧ୍ୟ ମାମଲା ରୁଜୁ କରାଯାଇଛି ।

ସୂଚନାଅନୁଯାୟୀ ଗତକାଲି କଂଗ୍ରେସର ଘେରାଉ କାର୍ଯ୍ୟକ୍ରମ ସମୟରେ ଲୋୟର ପିଏମ୍‌ଜିରେ ଗଣ୍ଡଗୋଳ ହୋଇଥିଲା । କଂଗ୍ରେସ କର୍ମୀମାନେ ପୋଲିସର ବ୍ୟାରିକେଡ୍ ଭାଙ୍ଗିବା ସହ ଚେୟାର ମାଡ, ଟେକା ପଥର ମାଡ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ପକ୍ଷରୁ ମଧ୍ୟ ଲାଠି ଚାଳନା କରାଯିବା ସହ ପାଣି ମାଡ କରାଯାଇଥିଲା । ଗଣ୍ଡଗୋଳ ସମୟରେ ୧୫ ପୋଲିସ ଆହତ ହୋଇଥିଲେ । ହିଂସା ଭିଆଇଥିବା ଲୋକଙ୍କୁ ଛଡା ଯିବନାହିଁ ବୋଲି ଡିଜିପି ଗତକାଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ୩ ମାମଲା ରୁଜୁ କରାଯାଇଛି । କ୍ୟାପିଟାଲ୍ ଥାନାରେ ହୋଇଥିବା ମାମଲାରେ ଦଙ୍ଗା ଭଳି ଦଫା ଲାଗିଛି । ସେହିଭଳି ପୋଲିସ ଗାଡ଼ି ଜାଳିବା ଉଦ୍ୟମକୁ ନେଇ ମଧ୍ୟ ଆଉ ଏକ ମାମଲା ରୁଜୁ କରାଯାଇଛି । ଅପରପକ୍ଷରେ ଲାଠି ଚାର୍ଜ ଘଟଣାରେ ମାନବ ଅଧିକାର କମିଶନରେ ମାମଲା ରୁଜୁ କରାଯାଇଛି । ଆଇନ୍‌ଜୀବୀ ଲଲାଟେନ୍ଦୁ ଦାଶ ଏହି ମାମଲା ଦାଏର କରିଛନ୍ତି । ଡିଜିପି, ପୋଲିସ କମିଶନର ଓ (୯ ପୃଷ୍ଠାରେ)

# ହିଟ୍‌ୱେଭ୍ ଲାଗି ରାଜ୍ୟକୁ ସତର୍କ କଲା କେନ୍ଦ୍ର




ନୂଆଦିଲ୍ଲୀ, ୨୮।୩ : ବିଭିନ୍ନ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟଗୁଡ଼ିକୁ ଚିଠି ଲେଖିଛନ୍ତି । ଗ୍ରୀଷ୍ମଋତୁରେ ତାପମାତ୍ରା ଦେଶର ବିଭିନ୍ନ ପ୍ରାନ୍ତରରେ ବୃଦ୍ଧି ପାଉଛି । ବିଶେଷକରି ଦିଲ୍ଲୀ ଦେଶର ସର୍ବାଧିକ ଉତପ୍ତ ସହର ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି । ଫଳରେ ଆଗାମୀ ଦିନରେ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଛି । ଏଥିଲାଗି କେନ୍ଦ୍ର ସରକାର ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟସଚିବ ପୂଣ୍ୟ ସଲିଳା ଶ୍ରୀବାସ୍ତବ ଚିଠି ଲେଖି ଉଲ୍ଲେଖ କରିଛନ୍ତି ଯେ ଉତ୍ତାପ ଜନିତ ଅସୁସ୍ଥତା ଓ ଅଂଶୁଘାତର ମୁକାବିଲା ପାଇଁ ପ୍ରସ୍ତୁତ ରୁହନ୍ତୁ । ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ଯେଭଳି ଏହାର ମୁକାବିଲା କରାଯାଇପାରିବ ସେଥିପାଇଁ ସମସ୍ତ ପଦକ୍ଷେପ ନିଅନ୍ତୁ । ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ରିପୋର୍ଟକୁ ମଧ୍ୟ ରାଜ୍ୟଗୁଡ଼ିକୁ ପଠାଇ ଦିଆଯାଇଛି । ଆଇଏମ୍‌ଡି ପକ୍ଷରୁ ଉତ୍ତାପ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯାଉ । କେଉଁଭଳି ଭାବରେ ବିଭିନ୍ନ ସଂସ୍ଥାକୁ ନିୟୋଜିତ କରି ଗ୍ରୀଷ୍ମ ପ୍ରବାହର

**ଅଧିକାଂଶ ରାଜ୍ୟରେ ବଢୁଛି ତାପମାତ୍ରା**

**ଝାରସୁଗୁଡ଼ା, ରାଜନନ୍ଦଗାଁଓ ଦେଶର ସବୁଠୁ ଉତ୍ତପ୍ତ ସହର**

**ରାଜ୍ୟର ୧୮ ସହରର ତାପମାତ୍ରା ୪୦° ଉପରେ**

ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମପ୍ରବାହ ଉତ୍ତର ପଶ୍ଚିମ ଭାରତରେ ବୃଦ୍ଧି ପାଇବ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଉଲ୍ଲେଖ କରିଛନ୍ତି ଯେ ସତର୍କତା ଅବଲମ୍ବନ କରାଯିବ, ସେଥିପାଇଁ ପଦକ୍ଷେପ ନିଆଯାଉ । ଅଂଶୁଘାତ ପରିଚାଳନା ୟୁନିଟ ଓ ଜରୁରୀକାଳୀନ (୯ ପୃଷ୍ଠାରେ)

# ପ୍ରଦୀପ ଜେନା ଓଇଆର୍‌ସିର ଅଧ୍ୟକ୍ଷ



ଭୁବନେଶ୍ୱର, ୨୮।୩ (ସବ୍ୟୁ) : ପୂର୍ବତନ ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ସୁରେଶ ମହାପାତ୍ର ଏହି ପଦବୀ ଛାଡିବା ପରେ ଏହା ଖାଲି ପଡ଼ିଥିଲା । ପ୍ରଦୀପ କୁମାର ଜେନା ୨୦୨୩ ମାର୍ଚ୍ଚରେ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ନିଜର କାର୍ଯ୍ୟ ଦକ୍ଷତା ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି । ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ଦକ୍ଷତାର ସହ ଦାୟିତ୍ୱ (୯ ପୃଷ୍ଠାରେ)

## ଜମି ବିକ୍ରିରେ ଚଞ୍ଚକତା, ସବ୍‌ରେଜିଷ୍ଟ୍ରାର ଗିରଫ

ସମ୍ବଲପୁର, ୨୮।୩ (ସବ୍ୟୁ) : ଚଞ୍ଚକତା କରି ଜମିବାଡ଼ି ବିକ୍ରି ଅଭିଯୋଗରେ ସମ୍ବଲପୁର ସବ ରେଜିଷ୍ଟ୍ରାର ଅଫିସର ୨ଜଣ କର୍ମଚାରୀ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମଧ୍ୟରେ ସବ ରେଜିଷ୍ଟ୍ରାର ସୂର୍ଯ୍ୟ ନାରାୟଣ ସାମଲ ଓ କର୍ମଚାରୀ ଚନ୍ଦ୍ରପ୍ରସାଦ ଢୁଙ୍ଗୁରିଆଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସ୍ୱର୍ଗତ ନବ ଦାସଙ୍କ ପୁତୁରା ସମୀର ଦାସଙ୍କୁ ଜମି ଦଲାଲ ମାନେ ଚଞ୍ଚକତା କରି ବୁଢାରଜାର ଏକ ଜମି ବିକ୍ରି କରିଥିଲେ । ତେବେ ସମୀର ଦାସଙ୍କ ବାପା ବ୍ରଜ ଦାସଙ୍କୁ ସନ୍ଦେହ ହେବାରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏହି ଘଟଣା ସଂପର୍କରେ ଅବଗତ କରିଥିଲେ । ଏହି ଘଟଣାର ତଦନ୍ତ ହେବା ପରେ ସବ ରେଜିଷ୍ଟ୍ରାରଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ତେବେ ଟାଉନ ଥାନା ପୋଲିସ ଏମାନଙ୍କୁ ଗିରଫ କରିଛି ।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୩ (ସବ୍ୟୁ) : ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର । ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ । ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ’ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ - ୨୦୨୩’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାର କରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ । ବିଜ୍ଞାନ ଏବଂ କାରିଗରୀର ଉନ୍ନତି ସହିତ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନ କୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ମନୋନିବେଶ କରି ବିକାଶର ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ । ଆଉ ଏଥିପାଇଁ (୯ ପୃଷ୍ଠାରେ)

### ଶାସକ-ବିରୋଧୀଙ୍କ ଗୋଟିଏ ସ୍ୱର

# ଦରମା, ପେନସନ୍ ବୃଦ୍ଧି କର



ଭୁବନେଶ୍ୱର, ୨୮।୩ (ସବ୍ୟୁ) : ବିଧାୟକମାନେ ଦଳମତ ନିର୍ବିଶେଷରେ ଆଜି ବିଧାନସଭାରେ ଦରମା ବୃଦ୍ଧି ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ବଢ଼ାଇବା ପାଇଁ ଦାବି କରିଛନ୍ତି । ବଜାର ଦର ମହଙ୍ଗା ହେଲାଣି । ଯେତିକି ଦରମା ମିଳୁଛି ସେଥିରେ ଚଳି ହେଉନାହିଁ । ପିଅନଙ୍କ ଠାରୁ ଆମ ଦରମା କମ୍ ରହୁଛି । ନିର୍ବାଚନମଣ୍ଡଳୀରେ ବହୁ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପଡୁଛି । ଆମ ଦରମାକୁ ବୃଦ୍ଧି କରାଯିବା ସହ ପୂର୍ବତନ ବିଧାୟକଙ୍କ ବିଧାୟକମାନେ ଆଜି ବିଧାନସଭାରେ ଏକ ସ୍ୱରରେ ଦାବି କରିଛନ୍ତି ।

ଶୂନ୍ୟକାଳରେ ବିଧାୟକଙ୍କ

**ମଢ଼େଇ କମିଟି ସୁପାରିସକୁ ଗ୍ରହଣ କରନ୍ତୁ ସରକାର**

ପେନ୍‌ସନ ବୃଦ୍ଧି କରାଯାଉ । ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଥିବା କମିଟି ଦେଇଥିବା ସୁପାରିଶକୁ ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ବିଜେଡି ଓ ବିଜେପି ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ରାଶି ବୃଦ୍ଧି ପାଇଁ ଉଠିଥିଲା ମିଳିତ ଦାବି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଲେ, ବର୍ତ୍ତମାନ ବଜାର (୯ ପୃଷ୍ଠାରେ)

# ଏକ୍ଲାମସିଆ



ଗର୍ଭଧାରଣ ସମୟରେ ମହିଳାମାନଙ୍କ ନିକଟରେ ବେଳେବେଳେ ବିରଳ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ହେଲା ଏକ୍ଲାମସିଆ । ଏହା ବିରଳ ସହ ଗମ୍ଭୀର ସମସ୍ୟା ଅଟେ । ତଥ୍ୟ ଅନୁସାରେ ଏହା ମୁଖ୍ୟତ ପ୍ରିକ୍ଲାମସିଆ କାରଣରୁ ହୋଇଥାଏ । ତେବେ ପ୍ରିକ୍ଲାମସିଆ ମଧ୍ୟ ଏକ ସ୍ୱାସ୍ଥ୍ୟ ସମସ୍ୟା ଯେଉଁଥିରେ ବିଭିନ୍ନ ଲକ୍ଷଣ ଯେପରି ବ୍ଲଡପ୍ରେସରରେ ବୃଦ୍ଧି, ଗର୍ଭଧାରଣର ୨୦ ସପ୍ତାହ ପରେ ପରିସ୍ରା ଦ୍ୱାରା ଶରୀରରୁ ପ୍ରୋଟିନ୍ ନଷ୍ଟ ହେବା । ତେବେ ପ୍ରିକ୍ଲାମସିଆ ବିଶ୍ୱର ପାଖାପାଖି ୫ରୁ ୭ ପ୍ରତିଶତ ଗର୍ଭବତୀଙ୍କୁ ହୋଇଥାଏ । ତେବେ ଯଦି ଅଧିକ ଦିନ ଧରି ପ୍ରିକ୍ଲାମସିଆ ଚିକିତ୍ସା ନହୋଇ ରହିଥାଏ, ତେବେ ଏକ୍ଲାମସିଆ ହେବାର ଆଶଙ୍କା ବଢିଥାଏ । ଏହାର କିଛି ପ୍ରାଥମିକ ଲକ୍ଷଣ ରହିଛି, ଯାହା ଜଣା ପଡିବା ପରେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରି ନିଅନ୍ତୁ । ଅଥବା ଏହା ଗମ୍ଭୀର ରୋଗରେ ପରିଣତ ହେବାର ଡର ରହିଥାଏ । ତେଣୁ ଗର୍ଭ ଧାରଣ ସମୟରେ ସମ୍ପୂର୍ଣ୍ଣଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ନିୟମିତ ଚେକଅପରେ ରୁହନ୍ତୁ, ଯାହା ଫଳରେ ଏହା ତୁରନ୍ତ ଚିହ୍ନଟ ହେବା ସହ ଚିକିତ୍ସା କରିବାରେ ସୁବିଧା ହେବ ।

### ଲକ୍ଷଣ

- ଉଚ୍ଚରକ୍ତଚାପ ।
- ଅଚାନକ ଶାରିରୀକ ବ୍ୟବହାରରେ ପରିବର୍ତ୍ତନ ।
- ମୁହଁ ଏବଂ ହାତ ଫୁଲିବା ।
- ମୁଣ୍ଡବିନ୍ଧା ।
- ଓଜନରେ ବୃଦ୍ଧି ।
- ବାନ୍ତି ଲାଗିବା ।
- ଶରୀରରେ ପୀଡା ଅନୁଭୂତ ହେବା ।

# ସୋସିଆଲ କୋଟ୍ସ



"ମୁଁ ଐଶ୍ୱର୍ଯ୍ୟଙ୍କ ସହିତ ଜମାରୁ ଷ୍ଟ୍ରିକ୍ଟ ନୁହେଁ । କାରଣ ସେ ମୋର ଝିଅ ନୁହନ୍ତି, ସେ ମୋର ବୋହୂ । ମୁଁ ତାଙ୍କୁ ସାଙ୍ଗ ଭଳି ଦେଖେ ।

ଜୟା ବଚ୍ଚନ, ଅଭିନେତ୍ରୀ



"ସେଲିବ୍ରିଟିଙ୍କ ସହିତ ଡିପ୍‌ଫେକ ନାଁରେ ଖୁବ ଖରାପ ଘଟଣା ଘଟୁଛି । ସେମାନଙ୍କର ବର୍ଷବର୍ଷର ପରିଶ୍ରମକୁ ନଷ୍ଟ କରି ସେମାନଙ୍କ ଇମେଜକୁ ଖରାପ କରାଯାଉଛି ।

ହେମା ମାଳିନୀ, ଅଭିନେତ୍ରୀ



"ବର୍ତ୍ତମାନର ଯୁବ କଳାକାରମାନେ ନିଜନିଜ ଭିତରେ ଇନ୍‌ସିକ୍ୟୁରିଟି ଫିଲ୍ କରୁଛନ୍ତି । ହେଲେ ଆମ ସମୟରେ ଏପରି ନଥିଲା । ଆମେ ସମସ୍ତେ ମିଳିମିଶି କାମ କରୁଥିଲୁ ।

ସଲମାନ ଖାନ୍, ଅଭିନେତା

# ଶସ୍ତା ଛୁଟି

ବର୍ତ୍ତମାନ ଖରାଦିନ ଛୁଟି ଆରମ୍ଭ ହେବାକୁ ଯାଉଛି । ଯେଉଁସମୟରେ ବାହାରକୁ ଯିବା ପାଇଁ ଅନେକ ଲୋକ ବିଭିନ୍ନ ଯୋଜନା କରିଥାଆନ୍ତି । ତେବେ ଏହି ସମୟରେ ଅନେକଙ୍କ ପାଇଁ ବଜେଟ୍ ଏକ ସମସ୍ୟା ଭାବେ ଉଭା ହୋଇଥାଏ । ତେଣୁ ସମସ୍ତେ ଚାହାନ୍ତି କିପରି ଏକ କମ ବଜେଟ୍‌ରେ ବି ଭଲ ସ୍ଥାନ ବୁଲିପାରିବେ । ତେବେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଉଜ୍‌ବେକିସ୍ତାନକୁ ସବୁଠାରୁ ଶସ୍ତା ସ୍ଥାନ ଛୁଟି କାଟିବା ପାଇଁ । ଭିଡିଓରେ ଥିବା ତଥ୍ୟ ଅନୁସାରେ ମାତ୍ର ୬,୭୦୦ ବା ୭୮ ଡଲାରର ମୂଲ୍ୟ ସେଠିକାର କରେନ୍ସି ଅନୁସାରେ ୧୦ ଲକ୍ଷ । ତେଣୁ ଜଣେ ମାତ୍ର ୬,୭୦୦ରେ ବି ଆରାମରେ ଏଠାରେ ଛୁଟି କାଟି ପାରିବେ । ସେହିଭଳି ଉଜ୍‌ବେକିସ୍ଥାନରେ ମଧ୍ୟ ସମସ୍ତ ସାମଗ୍ରୀ ପାଇଁ ଆପଣଙ୍କୁ ଖୁବ କମ ଖର୍ଚ୍ଚ କରିବାକୁ ପଡିଥାଏ । ଏଠାରେ ଜଳଖିଆର ଦାମ ୧୨୦୦ ହୋଇଥିବାବେଳେ ପୂରା ମିଲ୍‌ର ଦାମ ମାତ୍ର ୪୦୦ ହୋଇଥାଏ । ଭିଡିଓଟି ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି ।




# ଫିସ୍ ଅଫ ଦି ଇୟର



ନିକଟରେ ନ୍ୟୁଜିଲାଣ୍ଡ ଘୋଷଣା କରିଛି ତାର ଫିସ୍ ଅଫ୍ ଦି ଇୟର । ଏହି ମାଛର ନାଁ ହେଉଛି ବଲ୍‌ବଫିସ୍, ମାଛଟି ନିଜ ନାଁ ଭଳି ଦେଖିବାକୁ ମଧ୍ୟ ବିରଳ । ଅନେକ ଏହି ମାଛକୁ ସବୁଠାରୁ ଅସୁନ୍ଦର ମାଛର ଆଖ୍ୟ ମଧ୍ୟ ଦେଇଥାଆନ୍ତି । ହେଲେ ନିକଟରେ ନ୍ୟୁଜିଲାଣ୍ଡ ଏନ୍‌ଭାରିଆମେଣ୍ଟାଲ ଅର୍ଗାନାଇଜେସନ୍ ପକ୍ଷରୁ ଏହି ମାଛକୁ ଫିସ୍ ଅଫ ଦି ଇୟର ଭାବେ ଘୋଷଣା କରାଯାଇଛି । ଉକ୍ତ ଅନୁଷ୍ଠାନ ଦ୍ୱାରା ଏକ ସର୍ଭେ କରାଯାଇଥିଲା ଯେଉଁଥିରେ ଏହି ମାଛକୁ ୧୩୦୦ ଭୋଟ ମିଳି ସେ ବିଜେତା ଘୋଷଣା ହୋଇଛନ୍ତି । ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା ଦେଶର ଜଳଚର ପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ।

## ଇତିହାସ

୧୯୪୩– ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦିଆଗଲା ।
୧୭୯୮– ସ୍ୱିଜରଲାଣ୍ଡକୁ ଗଣତନ୍ତ୍ରର ମାନ୍ୟତା ମିଳିଲା ।
୧୯୦୧– ଅଷ୍ଟ୍ରେଲିଆରେ ପ୍ରଥମେ ସଂଘୀୟ ନିର୍ବାଚନ ହେଲା ।
୧୯୧୩– ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି ତଥା ଲେଖକ ଭବାନୀ ପ୍ରସାଦଙ୍କ ଜନ୍ମ ।
୧୯୮୨– ଏନ୍‌ଟି ରାମାରାଓ ତେଲୁଗୁ ଦେଶମ୍ ପାର୍ଟି ଗଠନ କଲେ ।
୧୯୯୯– ହିମାଳୟର ତଳହଟୀରେ ଆସିଥିବା ଭୂକମ୍ପରେ ପ୍ରାୟ ୯୦ ଲୋକଙ୍କ ପ୍ରାଣହାନୀ ।
୨୦୦୪– ଆୟର୍ଲାଣ୍ଡ ପ୍ରଥମ ଦେଶ ରୂପେ କର୍ମସ୍ଥଳୀରେ ଧୂମପାନ ଉପରେ ପ୍ରତିବନ୍ଧକ ଲାଗୁ କଲା ।
୨୦୦୮– ଇରାକରେ ଆମେରିକା ପକ୍ଷରୁ ହୋଇଥିବା ବୋମା ବିସ୍ଫୋରଣରେ ୫୦ ଜଣଙ୍କ ମୃତ୍ୟୁ ।
୨୦୧୪– ପ୍ରଥମେ ଇଂଲଣ୍ଡ ଓ ୱେଲ୍ସରେ ସମଲିଙ୍ଗୀ ବିବାହ ଆୟୋଜନ କରାଗଲା ।

# ଭଲ ଲାଗେ ସାହିତ୍ୟ



ଅଭିନେତ୍ରୀ ସାଦିୟା ଖତିବ ଦି ଡିପ୍ଲୋମାଟ୍ ପ୍ରୋଜେକ୍ଟ ଜରିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଏହି ପ୍ରୋଜେକ୍ଟରେ ତାଙ୍କର ଅନନ୍ୟ ଅଭିନୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି । ତେବେ କେବଳ ଅଭିନୟ ନୁହେଁ ତାଙ୍କର ଆହୁରି ଅନେକ ପ୍ରତିଭା ରହିଛି । ତାଙ୍କର ଏଭଳି ଅନେକ ରୁଚି ରହିଛି ଯାହା ତାଙ୍କୁ ଭିଡ ଭିତରେ ଅଲଗା କରିଥାଏ । ତାଙ୍କୁ ସାହିତ୍ୟ ଭାରି ଭଲ ଲାଗେ, ତେଣୁ ସେ ଲେଖାଲେଖି କରିବାର ରୁଚି ମଧ୍ୟ ରଖିଛନ୍ତି ବୋଲି ମତ ଦେଇଛନ୍ତି । ତାଙ୍କୁ ଗପ ଶୁଣିବା ଓ ଗପ ଲେଖିବାକୁ ଖୁବ ଭଲ ଲାଗେ । ପିଲାଦିନୁ ସେ ବିଭିନ୍ନ ପ୍ରକାରର ଗପ ଶୁଣି ଶୁଣି ବଡ ହୋଇଛନ୍ତି । ସେ ନିଜ ଖାଲି ସମୟରେ ଗପ ମଧ୍ୟ ଲେଖନ୍ତି ବୋଲି ପ୍ରକାଶ କରିଛନ୍ତି । ଏହା ବ୍ୟତିତ ତାଙ୍କୁ ରୋଷେଇ କରିବା ଓ ଗୀତ ବୋଲିବାର ମଧ୍ୟ ସଉକ ରହିଛି ।

ବାପା– ଗଣିତରେ କେତୋଟି ପ୍ରଶ୍ନ ପଡ଼ିଥିଲା ?
ପୁଅ– ପାଞ୍ଚଟି ।
ବାପା– ତୁ ସବୁ କରିଛୁ ତ ?
ପୁଅ– ସମୟ ହେଲାନି କିଛି ଛାଡ଼ି ଦେଇଛି ।
ବାପା– କେତୋଟି ଛାଡ଼ିଛୁ ?
ପୁଅ– ପ୍ରଥମେ ତିନୋଟି ଓ ଶେଷ ଦୁଇଟି ।



ହାଃହାଃ..ହାଃହାଃ..

# ଶାକାହାରୀ କୁମ୍ଭୀର



କେରଳର ଅନନ୍ତ ପଦ୍ମନାଭ ମନ୍ଦିରରେ ରହିଛି ଏକ ଶାକାହାରି କୁମ୍ଭୀର, ଯିଏ ଏଠିକାର ମୁଖ୍ୟ ଆକର୍ଷଣ ସାଜିଛି । ଏହି କୁମ୍ଭୀରଟିକୁ ୨୦୨୩ରେ ଠାବ କରାଯାଇଛି । କୁମ୍ଭୀରଟି ପୋଖରୀରେ ବାସ କରୁଥିବାବେଳେ ଏହା କୌଣସି ମାଛକୁ ଆହାର ଭାବେ ଗ୍ରହଣ କରିନଥାଏ । ସେହିଭଳି ଏହା କୌଣସି ଶ୍ରଦ୍ଧାଳୁଙ୍କୁ ମଧ୍ୟ ଆକ୍ରମଣ କରିବାର ସୂଚନା ନାହିଁ । ବେଶ୍ ଶାନ୍ତ ସରଳ ଭାବେ ସେ ପୋଖରୀରେ ବାସ କରିଥାଏ । ତେବେ ଏହା ପୂର୍ବରୁ ମଧ୍ୟ ସେହି ସ୍ଥାନରେ ଏକ ଶାକାହାରୀ କୁମ୍ଭୀର ବାସ କରୁଥିଲା ଯାହାର ବୟସାଧିକ କାରଣରୁ ମୃତ୍ୟୁ ହୋଇଥିଲା । ପୂର୍ବ କୁମ୍ଭୀରର ମୃତ୍ୟୁର ଏକ ବର୍ଷ ପରେ ଏହି କୁମ୍ଭୀରକୁ ଠାବ କରାଯାଇଛି । ତେବେ ଏହା ଏକ ସଂଯୋଗ ନା ଏହା ପଛରେ କିଛି ରୋଚକ କାରଣ ରହିଛି ସେ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି ।

# କାଫେ ଦେଇଛି ଭିନ୍ନ ଜୀବନ

ବିଭିନ୍ନ ସମୟରେ କିନ୍ନରଙ୍କର କାର୍ଯ୍ୟ ପୁରା ସମାଜ ପାଇଁ ଉଦାହରଣ ସାଜିଥାଏ । ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଭିନ୍ନଭିନ୍ନ ବଡବଡ ପଦପଦବୀରେ ଅଧିଷ୍ଠ ହୋଇ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥାଏ । ସେହିଭଳି ନିଆରା ଉଦାହରଣ ସୃଷ୍ଟି ହୋଇଛି ମୁମ୍ବାଇରେ । ମୁମ୍ବାଇରେ ଖୋଲିଛି ଏକ କିନ୍ନର ପରିଚାଳିତ କାଫେ । ଏଠାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ କିନ୍ନର । କାଫେ ଟିର ନାଁ ରହିଛି ବମ୍ବାଇ ନଜରିଆ । ଏଠାରେ ସେଫ୍ ଠାରୁ ଆରମ୍ଭ କରି ୱେଟର ସମସ୍ତେ କିନ୍ନର । ଏହି କାଫେ ବର୍ତ୍ତମାନ ସମାଜରେ ଏକ ନୂଆ ବର୍ତ୍ତା ପ୍ରେରଣ କରୁଛି । କାଫେର ପ୍ରଥମ ଉଦ୍ଦେଶ୍ୟ ରହିଛି ସମାଜରେ କିନ୍ନରଙ୍କ ପ୍ରତି ଥିବା ନଜରିଆରେ ପରିବର୍ତ୍ତନ ଆଣିବା । କାଫେ ପକ୍ଷରୁ ଏକ ସ୍ଲୋଗାନ ଜାରି କରାଯାଇଛି, 'ନଜରିଆ ବଦଲୋ ନଜାରା ବଦେଲେଗା' । ଏହି କାଫେରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପରଷା ଯାଉଛି । ଏଠାକୁ ଆସୁଥିବା ଗ୍ରାହକଙ୍କର କର୍ମଚାରୀ ମାନେ ବିଶେଷ ଧ୍ୟାନ ରଖନ୍ତି । କାଫେକୁ ଅନେକ ଲୋକ ଏହାର ଥିମ୍‌ରେ ଆକୃଷ୍ଟ ହୋଇ ଆସିଥାଆନ୍ତି ।



# ରିସାଇକେଲ୍ ଖେଳନା

ଆଜିକାଲି ପ୍ଲାଷ୍ଟିକ୍ ପ୍ରଦୂଷଣର ଏକ ମୁଖ୍ୟ କାରଣ ସାଜିଛି । ଦୈନନ୍ଦିନ ଜୀବନରେ ଆମେ ଅନେକ ସମୟରେ ପ୍ଲାଷ୍ଟିକ୍‌ର ବ୍ୟବହାର କରୁଛେ । ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀର ବ୍ୟବହାର ଦିନ ଭିତରେ କରାଯାଇଥାଏ, ଯାହା ପ୍ରଦୂଷଣର କାରଣ ସାଜିଥାଏ । ଯାହାକୁ ଆଖିରେ ରଖି ବିଭିନ୍ନ ସାମଗ୍ରୀକୁ ରିସାଇକେଲ୍ ପ୍ଲାଷ୍ଟିକ୍ ବ୍ୟବହାର କରି ତିଆରି କରାଯାଉଛି । ସେହି କ୍ରମରେ ଆମେରିକାର ଏକ କମ୍ପାନୀ ପିଲାଙ୍କ ଖେଳନାକୁ ରିସାଇକେଲ୍ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ କରିବା ଆରମ୍ଭ କରିଛି । ଆମେରିକାର ପରିଚିତ ଖେଳନା ତିଆରି କମ୍ପାନୀ ମଟେଲ୍ ବାୟୋ ପ୍ଲାଷ୍ଟିକ୍ ବ୍ୟବହାର କରି କାର୍ବୋନ ନ୍ୟୁଟ୍ରାଲ୍ ଟଏ ପ୍ରସ୍ତୁତ କରୁଛନ୍ତି । ଏହି ଖେଳନା ଗୁଡିକ ୯୯ ପ୍ରତିଶତ ରିସାଇକେଲ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ହେଉଥିବା ଜଣାପଡିଛି । ୨୦୩୦ ସୁଦ୍ଧା କମ୍ପାନୀ ଏହାକୁ ୧୦୦ ପ୍ରତିଶତ କରିବ ବୋଲି ଲକ୍ଷ ରଖିଛି ।



# ଗୁରୁକଲ୍ୟାଣ ମହାପାତ୍ର ସମୟର ମୁଖ୍ୟ ସଂପାଦକ



ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ଜଣାଶୁଣା ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର ସମୟର ମୁଖ୍ୟ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୦ ମସିହାରୁ ସାପ୍ତାହିକ ଇଂରାଜୀ ସମ୍ବାଦପତ୍ର ଇଷ୍ଟର୍ଣ୍ଣ ଟାଇମ୍ସରୁ ତାଙ୍କ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ଶ୍ରୀ ମହାପାତ୍ର ପରବର୍ତ୍ତି ସମୟରେ ରାଜ୍ୟର ବହୁ ପ୍ରମୁଖ ସମ୍ବାଦପତ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି । ସମୟ ସମ୍ବାଦପତ୍ର ଆରମ୍ଭରେ ସେ ରାଜ୍ୟସ୍ତରୀୟ ସାମ୍ବାଦିକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗର ଦୁଇ ଦୁଇ ଥର ମୁଖ୍ୟ ସଂପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ଓଡ଼ିଆରେ ସ୍ନାତକତ୍ତୋର ଡିଗ୍ରୀ ହାସଲ କରିଥିବା ଶ୍ରୀ ମହାପାତ୍ର ମଧ୍ୟ ଜଣେ ବିଶିଷ୍ଟ ସାହିତ୍ୟିକ ଭାବେ ଜଣାଶୁଣା । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଏକାଧିକ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । କବିତା, ଗଳ୍ପ, ପ୍ରବନ୍ଧ ଓ ସ୍ତମ୍ଭ ଲେଖା କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଜ୍ଞାନ ରହିଛି । ଦାୟିତ୍ୱ ଗ୍ରହଣ ପରେ ସମୟ ପକ୍ଷରୁ ତାଙ୍କୁ ବିଧିବଦ୍ଧ ଭାବେ ସ୍ୱାଗତ କରାଯାଇଥିଲା । ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି ଶ୍ରୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ ଲେଙ୍କା, ସଂପାଦକ ପପୁ ମହାନ୍ତି, ବାର୍ତ୍ତା ସଂପାଦକ ସାରଦା ଦେବତା, ମଳୟ ନାୟକ, ଜିଏମ୍ ଆକାଉଣ୍ଟସ୍ ବିଜନ ପାଢ଼ୀ, ମ୍ୟାନେଜର ଏଚ୍ଆର ସତ୍ୟନାରାୟଣ ମହାନ୍ତି, ବିଜ୍ଞାପନ ମ୍ୟାନେଜର ସମୀର ସାମଲ, ସମୟ ଲାଇଭ୍ର ଜେନେରାଲ ମ୍ୟାନେଜର ଶୁଭେନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବସ ପଛରେ ପିଟିଲା ଅଟୋ ରିକ୍ସା : ୩ ଗୁରୁତର

ନିଶ୍ଚିନ୍ତକୋଇଲ,(ସବ୍ୟୁ) :କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅନ୍ତର୍ଗତ ଜହ୍ନିଆ ମାତକତପୁର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଅଟୋ ରିକ୍ସା ଡ୍ରାଇଭର ସହ ୩ ଜଣ ଗୁରୁତର ହୋଇଛନ୍ତି । ଘଟଣା ସ୍ଥଳରୁ ସ୍ଥାନୀୟ ଲୋକମାନେ ଦୁର୍ଘଟଣା ଗ୍ରସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ୩ଜଣଙ୍କର ଅବସ୍ଥା ଉଦବେଗଜନକ ଥିବାରୁ ଡ଼ାକ୍ତର ସେମାନଙ୍କୁ ଆମ୍ବୁଲାନସ ଯୋଗେ କଟକ ବଡ଼ ମେଡ଼ିକାଲ ପଠାଇଛନ୍ତି । କଟକରୁ ରାଜନଗର ଅଭିମୁଖେ ଯାଉଥିବା ଏକ ଅଟୋରେ ଡ୍ରାଇଭର ସୋନା ଖାଁ କେନ୍ଦ୍ରାପଡ଼ା ଜିଲ୍ଲା ଅଧିନ ପଥରକଣିରେ ଥିବା ଲେବର କଣ୍ଟ୍ରାକଟର କାର୍ଯ୍ୟାଳୟକୁ ୭ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ନେଇ ଯାଉଥିଲା । ଏହି ସମୟରେ ଦ୍ରୁତ ଗତିରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ କାର ଏହି ୩ଚକିଆ ଅଟୋଟିକୁ ସାଇଟ ମାରିଦେଇ ବସକୁ ଅତିକ୍ରମ କରି ଚାଲିଯାଇଥିଲା । ଫଳରେ ଅଟୋଟି ଭାରସାମ୍ୟ ହରାଇ ବସ ପଛରେ ପିଟି ହୋଇଥିଲା । ଯାହାଦ୍ୱାରା ଅଟୋରେ ଥିବା ଶ୍ରମିକ ବଳରାମ ମୁଣ୍ଡା ଓ ମହମ୍ମଦ ସକିଲଙ୍କ ଅବସ୍ଥା ଗୁରୁତର ହୋଇଯାଇଛି । ଅଟୋରେ ଥିବା ଅନ୍ୟ ୪ଜଣ ସାମାନ୍ୟ ଆହତ ହୋଇଥିଲେ । ଯାଜପୁର ଜିଲ୍ଲାର ଏହି ଶ୍ରମିକ ମାନେ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ କାର୍ଯ୍ୟ ସାରି କେନ୍ଦ୍ରାପଡ଼ା ଜିଲ୍ଲା ପଥରକଣାକୁ ଫେରୁଥିଲେ । ଦୁର୍ଘଟଣା ଖବର ପାଇ ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବସ ଓ ଅଟୋକୁ ଜବତ କରିଥିଲା ବେଳେ କାରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ।

# ଶୋଷ ମେଣ୍ଟାଇ ପାରୁନି କୁହୁଣ୍ଡା-ସିପୁରା ପାନୀୟଜଳ ପ୍ରକଳ୍ପ

କୁଆଁପାଳ ,(ସବ୍ୟୁ) :ମାହାଙ୍ଗାରେ ମେଗା ପାନୀୟଜଳ ପ୍ରକଳ୍ପ ପଦ୍ମ ଘୁଂଚି ଘୁଂଚି ଯିବା ନ୍ୟାୟରେ ମୂଳବସନ୍ତ ପଂଚାୟତ ହଂସଦିଆ ,ମୂଳବସନ୍ତ ଓ ସିପୁରା ଏବଂ ଧର୍ମଦାସପୁର ଢିଅସାହିରେ ପାନୀୟଜଳ ଯୋଗାଇ ଦେବାରେ ସଫଳ ହୋଇପାରୁନାହିଁ । ଗତ ୨୦୦୩ ମସିହାଠାରୁ ମୂଳବସନ୍ତ ପଂଚାୟତ ହଂସଦିଆ ମଣିଘାଟ ଠାରେ କୁହୁଣ୍ଡା -ସିପୁରା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଆସୁଅଛି । ଏହି ପ୍ରକଳ୍ପ ଦ୍ୱାରା ମୂଳବସନ୍ତ ପଂଚାୟତର ମୂଳବସନ୍ତ, ସିପୁରା, ଗୁଣୁପୁର, ହଂସଦିଆ, ଉତରସାହି ଏବଂ କୁହୁଣ୍ଡା ପଂଚାୟତର କଲ୍ୟାଣପୁର,ବ ନଗୁରିଆ, ଶଙ୍ଖପୁର, କୋଠପଦା ଓ ଧଉଳିଆ ଆଦି ଗ୍ରାମକୁ ପାଣି ଯୋଗାଇ ଆସୁଥିଲା । ବର୍ତମାନ ଏହି ପ୍ରକଳ୍ପରେ ମୂଳବସନ୍ତ,ହଂସଦିଆ ,କୁହୁଣ୍ଡା ପଂଚାୟତର ୪ ଗୋଟି ୱାର୍ଡ ପାନୀୟଜଳ ଯୋଗାଇ ଦେବାରେ ସଫଳ ହୋଇପାରୁନାହିଁ । ଏହାର ପ୍ରମୁଖ କାରଣ ହେଉଛି ଅନେକ ଜାଗାରେ ପାଇପ ଫାଟି ପାଣି ବିଲରେ ମାଡୁଛି ତ କେଉଁଠି ଶହେ ଲୋକକୁ ଗୋଟିଏ ଟ୍ୟାପ ଯୋଗାଇ ଦିଆଯାଇଥିଲା । କିନ୍ତୁ ଏବେ ପ୍ରତ୍ୟେକ ଲୋକେ ନିଜ ଘର ନିକଟରେ ଗୋଟେ ଗୋଟେ ଟ୍ୟାପ ସହ ବେଆଇନ ମଟର ସଂଯୋଗ ଏବଂ ଦୀର୍ଘ ଦିନ ହେବ ପଡିରହିଥିବା ପାଇପ ମଧ୍ୟରେ ମାଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ରହି ଯାଇଥିବାରୁ ପାଇପଟି ଜାମ ହୋଇ ପାଣି ଶେଷ ମୁଣ୍ଡକୁ ପହଂଚି ପାରୁନାହିଁ । ଅନେକ ସ୍ଥାନରେ ଟ୍ୟାପଟି ସଂପୂର୍ଣ୍ଣ ଖୋଲା ରହୁଥିବାରୁ ସବୁ ସମୟରେ ପାଣି ବାହାରି ନଷ୍ଟ ହେଉଛି । ଏହି ପାଣିକୁ ପିଇବା ବଦଳରେ ସେହି ସ୍ଥାନରେ ଗାଧୋଇବା,ଲୁଗା ସଫା କରିବା ଆଦି କାର୍ଯ୍ୟ କରୁଥିବାରୁ ଶେଷ ମୁଣ୍ଡରେ ଥିବା ଲୋକମାନେ ପାଣି ପାଇବାରୁ ବଂଚିତ ହେଉଛନ୍ତି । ଏ ନେଇ ଲୋକେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଲୋକମାନେ ବିଶୁଦ୍ଧ ପାଣି ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପ ଅଧିନରେ ଥିବା ଗାଁ ଗୁଡିକ ମଧ୍ୟରେ ହଂସଦିଆ ଏକ ନଂ ୱାର୍ଡ,ମୂଳବସନ୍ତ ଅଲରାପୁର ,ବଢେଇସାହି ,ବ୍ରାହ୍ମଣସାହି ,ଭଦ୍ରସାହି ,ମୂଳବସନ୍ତ ସ୍କୁଲ ପଛପଟେ ଥିବା ଦଳିତ ସାହି ,ସିପୁରା ,ଧର୍ମଦାସପୁର ଢିଅସାହି ଆଦି ଅନେକ ଜାଗାରେ ରହୁଥିବା ଲୋକମାନେ ପାଣି ପିଇବାରୁ ବଂଚିତ ହେବା ସହ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି । ଯାହା ଫଳରେ ଲୋକମାନେ ପାଣି ପାଇଁ ୧ କିମିରୁ ଅଧିକ ବାଟ ଯାଇ ପାଣି ଆଣୁଥିବା ଦେଖିବାକୁ ମିଳିଛି । ବର୍ତମାନ ମାହାଙ୍ଗା ବ୍ଲକ ଅଂଚଳରେ ଦୁଇ ଶହ କୋଟିରୁ ଉର୍ଦ୍ଧ ଟଙ୍କାରେ ମେଗା ପାନୀୟଜଳ ପ୍ରକଳ୍ପ ୨୦୦୦ ମସିହା ଠାରୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।

# ଯୁବକଙ୍କ ଆତ୍ମହତ୍ୟା

ବାରଙ୍ଗ,(ସବ୍ୟୁ) :ନନ୍ଦନକାନନ ଥାନା ଅଧୀନସ୍ଥ ଗଣ୍ଡରପୁର ମଝିସାହିର ମଣ୍ଟୁ ରାଉତ(୨୯) ନାମକ ଯୁବକ ବେକରେ ରାଶି ଲଗାଇ ଗୁରୁବାର ରାତିରେ ଫ୍ୟାନରେ ଝୁଲିପଡ଼ିଥିଲେ।ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା।ଗୁରୁବାର ରାତିରେ ମଣ୍ଟୁ ବ୍ୟବହାର କରୁଥିବା ମୋବାଇଲ୍କୁ ପରିବାରଲୋକ ନେଇଯିବାକୁ ନେଇ ମଣ୍ଟୁ ଓ ତାର ଭାଇ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା।ଏହାକୁ ନେଇ ମଣ୍ଟୁ ଘର ବନ୍ଦ କରି ରହିଥିଲା।କିଛି ସମୟ ପରେ ପରିବାର ଲୋକ ସଂଦେହ କରି ମଣ୍ଟୁ କୁ ଡାକିବା ପରେ ସେ କବାଟ ଖୋଲିନଥିଲେ।ପରେ କବାଟ ଭାଙ୍ଗିବା ପରେ ଫ୍ୟାନରେ ଝୁଲୁଥିବା ବେଳେ ମଣ୍ଟୁଙ୍କୁ ଉଦ୍ଧାର କରି ପରିବାର ଲୋକ ଡାକ୍ତରଖାନାକୁ ନେଇଥିଲେ ବୋଲି ପୋଲିସ ଶୁକ୍ରବାର କରିଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି।

## ରେଙ୍ଗାଲି କେନାଲରେ ବୁଡ଼ି ଯୁବକ ମୃତ

ଆଠଗଡ଼,(ସବ୍ୟୁ) : ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଠାରେ ଥିବା ରେଙ୍ଗାଲି କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଆଠଗଡ଼ ହାଉସିଂ ବୋର୍ଡ଼ ଅଞ୍ଚଳର ବିଜୟ ରଥଙ୍କ ପୁଅ ରାହୁଲ ଓରଫ୍ ଲକ୍ଷ୍ମୀ ପ୍ରସାଦ ରଥ (୧୮) ବୋଲି ଜଣାଯାଇଛି। ବିଜୟଙ୍କ ନିଜ ଘର ଗୋବିନ୍ଦ ପ୍ରସାଦ ହୋଇ ଥିବା ବେଳେ ସେ ଗତ କୋଡ଼ିଏ ବର୍ଷ ଧରି ଆଠଗଡ଼ ରେ ରହି ଆସୁଥିଲେ।ରାହୁଲ ତାଙ୍କର ଗାଁ କୁ ଯାଇଥିବା ବେଳେ ରେଙ୍ଗାଲି କେନାଲରେ ଗାଧୋଇବା ଯାଇ ସେଠାରେ ବୁଡ଼ି ଯାଇଥିଲେ। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହିତ ଗୋଟିଏ ଅପମୃତ୍ୟୁ ମାମଲା ୧୦/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି ହାଇକୋର୍ଟ ବାର ନିର୍ବାଚନ

# ମତଦାନ କରିବେ ୪ ହଜାର ୭୫୦ ଆଇନଜୀବୀ

କଟକ,(ସବ୍ୟୁ): ଶନିବାର ଅନୁଷ୍ଠିତ ହେବାକୁ ଥିବା ହାଇକୋର୍ଟ ବାର୍ ଆସୋସିଏସନ୍‌ର ବିଭିନ୍ନ ପଦପଦବି ଲାଗି ୪ ହଜାର ୭୫୦ ଜଣ ଆଇନଜୀବୀ ସେମାନଙ୍କ ମତଦାନ କରିବେ । ସକାଳ ସାଢ଼େ ୭ଟାରୁ ଭୋଟ୍ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ଭୋଟ୍ ଗ୍ରହଣ ଚାଲିବ । ୫ଟାରୁ ଭୋଟ୍ ଗଣତି ଆରମ୍ଭ ହେବ । ଦୁଇଦିନ ଧରି ଏହି ଭୋଟ୍ ଗଣତି ପ୍ରକ୍ରିୟା ଜାରି ରହିବ ବୋଲି ହାଇକୋର୍ଟ ବାର୍ ଆସୋସିଏସନ୍ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ପ୍ରକାଶ ରଞ୍ଜନ ବାରିକ୍ ସୂଚନା ଦେଇଛନ୍ତି ।

ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ପଦ ଲାଗି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଏବଂ ଆଇନଜୀବୀ ସୁରେନ୍ଦ୍ର ନାଥ କରଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ଅନୁଷ୍ଠିତ ହେଉଛି । ସେହିପରି ଉପ-ସଭାପତି ପଦଲାଗି ଆଇନଜୀବୀ ବିଷ୍ଣୁ ମୋହନ ମହାପାତ୍ର, ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର, ରବୀନ୍ଦ୍ର ନାଥ ପାଲ, ଆଇନଜୀବୀ ସିଦ୍ଧାର୍ଥ ଦାସ ଏବଂ ତ୍ରିଲୋଚନ ବାରିକ୍ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସମ୍ପାଦକ ପଦ ଲାଗି ଆଇନଜୀବୀ ଅଶୋକ କୁମାର ଦାସ, ଆଇନଜୀବୀ ଅଭିଜିତ୍ ପଟ୍ଟନାୟକ, ଆଇନଜୀବୀ ଦିଲ୍ଲୀପ କୁମାର ରାୟ, ଆଇନଜୀବୀ ହୃଦାନନ୍ଦ ମହାପାତ୍ର, ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି । ସେହିପରି ଯୁଗ୍ମ ସମ୍ପାଦକ ପଦପାଇଁ ଆଇନଜୀବୀ ମନୋରଞ୍ଜନ ପାଢ଼ୀ, ଆଇନଜୀବୀ ପଦ୍ମାଳୟା ମହାପାତ୍ର, ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି, ଆଇନଜୀବୀ ସୋମନାଥ ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି । ସହକାରୀ ସମ୍ପାଦକ ପଦବୀ ଲାଗି ଆଇନଜୀବୀ ଅଭିଜିତ୍ ଦାଶ, ଆଇନଜୀବୀ ଅଭିଷେକ ମହାନ୍ତି, ଆଇନଜୀବୀ ଆଶୁତୋଷ ମହନ୍ତ, ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ପାଠାଗାର ସହକାରୀ ସମ୍ପାଦକ ପଦ ଲାଗି ଆଇନଜୀବୀ ଆଶିଷ କୁମାର ମିଶ୍ର, ଆଇନଜୀବୀ ଦେବସ୍ମିତା ଦେବଦର୍ଶିନୀ, ଆଇନଜୀବୀ ମଦନ ସୁନ୍ଦର ବେହେରା, ଆଇନଜୀବୀ ସପନ କୁମାର ପାଲ, ଆଇନଜୀବୀ ଶ୍ରଦ୍ଧାଞ୍ଜଳି ସାହୁ, ଆଇନଜୀବୀ ଶ୍ରୀନିବାସ ଖଣ୍ଡେଇ ର୍ନିବାଚନ ମଇଦାନକୁ ଓହ୍ଲାଇଛନ୍ତି । ୯ଟି କାର୍ଯ୍ୟନିର୍ବାହୀ ପଦ ଲାଗି ୧୩ଜଣ ଯୁବ ଆଇନଜୀବୀ ପ୍ରାର୍ଥୀ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ବାରିକ୍ଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଆଜି ହାଇକୋର୍ଟ ବାର୍ ସମେତ ରାଜ୍ୟର ୧୫୬ଟି ବାର୍‌ରେ ନିର୍ବାଚନ

# ମତଦାନ କରିବେ ୩୭,୨୫୩ ଆଇନଜୀବୀ 'ୱାନ୍ ବାର୍, ୱାନ୍ ଭୋଟ୍'

କଟକ,(ସବ୍ୟୁ): ଆସନ୍ତାକାଲି ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ରାଜ୍ୟର ୧୫୬ଟି ବାର୍ ଆସୋସିଏସନ୍‌ର ସଭାପତି, ସମ୍ପାଦକ, ସହକାରୀ ସମ୍ପାଦକ, ଉପ-ସଭାପତି, ପାଠାଗାର ସମ୍ପାଦକ, କାର୍ଯ୍ୟର୍ନିବାହୀ ସଦସ୍ୟ ଆଦି ପଦଲାଗି ନିର୍ବାଚନ ହେବ । ଏଥିପାଇଁ ୩୭ ହଜାର ୨୫୩ଜଣ ଆଇନଜୀବୀ ସେମାନଙ୍କର ମତଦାନ କରିବେ। 'ୱାନ୍ ବାର, ୱାନ୍ ଭୋଟ୍' ନିୟମରେ ର୍ନିବାଚନ ଅନୁଷ୍ଠିତ ହେବ । ଅର୍ଥାତ ଜଣେ ଆଇନଜୀବୀ କେବଳ ଗୋଟିଏ ବାର୍ ପାଇଁ ନିଜ ମତଦାନ ସାବ୍ୟସ୍ତ କରିପାରିବେ । ସମସ୍ତ ବାରରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ଲାଗି ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅନୁରୋଧ କରିଛନ୍ତି ।

# ଗୋରୁ ବୋଝେଇ ଗାଡ଼ି ଜବତ, ୨ ଅଟକ

ବାରଙ୍ଗ,(ସବ୍ୟୁ) : ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାରେ ଯାଉଥିବା ଏକ ଗୋରୁ ବୋଝେଇ ଗାଡ଼ିକୁ ଗୁରୁବାର ଦିନ ଜବତ କରିଛି ବାରଙ୍ଗଥାନା ପୋଲିସ। ପ୍ରକାଶଯେ, ଗୁରୁବାର ସକାଳ୧୦ ଟା ପାଖାପାଖି ବାଙ୍କୀ ଅଂଚଳରୁ ଓଡି ୦୫ଏଡବ୍ଲ୍ୟୁ୦୭୯୦ ନମ୍ବର ଏକ ଟାଟାଏସି ଗାଡ଼ିରେ ଗୋରୁ ବୋଝେଇ କରି ଦ୍ରୁତଗତିରେ ଆସୁଥିବାବେଳେ ଗାଡ଼ିକୁ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଫକୀରପଡ଼ା ଛକ ନିକଟରେ ସ୍ଥାନୀୟ ଲୋକମାନେ ଅଟକାଇଥିଲେ। ଲୋକମାନେ ଗାଡ଼ିକୁ ରୋକିବା ପରେ ଘଟଣାସ୍ଥଳରୁ ଗୋରୁ ବୋଝେଇ ଗାଡ଼ି ଚାଳକ ଓ ତାର ସହଯୋଗୀ ଫେରାର ହେବା ପାଇଁ ଚେଷ୍ଟା କରୁଥିବାବେଳେ ଲୋକମାନେ ଦୁଇଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।ଖବରପାଇ ବାରଙ୍ଗଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁବୋଝେଇ ଗାଡ଼ିକୁ ଜବତ କରିବା ସହ ଗାଡିରେ ଥିବା ଗୋଟିଏ ଗାଈ, ଗୋଟିଏ ଛୋଟଛୁଆ ବାଛୁରୀ ଓ ଗୋଟିଏ ଅଣ୍ଡିରାବାଛୁରୀକୁ ଉଦ୍ଧାର କରିଥିଲେ।ଲୋକମାନଙ୍କ ଦ୍ୱାରା ଅଟକଥିବା ଗାଡ଼ିଚାଳକ ଓ ତାର ସହଯୋଗୀକୁ ପୁଲିସ ଥାନାକୁ ଆଣି ପଚରାଉଚରା କରୁଛି।ଅନ୍ୟପଟେ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ସ୍ଥାନୀୟ ଲୋକମାନେ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାର ଜଣାପଡିଛି।

## ବେଦାନ୍ତର ୱାଶ୍ ପକ୍ଷରୁ ଝାରସୁଗୁଡ଼ାରେ

# ବାୟୋ-ଶୌଚାଳୟ, ସୌରଚାଳିତ ବୋରୱେଲ୍, ଜଳ ବିଶୋଧକ ସ୍ଥାପନ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତଆଲୁମିନିୟମ୍ ଏହାର ଫ୍ଲାଗସିପ୍ ଯୋଜନା ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ୍) ପଦକ୍ଷେପ ଅଧୀନରେ ଝାରସୁଗୁଡା ଜିଲ୍ଲାର କୁରାଲୋଇର ପ୍ରମୁଖ ସ୍ଥାନରେ ଜଳ ବିଶୋଧକ ସହିତ ବାୟୋ-ଶୌଚାଳୟ ଏବଂ ସୌର ଚାଳିତ ବୋର-ୱେଲ୍ ସ୍ଥାପନ କରିଛି ଯାହା ୫୫୦୦ ରୁ ଅଧିକ ଲୋକଙ୍କୁ ଉପକୃତ କରିଛି । ଏହାର ଉଦଘାଟନୀ ସମାରୋହରେ ଯୋଗ ଦେଇ ଏବଂ ଏହି ଅଞ୍ଚଳର ସ୍ୱଚ୍ଛ ଜଳ ଏବଂ ଉନ୍ନତ ପରିମଳ ଭିତ୍ତିଭୂମିର ଆବଶ୍ୟକତା ଉପରେ ଆଲୋକପାତ କରି ବେଲପାହାଡ଼ ପୌରାଧକ୍ଷ ନିମୟ ଚରଣ ପଣ୍ଡା କହିଛନ୍ତି ଯେ ଭୂତଳ ଜଳରେ ଅଧିକ ପରିମାଣର ଲୌହ ଅଂଶ ଥିବାରୁ ଏହି ଅଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଯେହେତୁ ଗ୍ରୀଷ୍ମ ମାସ ଆରମ୍ଭରୁ ଜଳର ଅଭାବ ଏବଂ ସ୍ୱଚ୍ଛ ପରିମଳ ଭିତ୍ତିଭୂମି ଅନ୍ୟ ଏକ ଜରୁରୀ ଆବଶ୍ୟକତା ଥିଲା ତାହାର ସମାଧାନ କରିବା ଏବଂ ଆମ ଅଞ୍ଚଳରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିଥିବାରୁ ମୁଁ ବେଦା' ଆଲୁମିନିୟମକୁ ଧନ୍ୟବାଦ ଜଣାଉଛି ।



ବେଦାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରି କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛିଁ ଯେ ଆମର ପ୍ରୟାସ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସହିତ ଘନିଷ୍ଠ ଭାବରେ ଯୋଡ଼ି ହୋଇଛି, ବିଶେଷ କରି ଏସଡିଜି ୬, ଯାହା ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଧ୍ୟାନ ଦେଇଥାଏ । ଏହି ଅଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ବୃଦ୍ଧି କରିବା ଏବଂ ପରିମଳ ଭିତ୍ତିଭୂମିରେ ଉନ୍ନତି ଆଣିବା ଦ୍ୱାରା, ଆମେ ସୁସ୍ଥ, ଅଧିକ ସହନଶୀଳ ସମ୍ପ୍ରଦାୟ ସୃଷ୍ଟି କରିବା ଏବଂ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛୁ ସେଠାରେ ସ୍ଥାୟୀ ବିକାଶ କରିବା ଆମର ଲକ୍ଷ୍ୟ । ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଣନୀତିକ ଭାବରେ ସ୍ଥାପିତ ବାୟୋ-ଶୌଚାଳୟ ଏକ 'ଏନାରୋବିକ୍ ବାୟୋ-ଡାଇଜେଷ୍ଟର୍ ସିଷ୍ଟମ୍' ମାଧ୍ୟମରେ କାର୍ଯ୍ୟ କରେ ଯେଉଁଠାରେ ସ୍ୱତନ୍ତ୍ର ଭାବରେ ବିକଶିତ ବ୍ୟାକ୍ଟେରିଆ ବର୍ଜ୍ୟବସ୍ତୁକୁ ଅପଘଟିତ କରି ଏହାକୁ ପାଣି, ମିଥେନ୍ ଏବଂ କାର୍ବନ ଡାଇଅକ୍ସାଇଡରେ ପରିଣତ କରେ ଯାହା ହାତରେ ବର୍ଜ୍ୟବସ୍ତୁ ଅପସାରଣର ଆବଶ୍ୟକତାକୁ ସମାପ୍ତ କରିଥାଏ ଏବଂ ସ୍ଥାୟୀ ପରିମଳକୁ ପ୍ରୋତ୍ସାହିତ କରେ । ଏହାବ୍ୟତୀତ ସୌରଶକ୍ତି ଚାଳିତ ବୋରୱେଲ ଏବଂ ଜଳ ବିଶୋଧକଗୁଡ଼ିକ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇଥାଏ ।

## ଏଥର ପକ୍ଷରୁ ଭୁବନେଶ୍ୱରରେ ଖୋଲିଲା ତୃତୀୟ ଏକ୍ସପେରିଏନ୍ସ ସେଣ୍ଟର

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି ଲିମିଟେଡ ଭୁବନଶ୍ୱରର ପୁରୀ ବାଇପାସ୍ ରୋଡ୍ ପାଣ୍ଡେରା ଛକଠାରେ ଏହାର ତୃତୀୟ ଏକ୍ସପେରିଏନ୍ସ ସେଣ୍ଟର 'ଏଥର୍ ସ୍ପେଶ' ର ଶୁଭାରମ୍ଭ ହୋଇଛି । ଏହି ଏକ୍ସପେରିଏନ୍ସ ସେଣ୍ଟରରେ ଗ୍ରାହକମାନେ




ଏଥରର୍ ପ୍ରଥମ ଫ୍ୟାମିଲି ସ୍କୁଟର ରିଷ୍ଟା, ଏଥର-୪୫୦ ଏବିଏସ୍, ଏଥର-୪୫୦ଏସ, ଏଥର-୪୫୦ଏକ୍ସପ୍ରୋ କ୍ରୟ କରିପାରିବେ । ଏହି ଅବସରର ଏଥର ଏନର୍ଜିର ନ୍ୟାସନାଲ ସେଲ୍ସ ହେଡ୍ ଉମେଶ ଚୌଧୁରୀ ଓ ସୋରୁମର ପ୍ରତିଷ୍ଠାତା ଅର୍ଣ୍ଣବ ବେହେରା ଓ ଅର୍ଣ୍ଣବ ପ୍ରଧାନଙ୍କ ସହ ଏଥର ଏନର୍ଜିର ପୂର୍ବାଞ୍ଚଳର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାର ଗ୍ରାଣ୍ଡ ଓପନିଙ୍ଗରେ ୧୫ଟି ଗାଡି ଡେଲିଭରି ଦିଆହୋଇଛି ଓ ୨୦ଟି ଗାଡି ବୁକିଙ୍ଗ ହୋଇଛି । ଇଲେକ୍ଟ୍ରିକ ଗାଡି କ୍ଷେତ୍ରରେ ବିକାଶକୁ ବଢାଇବା ପାଇଁ ଏଥର୍ ଏନର୍ଜି ତରଫରୁ ଅନେକ ପ୍ରକାର ମଡେଲମାନ ବଜାରକୁ ଛଡାଯାଉଛି ।


BAJAJ FINSERV

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି

**ବଜାଜ ଫାଇନାନ୍ସ ଲିମିଟେଡ୍**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;

(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କ କୁ ଯାଇ ପାରିବେ: http://172.30.1.235:3000/?WOUB2QG9W

(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;

(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ

(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।

(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।

(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(11-04-25) **ଆଠଗଡ଼-ବୀରକିଶୋରପୁର**: PCQ8SGL10615238, 0622701, 0847173, 0905920. **ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍**: PEI4SGL10569212, 0584977, 0628777, 0642640, 0677924, 0677480, 0677257, 0691181, 0693413, 0715833, 0747693, 0744019, 0781084, 0837745, 0858122, 0857526, 0875401. **ବାଲୁଗାଁ-ମେନ୍ ରୋଡ୍**: PCQ9SGL9864197, 0355598, 0598922, 0644876, 0873872, 0904284. **ବରଗଡ଼ - ଖାରଜଟୀ କାଲା**: PGC3SGL10661732, 0665836, 0721039, 0734385, 0747247, 0774107, 0802237, 0795092, 0816443, 0851555, 0850173, 0848715, 0875123, 0888663, 0883105, 0908747, 0905697, 0907994. **ବାରିପଦା - KC ସର୍କଲ୍**: P4C7SGL10697790, 0809888, 0854126, 0894059, 0909449, 0927431. (14-04-25) **ବାସୁଦେବପୁର - AB କଲେଜ୍ ଚୌକ**: PJE1SGL10866909, 0908248. **ଭଦ୍ରକ ସାଲାଣ୍ଡି ବାଇପାସ୍**: PCR1SGL10584037, 0658225, 0704788, 0708050, 0718156, 0748158, 0852296, 0921875. **ଭବାନୀପାଟଣା - BGL**; PU41SGL10709885, 0721582, 0801592, 0821000, 0837341, 0882670. **ଭୁବନେଶ୍ୱର - ଖଣ୍ଡଗିରି**; PER5SGL10673701, 0680650, 0885939, 0922517, 0919039. (15-04-25) **ଭୁବନେଶ୍ୱର - BGL**; P423SGL10573266, 0569729, 0641566, 0666237, 0680541, 0677966, 0767814, 0761140, 0798507, 0799047, 0871168, 0904022. **ବୁଗୁଡ଼ା-ମେନ୍ ରୋଡ୍**; P09QSGL10703925, 0827481, 0887711. **କଟକ-ଲିଙ୍କ ରୋଡ୍**; PGG9SGL10622922, 0642338, 0783630, 0781729. **ଜଗତସିଂହପୁର**; PU42SGL10743847, 0853204, 0868573, 0917708. (16-04-25) **ଯାଜପୁର - ଟାଉନ୍ ଶୀତଳେଶ୍ୱର**; PJU7SGL10648475, 0775753, 0830461. **ଜଟଣୀ-ମେନ୍ ରୋଡ୍**; PCR2SGL10751057, 0747094, 0800997, 0869202. **ଜୟପୁର-ଏମ୍.ଜି ରୋଡ୍**; PGH2SGL10689358, 0709367, 0708043, 0778763, 0800090, 0795327, 0796520, 0811631, 0859422, 0852848, 0848619, 0867374, 0886397, 0886907, 0882538, 0927489. **ଝାରସୁଗୁଡ଼ା-ବେହେରାମଲ**; PG62SGL9755773, 0266218, 0567610, 0613141, 0659957, 0689107, 0742013, 0926500. **କଣିହାଁ-NTPC ବାଇପାସ୍ ରୋଡ୍**; PV26SGL10566120, 0742354, 0745728, 0750854, 0761856, 0774945, 0791767, 0827457, 0858931, 0856380, 0851357, 0848771, 0925883, 0919166. (17-04-25) **କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍**; PGT6SGL10751314, 0741883, 0891328. **କେନ୍ଦୁଝର-ମାଇନିଂ ରୋଡ୍**; PCQ7SGL10572566, 0595934, 0661635, 0681561, 0759354, 0820264, 0822053, 0865380, 0919512. **ଖୋର୍ଦ୍ଧା ମେନ୍ ଟାଉନ୍**; PDA3SGL10624544, 0676147, 0717483, 0749833, 0817267. **କୋରାପୁଟ**; PU40GOL1795171, 1907865, 1978648, 1978763, 2077146, 2100620, 2105465, 2124323, 2146945, 2178010, 2181380, 2223347, 2249781, 2265307, 2384260, 2388107, 2395787, 2394394, 2426118, 2452533, 2461479, 2772140, 2823224, 2877091, 2919271. (18-04-25) **କୁଚିଣ୍ଡା - BGL**; P93KSGL10584902, 0612405, 0765948, 0808222, 0810855, 0909861, 0909065, 0923503. **ନବରଙ୍ଗପୁର - ପଟେଲ ମାର୍ଗ**: PCR3SGL10211597, 0582657, 0594050, 0607662, 0613049, 0629936, 0646732, 0642327, 0658262, 0665401, 0667863, 0692650, 0708428, 0717055, 0728699, 0746742, 0747042, 0767909, 0781691, 0793959, 0815542, 0831001, 0835650, 0847727, 0857409, 0848845, 0873325, 0916463. **ନିମାପଡ଼ା - ଗଣେଶ ବଜାର୍**; PJE2SGL10428467, 0601637, 0750118, 0834805, 0857452, 0891968. **ଫୁଲବାଣୀ**; P93ASGL10603119, 0713994, 0715431, 0719347, 0750179, 0760660, 0759846, 0783775, 0815389, 0829828, 0872306, 0885805, 0902228, 0909398, 0919064. **ପିପିଲି - ହାତା ଚୌକ୍**; PGE1SGL10585207, 0669105, 0688864, 0741411, 0742864, 0871018. (21-04-25) **ପୁରୀ ଭି.ଆଇ.ପି ରୋଡ୍**; PEK3SGL10660993, 0691830, 0812801, 0871424, 0884110. **ରାଜଗାଙ୍ଗପୁର - BGL**; P504SGL10589700, 0595066, 0645421, 0717840, 0718256, 0782955, 0793555, 0846681, 0868807, 0886326, 0925825. **ରାୟଗଡ଼-ପି.ଏସ୍.ଆର୍ ରୋଡ୍**; PCR4SGL10202933, 0676314, 0694756, 0706273, 0730775, 0785077, 0888632. **ରାଉରକେଲା-କୋଏଲ ନଗର**; PER3SGL10254585, 0916993. (22-04-25) **ନୂଆପଡ଼ା - BGL**; P86HSGL10609268, 0630605, 0661200, 0666587, 0677512, 0763758, 0761898. **ସାଲେପୁର-ମେନ୍ ରୋଡ୍**; PGN9SGL10613460, 0649165, 0718053. **ଟାଙ୍ଗୀ-ମେନ୍ ରୋଡ୍**; PG01SGL10566535, 0588853, 0625181, 0628605, 0641714, 0668070, 0702696, 0745570, 0746087, 0752706, 0776667, 0904851. **ଉମରକୋଟ - ଗୁଳିପାଟଣା**; PJE3SGL10719929, 0746145, 0747478, 0850390, 0903711.

**ବଜାଜ ଫାଇନାନ୍ସ ଲିମିଟେଡ୍**



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସ୍ଥଳର ମୁଖ୍ୟ ପ୍ରବେଶ ପଥ



ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଏକାଦଶାହରେ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

# ଯୋଗ ଦେଲେ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଦ୍ୱାଦଶାହ ଉପଲକ୍ଷେ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କେବଳ ବିଜେପି ନେତା ନୁହଁନ୍ତି ରାଜ୍ୟର ସମସ୍ତ ରାଜନୈତିକ ଦଳର ବିଧାୟକ, ସାଂସଦ ଓ ପ୍ରଶାସକମାନେ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ସ୍ୱର୍ଗତ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହୋଇଥିଲା । ଏହି ଅବସରରେ ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ, ଜାମ୍ମୁ ଓ କାଶ୍ମୀର ଏଲଜି ମନୋଜ ସିହ୍ନା, ଝାଡଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର, ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପଟି, ବାଚସ୍ପତି ସୁରମା ପାଢ଼ୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫର୍ଣ୍ଣାଡଭିସ, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଯୋଗଗୁରୁ ବାବା ରାମଦେବ, ବିଜେପି ସାଂସଦ ମନୋଜ ତିୱାରୀ, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ରାଜ୍ୟର ସମସ୍ତ ମନ୍ତ୍ରୀମଣ୍ଡଳ ସମେତ ବିଧାୟକ ଏବଂ ପ୍ରଶାସକମାନେ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ସ୍ୱର୍ଗତ ପ୍ରଧାନ ୧୯୮୦ ମସିହାରେ ରାଜନୈତିକ କ୍ୟାରିୟର ଆରମ୍ଭ କରି ମଣ୍ଡଳ ସଭାପତିରୁ କେନ୍ଦ୍ରମନ୍ତ୍ରୀ ପର୍ଯ୍ୟନ୍ତ ଯାତ୍ରା କରିଥିବା ଏହି ରାଷ୍ଟ୍ରବାଦୀ ମଣିଷ ଓଡ଼ିଶା ପାଇଁ ଛାଡ଼ି ଯାଇଛନ୍ତି ଅସୁମାରୀ ସ୍ୱପ୍ନ, ଆକାଂକ୍ଷା ଓ ଅଭିଳାଷ । ଓଡ଼ିଶା ରାଜପଥ ବିକାଶର ଏହି ଅଗ୍ରଦୂତ ଆମ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି ଯାଇଛନ୍ତି । ଦଳମତ ସୀମା ଭିତରେ ଆବଦ୍ଧ ନ ରହି ସାମୂହିକ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରିବାକୁ ଏହି ନିଷ୍ଠାପର ଜନସେବକ ପ୍ରେରଣା ଦେଇ ଯାଇଛନ୍ତି । ୧୯୪୧ ଜୁଲାଇ ୧୬ରେ ଜନ୍ମିତ ଦିବଂଗତ ପ୍ରଧାନଙ୍କ ପ୍ରଚେଷ୍ଟା, ତ୍ୟାଗ, ନିଷ୍ଠାପର ଉଦ୍ୟମ ଯୋଗୁଁ ଆଜି ରାଜ୍ୟ ଓ ଦେଶରେ ବିଜେପି ସରକାର ଗଠନ କରିପାରିଛି । ସେ ଥିଲେ ରାଜ୍ୟ ବିଜେପିର ପ୍ରମୁଖ ବିନ୍ଧାଣୀ । ଯେଉଁ ସମୟରେ ରାଜ୍ୟରେ ଦଳର କୌଣସି ସ୍ଥିତି ନଥିଲା ସେତେବେଳେ ସେ ଦଳକୁ ମଝବୁତ କରିବା ପାଇଁ ଲାଗି ପଡ଼ିଥିଲେ । ସେ ବିଜେପିର ଯେଉଁ ବୀଜ ବପନ କରିଥିଲେ । ଆଜି ତାହା ଦେଶ ଏବଂ ରାଜ୍ୟରେ ବିରାଟ ଦ୍ରୁମରେ ପରିଣତ ହୋଇଛି । ଏହି ଦଳ ଜନସେବାକୁ ବ୍ରତ କରି ଦେଶର ବିକାଶକୁ ଆଗେଇ ନେଉଛି ।

ବାପା ଦେବେନ୍ଦ୍ର ପ୍ରଧାନଙ୍କ ନୀତି ଆଦର୍ଶକୁ ପାଥେୟ କରି ତାଙ୍କ ସୁପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟ କରୁଛନ୍ତି । ବାପାଙ୍କ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସେ ଅନବରତ ପ୍ରଚେଷ୍ଟା ଜାରି ରଖିଛନ୍ତି । ଦେଶରେ ଶିକ୍ଷାର ବିକାଶକୁ ନୂତନ ଶିଖରରେ ପହଞ୍ଚାଇ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି । ଏହି କ୍ରମରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ପୂରଣ କରିବା ପାଇଁ ଲାଗି ପଡ଼ିଛନ୍ତି ।

ଜଣେ ମେଧାବୀ ଛାତ୍ର ଭାବେ କଟକ ଏସସିବି ମେଡିକାଲ କଲେଜରୁ ଏମବିବିଏସ୍ ପାସ୍ କଲା ପରେ ଡାକ୍ତର ଭାବେ ଯୋଗ ଦେଇଥିବା ଏହି ମହାନ ଜନନାୟକ ଡା. ଦେବେନ୍ଦ୍ର ପ୍ରଧାନ ଜନସେବା ପାଇଁ ସରକାରୀ ଚାକିରି ଛାଡ଼ିଥିଲେ । ସେ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ ନ ରହି ଘରୋଇ ଚିକିତ୍ସା ଆରମ୍ଭ କରି ମାଗଣାରେ ରୋଗୀ ଦେଖିଥିଲେ । ସମାଜର ବିକାଶ ପାଇଁ ସେ ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ । ସେବା ପାଇଁ ଲୋକଙ୍କ ହୃଦୟ ଜିଣିଥିବା ଏହି ଜନସେବକ ୧୯୮୦ ଜାନୁଆରି ୧୦ରେ ବିଜେପିରେ ସାମିଲ ହୋଇଥିଲେ । ନିର୍ଦ୍ଦିଷ୍ଟ ନୀତି ଓ ଆଦର୍ଶରେ ପରିଚାଳିତ ହୋଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେଥିରେ ଅଟଳ ରହିଥିଲେ । ସେ ଗାଁ ଗାଁ ଘର ଘର ବୁଲି ବିଜେପିକୁ ମଜବୁତ କରିଥିଲେ । ତାଙ୍କରି ଉଦ୍ୟମରେ ଓଡ଼ିଶାରେ ପଦ୍ମ ଫୁଟିଥିଲା । ସେ ତିନି ତିନି ଥର ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହୋଇଥିଲେ । କୌଣସି ସୀମା ଭିତରେ ଆବଦ୍ଧ ନରହି ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିପାରୁଥିଲେ । ନିଜ ବାଣୀ ଦ୍ୱାରା ଶତ୍ରୁକୁ ବି ବଶୀଭୂତ କରିପାରୁଥିଲେ । ସମସ୍ତଙ୍କ ପାଇଁ ସବୁବେଳେ ନିଜ ଦ୍ୱାର ଖୋଲା ରଖିଥିଲେ । ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ସଶକ୍ତୀକରଣରେ ଅଗ୍ରଦୂତ ସାଜିଥିଲେ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ପ୍ରଧାନ ନିଜ କାର୍ଯ୍ୟକାଳରେ ଓଡ଼ିଶାର ଗମନାଗମନ ଏବଂ ଭିତ୍ତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଚଣ୍ଡିଖୋଲଠୁ କନକଡୋରା ରାଜପଥ ହେଉ ଅବା ପାଣିକୋଇଲିରୁ ରାଜାମୁଣ୍ଡା ଏବଂ ବୋରିଗୁମାରୁ ବରଗଡ଼ ହେଉ କି ଭୁବନେଶ୍ୱରରୁ ପୁରୀ ଏନ୍ଏଚ୍ ସବୁ ଦିବଂଗତ ପ୍ରଧାନଙ୍କ ଉଦ୍ୟମରେ ସଫଳ ହୋଇପାରିଥିଲା । ୧୯୯୮ ପର୍ଯ୍ୟନ୍ତ ଓଡ଼ିଶାରେ ମାତ୍ର ୧୬୦୦ କିମିର ଏନ୍ଏଚ୍ ଥିଲା । ମାତ୍ର ଡା. ପ୍ରଧାନଙ୍କ ଉଦ୍ୟମରେ ସୀମିତ ସମୟ ମଧ୍ୟରେ ଏହା ଆଉ ୧୬୦୦ କିମିକୁ ବୃଦ୍ଧି ପାଇଥିଲା । ତାଙ୍କ ଅମଳରେ ସର୍ବାଧିକ ଏବଂ ସର୍ବଶ୍ରେଷ୍ଠ ରାଜପଥ ନିର୍ମାଣ ହୋଇଥିଲା । କେବଳ ସେତିକି ନୁହେଁ କୃଷି ବିଶ୍ୱବିଦ୍ୟାଳୟର ପରିକଳ୍ପନା ସେ ହିଁ କରିଥିଲେ । ଦେଶ ଏବଂ ରାଜ୍ୟ ବିକାଶର ପ୍ରମୁଖ ବିନ୍ଧାଣି ସାଜିଥିବା ଏଭଳି ମହାନ୍ ବ୍ୟକ୍ତିଙ୍କୁ ଆଜି ସମସ୍ତେ ଝୁରୁଛନ୍ତି ।



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



ପୂର୍ବତନ ସାଂସଦ ତଥା ବରିଷ୍ଠ ନେତା ରଞ୍ଜୀବ ବିଶ୍ୱାଳ



ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ



ବିଧାୟକ ଜୟନାରାୟଣ ମିଶ୍ର



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା



କିଟ୍, କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ



ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର



ସାଂସଦ ଅପରାଜିତା ଷଡଙ୍ଗୀ

## ଅବ୍ୟବସ୍ଥା ଘେରରେ ଚାଲିଛି ମାହାଙ୍ଗା କୃଷିସୂଚନା ଓ ପରାମର୍ଶ କେନ୍ଦ୍ର

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକରେ ଥିବା କୃଷିସୂଚନା ଓ ପରାମର୍ଶ କେନ୍ଦ୍ର ନାହିଁ ନାହିଁରେ ଚାଲିଛି। ଏଠାରେ ଆବଶ୍ୟକୀୟ କର୍ମଚାରୀ ନଥିଲା ବେଳେ ବର୍ତ୍ତମାନ ଦାୟିତ୍ୱରେ ଥିବା ବ୍ଲକ କୃଷିଅଧିକାରିଣୀ ଦିନ ୧୧ଟା ପରେ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଏହି କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାପନ ଯନ୍ତ୍ର ଲଗାଯାଇ ନଥିବାରୁ କେଉଁ କର୍ମଚାରୀ କେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି ତାହା ଜଣାପଡୁ ନାହିଁ। ସରକାରୀ ନିୟମ ଅନୁସାରେ ଏହି କାର୍ଯ୍ୟାଳୟଟି ଠିକ୍ ସମୟରେ ଖୋଲୁ ନଥିବାରୁ ଅନେକ ସମୟରେ ମାହାଙ୍ଗା ଅଂଚଳର ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏହି କାର୍ଯ୍ୟାଳୟରେ ଆବଶ୍ୟକୀୟ ଗ୍ରାମ୍ୟ କୃଷି କର୍ମଚାରୀ ନାହାନ୍ତି। ଏପରିକି ମାହାଙ୍ଗା ଅଂଚଳର କୃଷକମାନଙ୍କ ପାଇଁ ସରକାରଙ୍କ ତରଫରୁ କି କି ସୁବିଧା ଯୋଗାଇଦିଆଯାଉଛି ତାହା କୃଷକମାନେ ଜାଣିପାରନ୍ତି ନାହିଁ।

## ସ୍ୱାସ୍ଥ୍ୟସେବା ଓ ପରିଚ୍ଛନ୍ନତାରେ ଜିଲ୍ଲାରେ ରାଜନଗର ଶ୍ରେଷ୍ଠ

ରାଜନଗର ,(ସବ୍ୟୁ) :ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, କର୍ମଚାରୀଙ୍କ ଦକ୍ଷତାକୁ ଅନୁଶୀଳନ କରି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି । ଷ୍ଟେଟ ଲେବଲ ଆୱାର୍ଡ ନୋମିନେସନ କମିଟି ସାରା ଓଡିଶାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ପରେ ଏହି ପୁରସ୍କାର ଘୋଷଣା କରାଯାଇଛି । ସାରା ଓଡିଶାରେ ୨୨୪ଟି ସବ ଡିଭିଜନାଲ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି ।

## ଲାଞ୍ଚ ନେବା ଅଭିଯୋଗରେ ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସମର ବିଳାସ ବେହେରା ଆଜି ଏକ ଲାଞ୍ଚ ମାମଲାର ବିଚାର କରି ଅଭିଯୁକ୍ତ ଡାକ୍ତର ନିଶିଥ ନିଶାନ୍ତ ମାଲୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡାକ୍ତର ମାଲୁ ନିଜ ବିଭାଗୀୟ କର୍ମଚାରୀଙ୍କ ଟିଏ ଏବଂ ଆରସିଏମ ବିଲ କରିଦେବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

୨୦୨୧ ମସିହାରେ ଫିରିଙ୍ଗିଆ ମେଡିକାଲ ଇନଚାର୍ଜ ଦାୟିତ୍ୱରେ ଥିବା ଡାକ୍ତର ନିଶିଥ ନିଶାନ୍ତ ମାଲୁଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଆଉ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି। ସୂଚନା ଅନୁଯାୟୀ ଗତ ୨୦୨୧ ମସିହା ମାର୍ଚ୍ଚ ୩୧ ତାରିଖରେ ସେ ମାମଲାର ଅଭିଯୋଗକାରୀ ବେଣୁପାଣି ଦିଗାଲଙ୍କ ଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଟଙ୍କା ସହ ଧରା ପଡିଥିଲେ।

ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ଏହି ସଂକ୍ରାନ୍ତରେ ଏକ ମାମଲା ୭/୨୦୨୧ ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। କନ୍ଧମାଳ ଜିଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିଥ ନିଶାନ୍ତ ମାଲୁ ବର୍ତ୍ତମାନ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ମାମଲାକୁ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପିପି ଭି. ଭି ରାମଦାସ ପରିଚାଳନା କରୁଥିଲେ ।

### ଭାଗ୍ୟଦୀପ ପଞ୍ଜିକା ମୁକ୍ତିମଣ୍ଡପରେ ଅନୁମୋଦିତ ନେଇ

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦ୍ୟେଶରେ ଦାବିପତ୍ର

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ତଥା ଆଖପାଖ ଅଂଚଳର ବହୁ ବ୍ରାହ୍ମଣ ପୁରୋହିତ ମାନେ ଏକତ୍ରିତ ହୋଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପୁରୀ ମୁକ୍ତିମଣ୍ଡପ ପଞ୍ଜିକା ଅନୁମୋଦିତ ଓ ସଂଶୋଧିତ ପଣ୍ଡିତସଭା ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦ୍ୟେଶରେ ଭାଗ୍ୟଦୀପ ପଞ୍ଜିକା ନାମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶଥାଉକି ଚଳିତ ୨୦୨୫-୨୬ ମସିହାରେ ପୁରୀ ମୁକ୍ତିମାଣ୍ଡପ ପଣ୍ଡିତ ସଭା ଦ୍ୱାରା ୫ ଟି ପଞ୍ଜିକା କୁ ଅନୁମୋତିତ କରାଯାଇଥିଲା ଓ ସମସ୍ତ ପଞ୍ଜିକାରେ ବିବାହ ଆଦି ଯୋଗ ସମାନ ରହିବ ବୋଲି କୁହାଯାଇଥିଲା । ପରନ୍ତୁ ଭାଗ୍ୟଦୀପ ପଞ୍ଜିକରେ ଭିନ୍ନ ଦେଖିବାକୁ ମିଳିଛି । ଯାହା ପୁରୋହିତ ତଥା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ସମସ୍ତ ପଞ୍ଜିକାରେ ଜୁନ ୦୮ ରେ ବୃହସ୍ପତି ବୃଦ୍ଧ ଓ ଅଶୁଦ୍ଧ କାଳ ବୋଲି ଉଲେଖ ରହିଛି ଓ ବିବାହ ଆଦି ଯୋଗକୁ ମନା କରାଯାଇଛି । କିନ୍ତୁ ଭାଗ୍ୟଦୀପ ପଞ୍ଜିକାରେ ଜୁନ ୦୮ ତାରିଖ ପରେ ଜୁନ ୯, ୧୪, ଓ ୨୩ ତାରିଖରେ ବିବାହ ଯୋଗ ଦିଆଯାଇଛି । ଏଣୁ ଅନ୍ୟ ୪ଟି ପଞ୍ଜିକରେ ଯୋଗ ଦିଆଯାଇ ନଥିବା ବେଳେ ଏହି ପଞ୍ଜିକାରେ କିପରି ଯୋଗ ଦିଆଯାଇଛି ଓ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏହାକୁ କିପରି ସଂଶୋଧିତ ଓ ଅନୁମୋଦିତ ଦେଇଛିଛନ୍ତି । ଏହାର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପଠାଇବାକୁ ପୁରୋହିତ ମାନେ ନିବେଦନ କରିଥିଲେ । ସନ୍ତୋଷ କର, ପ୍ରକାଶ ଚନ୍ଦ୍ର ଦାଶ ଯଜ୍ଞ ରଥ, ନାରାୟଣ ଦାଶ, ବିଶ୍ୱରଂଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେଉଛି ଟିପିଏସ୍‌ଓଡିଏଲ୍

## ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍‌ଏସ୍ ସେବା ଆରମ୍ଭ

ବ୍ରହ୍ମପୁର, (ସବ୍ୟୁ): ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟିପି ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ୍) ଦୁଇଟି ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି । ଜିଆଇଏସ୍ ସର୍ଭେ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି ଏବଂ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଭୟ ପଦକ୍ଷେପର ଉଦଘାଟନ କରିଥିଲେ । ଏହା କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ଏବଂ ଗ୍ରାହକ ସେବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ସହିତ, ଟିପିଏସଓଡିଏଲ ଭିତ୍ତିଭୂମି ନିରୀକ୍ଷଣକୁ ମଜବୁତ କରିବା ଏବଂ ସେବା




ନିର୍ଭରଯୋଗ୍ୟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଜିଆଇଏସ୍ ସାମର୍ଥ୍ୟ ସହିତ ସଜ୍ଜିତ ଡ୍ରୋନଗୁଡ଼ିକ ବିଦ୍ୟୁତ ସମ୍ପତ୍ତି ଯେପରିକି ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ସବଷ୍ଟେସନର ଉଚ୍ଚ-ନିର୍ଭୁଲତା ସର୍ଭେକୁ ସହଜ କରିବ । ଏହା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବେଶ ସହାୟକ ହେବ । ଉପରୁ ନିରୀକ୍ଷଣ, ଥର୍ମାଲ ହଟସ୍ପଟ ଏବଂ ସମ୍ଭାବ୍ୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହା ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ । ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଘୂର୍ଣ୍ଣିଝଡ଼ ଏବଂ ବନ୍ୟା ସମୟରେ, ଡ୍ରୋନଗୁଡ଼ିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାଙ୍କନ ପାଇଁ ରିଅଲ-ଟାଇମ ସର୍ଭେ ପ୍ରଦାନ କରିବ । କର୍ମଚାରୀଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରାଥମିକତା ଏବଂ ଡ୍ରୋନ-ଆଧାରିତ ନିରୀକ୍ଷଣ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ବୃଦ୍ଧି କରିବ । ଏହା ସହିତ, ୭-୮ କିଲୋମିଟର ବ୍ୟାପ୍ତି ବିଶିଷ୍ଟ ଡ୍ରୋନଗୁଡ଼ିକ ପ୍ରତିରୋଧୀ ଅଞ୍ଚଳରେ ବିଦ୍ୟୁତ ଚୋରିକୁ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । ଯାହା ଟିପିଏସ୍‌ଓଡିଏଲର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ । ସେହିପରି ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ଆହୁରି ମଜବୁତ କରି, ଟିପିଏସଓଡିଏଲ ଏଡିଏମଏସର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି ।

ଏହା ଏକ ସ୍ମାର୍ଟ ସିଷ୍ଟମ ଯାହା ବିଦ୍ୟୁତ ଯୋଗାଣ ପରିଚାଳନା ଏବଂ ଗ୍ରାହକ ସେବାକୁ ସୁଗମ କରିବା ପାଇଁ ଡିଜାଇନ କରାଯାଇଛି । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ପ୍ରାରମ୍ଭିକ ଭାବେ ଏହା ଆରମ୍ଭ ହୋଇଛି । ବିଦ୍ୟୁତ ଯୋଗାଣ ବାଧାକୁ କମ କରିବା, ସେବା ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଏବଂ କ୍ଷେତ୍ରୀୟ କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଦକ୍ଷତା ଉନ୍ନତି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ସିଷ୍ଟମ ବିଦ୍ୟୁତ ଯୋଗାଣ ସମ୍ପର୍କିତ ଏବଂ ଗ୍ରାହକ ଅଭିଯୋଗର ତୁରନ୍ତ ପ୍ରତିକ୍ରିୟା ସକ୍ଷମ କରିବ ଏବଂ ସେ ସମ୍ପର୍କରେ ସକ୍ରିୟ ଯୋଗାଯୋଗକୁ ସହଜ କରିବ । ବ୍ରହ୍ମପୁରର ବିଇଡି-୨ ଡିଭିଜନରେ ସଫଳ କାର୍ଯ୍ୟକ୍ଷମ ପରେ ପର୍ଯ୍ୟାୟକ୍ରମେ ଏହା ବିଭିନ୍ନ ସ୍ଥାନରେ ଲାଗୁ ହେବ । ଏହା ଲୋଡ ପୂର୍ବାନୁମାନ ଏବଂ ଅନ୍ୟାନ୍ୟ ଅଟୋମେସନ ଅନ୍ତର୍ଭୁକ୍ତ ହେବ ଏହି ପଦକ୍ଷେପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରି ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ଅଧିକ ନିରନ୍ତର ବିଦ୍ୟୁତ ବଣ୍ଟନ ନେଟୱାର୍କ ସୃଷ୍ଟି କରିବା ପ୍ରତି ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛି । ଯାହା ଏହାର ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଗୁଣବତ୍ତାଯୁକ୍ତ ସେବା ସୁନିଶ୍ଚିତ କରେ ।

## ବଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି । ପ୍ରଗତିଶୀଳ ନାଟ୍ୟ ସଂସ୍ଥା ତରଙ୍ଗ ରଙ୍ଗ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାର ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର ମଞ୍ଚାସିନ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ କଳାକାରମାନଙ୍କ ମଧ୍ୟରେ ଆଗାମୀ ଦିନରେ ନାଟକ ଓ ପରିବେଶ ସୁରକ୍ଷା ବିଷୟକୁ ନେଇ ଏକ ସୁନ୍ଦର ଆଲୋଚନା ହୋଇଥିଲା । ଏଥିରେ ବିଶିଷ୍ଟ ନାଟ୍ୟଶିଳ୍ପି ମନୋଜ ପାଢ଼ୀ ମଞ୍ଚ ଅଭିନେତା ଏମ. ପୃଥ୍ୱୀ ରାଜ, ମତଙ୍ଗିନୀ ଗୁରୁ, ମମତା ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଡ଼ିୟାରୀ ପ୍ରମୁଖ ନିଜ ମତ ଉପସ୍ଥାପନା କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଂଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, ହରିହର ପଟ୍ଟନାୟକ , ଶିବ ପ୍ରଧାନ, ସୁଜିତ୍ ପାଣିଗ୍ରାହୀ, ହର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ଲେଡି ହାମିଲଟନ୍‌ରେ କିଶୋରୀ ଛାତ୍ରୀ ଶିକ୍ଷା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀନାରାଣୀ ପାତ୍ରଙ୍କ ଅଧ୍ୟକ୍ଷତାରେ କିଶୋରୀ ଛାତ୍ରୀମାନଙ୍କୁ ସଚେତନ କରିବା ନିମନ୍ତେ 'କିଶୋରୀ ଛାତ୍ରୀ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ୍ ମେଡିକାଲ ସୁପରଭାଇଜର ପ୍ରଦ୍ୟୁତନ ମହାରଣା ଓ ଏଏନ୍ଏମ ତିରୁପତି ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀ ମାନଙ୍କର କିଶୋରୀ ଅବସ୍ଥା ସମୟରେ ଶାରୀରିକ ଓ ମାନସିକ ଅବସ୍ଥାରେ ହେଉଥିବା ପରିବର୍ତ୍ତନ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀନାରାଣୀ ପାତ୍ର କିଶୋରୀ ଅବସ୍ଥାରେ ଶାରିରୀକ ବିକାଶ ନିମନ୍ତେ ଓ ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀମାନଙ୍କର ଭୂମିକା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ବିଜ୍ଞାନ ଶିକ୍ଷୟତ୍ରୀ ସିଲିସ୍‌ପ୍ନା ପଟ୍ଟନାୟକ ଛାତ୍ରୀମାନେ କିପରି ସୋସିଆଲ୍ ମିଡ଼ିଆରୁ ନିଜକୁ ଦୂରରେ ରଖିବେ ସେ ବିଷୟରେ ଉଦବୋଧନ ଦେଇଥିଲେ । ପ୍ରାରମ୍ଭ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟତ୍ରୀ ଧରିତ୍ରୀ ମହାନ୍ତଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କୁ ନେଇ ଯୋଗ ଓ ପ୍ରାଣାୟମ କାର୍ଯ୍ୟକ୍ରମ କରାଯାଇଥିଲା । ପରିଶେଷରେ ପୋଷଣୀୟ ଖାଦ୍ୟ ମେଳା ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନ କମିଟିର ସଭାପତି ଆଶ୍ଚର୍ଯ୍ୟ ସେଜପଡ଼ା ଯୋଗଦେଇ ଖାଦ୍ୟର ଗୁଣବତ୍ତା ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟର ସାହିତ୍ୟ ଶିକ୍ଷୟିତ୍ରୀ ମୋନାଲିସା ମାଣତ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଇଂରାଜୀ ଶିକ୍ଷୟତ୍ରୀ ନିକିତା ବଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ମାନସୀ ଉପାଧ୍ୟା, ମେରିନା ଦାସ୍, ନିବେଦିତା ବେହେରା ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସେକ୍ ଫାଇଜାନ୍ ୱାଲ୍ଲା, କୃଷ୍ଣମୋହନ ଗିରି, ସସ୍ମିତ ମହାପାତ୍ର, ବାଦଲ ଦଣ୍ଡ ପାଟ ଓ ମମତା ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଆମ କୁନି ପିଲା ତାଲିମ ଶିବିର

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆରଏମସି କାର୍ଯ୍ୟାଳୟ ନିକଟ କଲ୍ୟାଣମଣ୍ଡପ ଠାରେ ବ୍ଲକର ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଆମ କୁନି ପିଲା ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଏହି ତାଲିମ ଶିବିରରେ ଛୋଟଛୋଟ ଶିଶୁ ବିଶେଷକରି ଜିରୋ ମାସରୁ ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ କିଭଳି କାର୍ଯ୍ୟ କରାଯିବ ଓ ଅଙ୍ଗନବାଡି କର୍ମୀମାନଙ୍କ କଣ ଭୂମିକା ରହିବ ସେନେଇ ଉପସ୍ଥିତ କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ସିଡିପିଓ ମିଲିମା କୁମାରୀ ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଉପଖଣ୍ଡ ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଙ୍ଗନବାଡି କର୍ମୀଙ୍କ କର୍ତ୍ତବ୍ୟ ବାବଦରେ କହିଥିଲେ । ବ୍ରହ୍ମପୁର ୱାନଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନ କେନ୍ଦ୍ରର ମହେଶ୍ୱେତା ପାଢ଼ୀ, ସୌଦାମିନୀ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଙ୍ଗନବାଡି କର୍ମୀଙ୍କୁ ଏ ବାବଦରେ ତାଲିମ ଦେଇଥିଲେ । ଏହା ସହ ବଳାତ୍କାର, ଅପହରଣ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡନ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ସାଇବର କ୍ରାଇମ, ଯୌତୁକ ନିର୍ଯାତନା ଓ ମୃତ୍ୟୁ ସମେତ ଅନ୍ୟାନ୍ୟ ହିଂସାର ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଏବଂ ଡାକ୍ତରୀ, ପୋଲିସ ଓ ଆଇନଗତ ଭଳି ଅନ୍ୟ ଯେକୌଣସି ସହାୟତା ବାବଦରେ ପରାମର୍ଶ ଦେଇଥିଲେ । ବ୍ଲକର ସମସ୍ତ ସେକ୍ଟର ସୁପରଭାଇଜର ଉପସ୍ଥିତ ରହି ତାଲିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ରୂପାନ୍ତର ନାଟ୍ୟାନୁଷ୍ଠାନର ବିଶ୍ୱ ନାଟ୍ୟ ଦିବସ

ବାରିପଦା, (ସବ୍ୟୁ) : ମାର୍ଚ୍ଚ ୨୭ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ସ୍ଥାନୀୟ ଭଞ୍ଜପୁର, ହରିହର କଳାମନ୍ଦିର ଠାରେ ବାରିପଦାର ସୁନାମଧନ୍ୟ ନାଟ୍ୟ ସଂସ୍ଥା ରୂପାନ୍ତର ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ରୂପାନ୍ତରର ସଭ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦାସ, ଦୀପକ ପାଣି, ଅଭିମନ୍ୟୁ ମହାନ୍ତି, କାହ୍ନୁଚରଣ ବଶା, ସପନ ପଣ୍ଡା, ବିଶ୍ୱମ୍ଭର ସିଂହ, ଦିନେଶ ସାହୁ, ଅପୂର୍ବା ସାହୁ, ମଦନ ଜେନା, ମୁନା ଗୁପ୍ତା, ରବୀନ୍ଦ୍ର ବେହେରା, ନାରାୟଣ ମଣ୍ଡଳ ଏବଂ ଶୁଭେନ୍ଦୁ ସାହୁ ପ୍ରଭୃତି ଯୋଗଦେବା ସହିତେ ସାଂପ୍ରତିକ ସମାଜରେ ମଞ୍ଚ ନାଟକର ସ୍ଥିତି ତଥା ଆଗାମୀ ଦିନରେ ମଞ୍ଚ ନାଟକ କିପରି ଦର୍ଶକ ମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇ ପାରିବ ସେ ସଂପର୍କରେ ଆଲୋଚନା କରଯାଇଥିଲା । ଆସନ୍ତା ଏପ୍ରିଲ ୨୭ତାରିଖ ଦିନ ବାରିପଦା ଶହୀଦ୍ ଭବନ ଠାରେ ଅନୁଷ୍ଠାନ ଦ୍ୱାରା ବସନ୍ତ ଉତ୍ସବର ଆୟୋଜନ କରାଯାଇ ଅପଦାର୍ଥ ନାମକ ଏକ ନାଟକ ପରିବେଷଣ କରାଯିବ । ଉକ୍ତ ନାଟକକୁ ରଚନା କରିଛନ୍ତି ପ୍ରଖ୍ୟାତ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଏବଂ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ପରେଶ ସାହୁ । ଏହି ନାଟ୍ୟ ଦିବସ ପାଳନ ଅବସରରେ ପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତେ ତାଙ୍କର ବିଭିନ୍ନ ସାହିତ୍ୟିକ ତଥା ସାଂସ୍କୃତିକ କୃତି ସଂପର୍କରେ ସ୍ମୃତି ଚାରଣ କରଯାଇଥିଲା ଏବଂ ସଂଗ୍ରାମ କେଶରୀ ସ୍ମୃତି ସମ୍ମାନ ନାମରେ ଏକ ପୁରସ୍କାର ମଧ ଘୋଷଣା କରାଯାଇଥିଲା । ଏହି ପୁରସ୍କାର ଆଗାମୀ ଦିନରେ ପ୍ରତ୍ୟେକ ବର୍ଷ ରୂପାନ୍ତର ଦ୍ୱାରା ଆୟୋଜିତ ବସନ୍ତ ଉତ୍ସବରେ ଓଡିଶାର ମଞ୍ଚ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ଜଣେ ବିଶିଷ୍ଟ କଳାକାରଙ୍କୁ ପ୍ରଦାନ କରାଯିବ । ଚଳିତ ବର୍ଷ ୨୦୨୫ମସିହା ପାଇଁ ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଉପାଧକ୍ଷା ଡଃ ଦମୟନ୍ତୀ ବେଶ୍ରା ଏବଂ ଅଧକ୍ଷ ବିରେନ୍ଦ୍ରନାଥ ସାହୁ ଜଣାଇଛନ୍ତି ।

## ବଟି ମାଗିବା ମାମଲା: ବିଜେପି ସମର୍ଥିତ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଠାରୁ ଆରମ୍ଭ କରି ରାଜ୍ୟର ବଡ଼ବଡ଼ ନେତା ମନ୍ତ୍ରୀ ବିଶେଷ ଭାବରେ ରାଜ୍ୟ ସଂଗଠନ ମନ୍ତ୍ରୀଙ୍କ ଏକାନ୍ତ ଘନିଷ୍ଠ ବୋଲି ପରିଚୟ ସୃଷ୍ଟି କରିଥିବା ଚିକିଟି ଅଞ୍ଚଳର ଶଙ୍କର ନାମକ ଯୁବକ ଥାନା ଠାରୁ ଆରମ୍ଭ କରି ବ୍ଲକ, ତହସିଲ, ବିଭିନ୍ନ ମିଲ ମାଲିକ ଏବଂ ବିଭିନ୍ନ ବ୍ୟବସାୟୀ ମାନଙ୍କ ଠାରୁ ଜୋର ଜବରଦସ୍ତ ବଟି ମାଗୁଥିବା ଲମ୍ବା ଅଭିଯୋଗ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ନାମରେ ବଟି ମାଗି ମାମଲା ରୁଜୁ ପରେ ଫେରାର ଥିବାବେଳେ ଆଜି ନୂଆଁଗାଁ ପୋଲିସ ଦ୍ୱାରା ଗରଫ ହୋଇ କୋର୍ଟ ଫରୱାର୍ଡ ହୋଇଥିବା ଜଣାପଡିଛି ।

## ବେକରେ ରାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

ଧରାକୋଟ, (ସବ୍ୟୁ): ଧରାକୋଟ ଥାନା ଅନ୍ତର୍ଗତ ନିକଟସ୍ଥ ଚଞ୍ଚରା ପଲି ଗାଁ ଉପର ମୁଣ୍ଡରେ ଥିବା କାଜୁ ତୋଟାରେ ବାହାରପୁର ଗ୍ରାମର କୃଷ୍ଣ ନାଇକ ନାମକ ୪୦ ବର୍ଷ ବୟସ୍କ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ ସୃଷ୍ଟି ହୋଇଛି। ଗତ କିଛି ଦିନ ପୂର୍ବରୁ କୃଷ୍ଣ ଘରୁ ନିଖୋଜ ଥିବାରୁ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇପାରି ନଥିଲେ । ଆଜି କାଜୁ ତୋଟରୁ ଦୁର୍ଗନ୍ଧ ବାହାରିବା ପରେ ଏହି ଘଟଣା ଜଣାପଡିଥିଲା । ଏ ସମ୍ପର୍କରେ ଧରାକୋଟ ଥାନା ରେ ୧/୨୦୨୫ ପ୍ରକାରେ ମାମଲା ରୁଜୁ କରାଯାଇ ଶବକୁ ଜବତ କରାଯାଇଛି ଓ ଅନୁସନ୍ଧାନ ଜାରୀ ରହିଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି। ଏପଟେ ଏଟା ଭାଟିରେ ଭାଟି ମିସ୍ତ୍ରୀ ଭାବେ କାମ କରୁଥିବା ସୂଚନା ମିଳିଛି । ଅନ୍ୟପଟେ ବେଆଇନ ଇଟା ଭାଟିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଦଶଦିନ ବିତି ଯାଇଥିଲେ ସୁଦ୍ଧା ଘରଲୋକ କିମ୍ବା ଭାଟି ମାଲିକ ପୋଲିସ ଥାନା ନିଖୋଜ କେଶ କାହିଁକି କରି ନଥିଲେ ଏହାର ପ୍ରଶ୍ନ ବାଚୀ ସୃଷ୍ଟି କରୁଥିବା ବେଳେ ଧରାକୋଟ ପୋଲିସ ଶବ ବ୍ୟବଛେଦ ପରେ ପ୍ରକୃତ ଖବର ସାମ୍ନାକୁ ଆସିବ ବୋଲି ସୂଚନା ଦେଇଛି ।

## ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ବ୍ଲକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆସିଡିଏସ୍ କାର୍ଯାଳୟ ପକ୍ଷରୁ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବିକାଶ ଓ ପୁନଃସ୍ମୃତି ପାଠ୍ୟକ୍ରମ ଶିବିର ଆଜି ଉଦଯାପିତ ହୋଇଯାଇଛି। ଉକ୍ତ ଦ୍ୱି ଦିବସୀୟ ତାଲିମ ଶିବିରରେ ବୁଗୁଡା ଏନ୍ଏସି ସାଙ୍ଗକୁ ବ୍ଲକର ପ୍ରତି ପଞ୍ଚାୟତରୁ ଜଣେ ଲେଖାଏଁ ହିସାବରେ ମୋଟ ୨୫ ଜଣ ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରଶିକ୍ଷିକା ଭାବେ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି, କୁସୁମ ପଣ୍ଡା, ଲିଲି ସାବତ ଓ ଜାନକୀ ଦେବୀ ପ୍ରମୁଖ ଯୋଗଦେଇ କିଶୋର, କିଶୋରୀଙ୍କ ସଶକ୍ତିକରଣ ମାର୍ଗ ସମ୍ପର୍କେ ଅଙ୍ଗନୱାଡି କର୍ମୀଙ୍କୁ ବିଭିନ୍ନ ଦୃଷ୍ଟାନ୍ତମୂଳକ ତଥ୍ୟ ଉପସ୍ଥାପନ ପୂର୍ବକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ମାସ ଅନୁକ୍ରମ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

## ଆକ୍ରମଣ ସହ ଅସଦାଚାରଣ, ଯୁବକଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ)ଋ: ଜଣେ ଦୋକାନୀଙ୍କୁ ଆକ୍ରମଣ କରିବା ଓ ତାଙ୍କ ସ୍ତ୍ରୀ'ଙ୍କୁ ଟଣା ଓଟରା ହୋଇଥିଲା। ଅଭିଯୋଗ ପରେ ଗୋଷାଣୀନୂଆଗାଁ ଥାନା ପୋଲିସ ଜଣେ ଯୁବକକୁ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ଲାଠୀ ଗ୍ରାମର ରାଜେନ୍ଦ୍ର କୁମାର ସାହୁ(୩୮)। ମାମଲା ନଂ ୧୧୪/୨୫ରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ନୀଳକଣ୍ଠ ନଗର ପାର୍କ ସାହିର ଜଣେ ମହିଳା(୪୨) ସ୍ଥାନୀୟ ଅନ୍ଧପସରା ରୋଡ଼ ସ୍ଥିତ ଏକ ଆପାଟମେଣ୍ଟ ନିକଟରେ ଫ୍ଲାଇବୋର୍ଡ଼ ଦୋକାନ ରହିଛି । ଗୁରୁବାର ସନ୍ଧ୍ୟାରେ ରାଜେନ୍ଦ୍ର ଉକ୍ତ ଦୋକାନରେ ପହଞ୍ଚି ଦୋକାନ ମାଲିକଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଦୋକାନ ଭିତରେ ଥିବା ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିଥିଲେ। ତାଙ୍କୁ ସର୍ବସାଧାରଣରେ ଅସଦାଚାରଣ କରିଥିଲେ। ଏଣୁ ଉକ୍ତ ଯୁବକ ଜଣକ ଉକ୍ତ ମହିଳାଙ୍କୁ ସେଠାରେ ଟଣାଓଟରା କରିବା ସହ ତାଙ୍କୁ ସର୍ବ ସାଧାରଣରେ ଅସଦାଚାରଣ କରିଥିଲେ। ଫଳରେ ତାଙ୍କର ମର୍ଯ୍ୟାଦାହାନି ହୋଇଥିଲା। ପରେ ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ପୋଚାଲୁଣ୍ଡି ଓ ଭାମଶ୍ୟାଳିରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ

ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଏବଂ ଭାମଶ୍ୟାଳି ଗ୍ରାମରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି । ଯାତ୍ରାର ପ୍ରଥମ ଦିନରେ ଦଣ୍ଡ ଉଠୁଥିବା କାଳୀ ମନ୍ଦିର ଗୁଡିକରେ ପାରମ୍ପରିକ ରୀତିନୀତି ପ୍ରକାରେ ସମସ୍ତ କାର୍ଯ୍ୟ ପ୍ରାତଃ କାଳରୁ ଆରମ୍ଭ ହୋଇଥିଲା। ଗ୍ରାମରେ ଥିବା ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ପଇତାପକା, ଅପରାହ୍ନରେ ଦାଣ୍ଡ ଭ୍ରମଣ, ଧୂଳି ଦଣ୍ଡ, ପାଣିଦଣ୍ଡ ଓ ସନ୍ଧ୍ୟା ସମୟରେ ଆଳତି ସହ ରାତିରେ ଦଣ୍ଡୁଆମାନଙ୍କ ଅନ୍ନ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା।



ଚଳିତ ବର୍ଷ ପାଟଭୋକ୍ତା ସୁରିଆ ସାହୁ ଓ ପୂଜାରୀ ଅରକ୍ଷିତ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଚାଲୁଣ୍ଡି ଦଣ୍ଡଯାତ୍ରା ଏବଂ ପାଟଭୋକ୍ତା ଭଗବାନ ଗୌଡ ଓ ପୂଜାରୀ ବାଦଲ ଗୌଡଙ୍କ ତତ୍ତ୍ୱାବଧାନରେ ଭାମଶ୍ୟାଳି ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଛି । ଦଣ୍ଡଯାତ୍ରା କାଳରେ ଉଭୟ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପା ଭିକ୍ଷା କରିଥିଲେ । ଏବର୍ଷ ପୋଚାଲୁଣ୍ଡି ଦଣ୍ଡଯାତ୍ରା ପରିଚାଳକ ଚିନ୍ତାମଣି ବିଷୋୟୀଙ୍କ ତତ୍ତ୍ୱାବଧାନରେ ସାମାଜିକ ନାଟକ କହିବାକୁ ଲାଜ ଶୁଣିଲେ ପାପ ଏବଂ ଭାମଶ୍ୟାଳି ଦଣ୍ଡଯାତ୍ରା କମିଟି ସଭାପତି ସୁନୀଲ କୁମାର ପାଢ଼ି, ସମ୍ପାଦକ ମୁରଲୀଧର ସାମଲ ଓ ପରିଚାଳକ ନାରାୟଣ ପଲେଇଙ୍କ ତତ୍ତ୍ୱାବଧାନରେ ନାଟକ ହାଏ କୃଷ୍ଣ ବୋଲି ଯାଉ ଜୀବ ମଞ୍ଚସ୍ଥ ହେଉଛି । ଉଭୟ ଗ୍ରାମରେ ଦଣ୍ଡଯାତ୍ରା ପରିଚାଳନାରେ ଗ୍ରାମବାସୀଙ୍କ ସହଯୋଗ ଦେଖିବାକୁ ମିଳିଥିଲା ।

## ଜାତୀୟ ବରିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ତିନି ଖେଳାଳି

ବ୍ରହ୍ମପୁର, (ସବ୍ୟୁ): ଆସନ୍ତା ୩୦ ଠାରୁ ୩ ଏପ୍ରିଲ ଯାଇଁ ଉତ୍ତରପ୍ରଦେଶର ହାତରସ ଠାରେ ହେବାକୁଥିବା ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଓଡିଶା ଦଳ ଯାତ୍ରା କରିଛି । ଏହି ଦଳର ଜି.ଜ୍ୟୋତି ପାତ୍ର, ବର୍ଷା ରାଣୀ ସେଠି ଓ ବର୍ଷା ରାଣୀ ବେହେରା ଦଳ ସହ ଯାତ୍ରା କିରିଛନ୍ତି । ଗତ ଡ଼ିସେମ୍ବରରେ କେନ୍ଦୁର ଠାରେ ହୋଇଥିବା ଆନ୍ତ ଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଗଞ୍ଜାମ ଦଳ ଉନ୍ନତ ଖେଳ ଖେଳି ମାତ୍ର ଗୋଟେ ଗୋଲରେ ଯାଜପୁର ଠୁ ହାରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ତିନି ଖେଳାଳୀ ଉନ୍ନତ ଖେଳ ପ୍ରଦର୍ଶନ କରି ଥିବାରୁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଓଡ଼ିଶା ଦଳର କୋଚ ରୂପେ ବ୍ରହ୍ମପୁରର ରାମାଶିଷ ଜେନା ଦଳ ସହ ଯାତ୍ରା କରିବେ । ଏହି ଖେଳାଳି ମାନେ ପ୍ରତିଦିନ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡରେ ଜାତୀୟ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ ନେଉଛନ୍ତି । ଖେଳାଳୀ ଙ୍କ ଏହି ସୋଫାଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଗଠନର କାର୍ଯ୍ୟକରି ସଭାପତି ଅଶୋକ କୁମାର ଶୁକ୍ଳ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତି ଧର ରାଜଗୁରୁ, କଷଧକ୍ଷ ଡ଼. ମୋନଜ କୁମାର ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତ ଶୁଭେଚ୍ଛା ଜଣାଇଛନ୍ତି ।

## ଡିସିଡିସି ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ପାଳନକୁ ନେଇ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମହାତ୍ମାଗାନ୍ଧି ସମ୍ମିଳନୀ କକ୍ଷରେ ଜିଲ୍ଲା ସମବାୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସିଡିଓ ଏବଂ ଇଓ ଜିଲ୍ଲା ପରିଷଦ ମୟୂରଭଞ୍ଜ, ଡିଆରସିଏସ୍ ମୟୂରଭଞ୍ଜ, ସିଡିଏଓ ମୟୂରଭଞ୍ଜର ପ୍ରତିନିଧି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୟୂରଭଞ୍ଜର ପ୍ରତିନିଧି, ସିଇଓ ଏମସିସିବି ଲିମିଟେଡ୍ ବାରିପଦା, ଡିଆପିଆରଓ ମୟୂରଭଞ୍ଜ, ସିସିଏସଓ ମୟୂରଭଞ୍ଜର ପ୍ରତିନିଧି, ବରିଷ୍ଠ ଏଆର୍ସିଏସ୍ କପ୍ତିପଦା ଏବଂ ଏଆରସିଏସ୍ ବାରିପଦା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, ଯୁଗ୍ମ ନିବନ୍ଧକ ସମବାୟ ସମିତି ସମୂହ, ମୟୂରଭଞ୍ଜ ଖଣ୍ଡ, ବାରିପଦା କମିଟିର ସଦସ୍ୟ ମାନଙ୍କୁ ବୈଠକର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ । ୨୦୨୫ ମସିହାକୁ ଆନ୍ତର୍ଜାତୀୟ ସମବାୟ ବର୍ଷ ହିସାବରେ ପାଳନ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ମାର୍ଚ୍ଚ, ଏପ୍ରିଲ ଓ ମେ ମାସ ପାଇଁ ସମିତି ତଥା ଜିଲ୍ଲାସ୍ତରରେ ସମବାୟ ବିଭାଗ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଠିକ ସମୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଗଲା ।

ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ନୋଡାଲ ଅଫିସର ହିସାବରେ ରହିବାର ସିଦ୍ଧାନ୍ତ ଗ୍ରହଣ କରାଗଲା ଏବଂ ସେମାନେ ଉପନିବନ୍ଧକ ସମବାୟ ସମିତି ସମୂହ, ମୟୂରଭଞ୍ଜ ଖଣ୍ଡ, ବାରିପଦାଙ୍କୁ ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ର ବିଭିନ୍ନ କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିବେ ଓ ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ ଓ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ମହୋଦୟ ଆଇଇସି ଏକ୍ଟିଭିଟି ଉପରେ ଗୁରୁତ୍ୱଓରୋପ କରିଥିଲେ ଓ ଆସନ୍ତା ୩୦ତାରିଖରେ ଶହୀଦ ସ୍ମୃତି ଭବନଠାରେ ଚାଷୀ ଏବଂ ସମବାୟ ଓ ଅନ୍ୟ ବିଭାଗର କର୍ମଚାରୀ, ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କନ୍‌ଫାରେନ୍ସ ଏବଂ ଏପ୍ରିଲ ୧ତାରିଖରେ ସମବାୟ ବିଭାଗ କାର୍ଯ୍ୟାଳୟ ମୁର୍ଗାବାଡି ଠାରେ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି ।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ବ୍ରହ୍ମପୁର, (ସବ୍ୟୁ): ଚଳିତ ବର୍ଷ ଓଡ଼ିଶା ଦିବସ ପାଳନ ନିମନ୍ତେ ବ୍ରହ୍ମପୁର ଉପଖଣ୍ଡ ସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ ୯ ଉଚ୍ଚ ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତାରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ (ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ), ଅଙ୍କିତା ସାହୁ (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ଓ ଆଦ୍ୟାଶା ପ୍ରିୟଦର୍ଶିନୀ (ଡି ଏ ଭି ପବ୍ଲିକ ସ୍କୁଲ)ତୃତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଅନୁଷ୍କା ରାଉତ (ସେଣ୍ଟ ଜାଭିୟର ହାଇ ସ୍କୁଲ)ପ୍ରଥମ, ଅମ୍ରିତା ପଟ୍ଟନାୟକ (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗର) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ବର୍ଗରେ ବକ୍ତୃତା ପ୍ରତିଯୋଗିତା ରେ ଆଲିସା ପାଢ଼ୀ (ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର)ପ୍ରଥମ, ପାୟଲ ପ୍ରିୟା ପାତ୍ର (ମହାମାୟୀ ମହିଳା ମହାବିଦ୍ୟାଳୟ) ଦ୍ୱିତୀୟ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଏସ ମନିଷା ରାଣୀ ପାତ୍ର (ମହାମୟୀ ମହିଳା ମହାବିଦ୍ୟାଳୟ)ପ୍ରଥମ, ପ୍ରଗତି କିରଣ ବେହେରା (ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର) ଦ୍ୱିତୀୟ ହୋଇଛନ୍ତି ।

ଏହି କୃତି ଛାତ୍ରଛାତ୍ରୀଙ୍କୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଏପ୍ରିଲ ୧ ତାରିଖରେ ହେବାକୁ ଥିବା ପୂର୍ବାହ୍ନ ୧୦ ଘଣ୍ଟାରେ ଓଡିଶା ଦିବସ ସମାରୋହରେ ପୁରସ୍କୃତ କରାଯିବା ତିନୋଟି ଉପଖଣ୍ଡରେ ହୋଇଥିବା ଉଚ୍ଚ ବିଦ୍ୟାଳୟ ସ୍ତରର ବକ୍ତୃତା ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେହି ପ୍ରତିଯୋଗୀଙ୍କ ମଧ୍ୟରେ ପୁନର୍ବାର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ଚନ୍ଦ୍ର ଶେଖର ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଚନ୍ଦ୍ର ଶେଖର ଶତପଥୀଙ୍କୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରେରଣ କରାଯିବ। ସମସ୍ତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଲୋକନାଥ ଶତପଥୀ, ରବୀନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା

## ବୃଦ୍ଧଙ୍କୁ ୭ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସ୍ଥିତ ସହକାରୀ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଟ୍ରାକ କୋର୍ଟର ଜଜ୍ ସୌଦାମିନୀ ସିଂ ଆଜକୁ ୧୮ ବର୍ଷ ତଳେ ଗଞ୍ଜାମ ଜିଲା ଜରଡା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟ ଭିନ୍ନକ୍ଷମ ନାବାଳିକାକୁ ହୋଇଥିବା ବଳାତ୍କାର ମାମଲାର ବିଚରଣ କରି ଜଣେ ୮୭ ବର୍ଷୀୟ ବୃଦ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଜରଡା ଥାନା ଅଞ୍ଚଳର ସାହେବ ବାଡାତ୍ୟା(୮୭)। ତାଙ୍କୁ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫୦୦୦ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି। ୨୦୦୮ ଫେବୃଆରୀ ୨୩ ତାରିଖରେ ମୁକ ବଧିର ଏହି ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ସାହେବ ନାବାଳିକାଙ୍କୁ ଜଣେ ବ୍ୟକ୍ତିଙ୍କ ଘରକୁ ନେଇ ସେଠାରେ ବଳାତ୍କାର କରିଥିଲେ । ଏପରିକି ବଳାତ୍କାରର ଶିକାର ହେବାପରେ ନାବାଳିକା ଜଣଙ୍କ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଘଟଣାକୁ ନେଇ ଗାଁ କମିଟି ବୈଠକ ବସିଥିଲା । ସେଠାରେ ଅଭିଯୁକ୍ତ ନିଜ ଦୋଷ ସ୍ୱିକାର କରିବା ସହ କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ । ହେଲେ ପରବର୍ତ୍ତୀ ସମୟରେ ନାବାଳିକାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ । ଏହାପରେ ନାବାଳିକାଙ୍କ ମାଆ ଜରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ବଳାତ୍କାର ଓ ଧମକ ଦଫାରେ ଏକ ମାମଲା(୨୨/୦୮) ରୁଜୁ କରିବା ସହ ଅଭିଯୁକ୍ତ ସାହେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ମାସ ପରେ ସେ ଜାମିନରେ ମୁକୁଳିଥିଲେ । ତଦନ୍ତ ଅଧିକାରୀ ରାମକୃଷ୍ଣ ପାଢୀ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣ ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ସୌଦାମିନୀ ସିଂ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ସାହେବ କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ଏପିପି ଆରତୀ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ବୈତରଣୀରୋଡ଼ ଆଞ୍ଚଳିକ ମେଳଣ ଉଦ୍‌ଯାପିତ

କୋରେଇ,(ସବ୍ୟୁ) ବୈତରଣୀରୋଡ ବଜାର ଆଂଚଳିକ ଦୋଳ ମେଳଣ ଗୁରବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ଅଂଚଳର ୫ଟି ଠାକୁର ବାଡି ଅନୁଷ୍ଠାନର ରାଧାକୃଷ୍ଣ ଜୀୟୁ ବିମାନ ସମେତ ହୋଇଥିଲେ । ଭାଟସୋଲପଟାର ରାଧାକୃଷ୍ଣ ଜୀୟୁ ବିମାନ ଥାନପତି ଭାବେ ମେଳଣ ପୀଠରେ ପଦାର୍ପଣ କରିଥିଲେ । ପରେ କଣିପାଟିଆର ମଦନ ମୋହନ ଜୀୟୁ, କେଶରୀ ପଡା ଚଣ୍ଡୀଖୋଲ, ବିରୁହାଁ ପଡ଼ା, ଉତର ଖଜୀରା ରାଧାକୃଷ୍ଣ ବିମାନ ମାନଙ୍କୁ ମେଳଣ ସ୍ଥଳରେ ପହଂଚି ସାଜସଜା କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ଭଜନ, ଆତସବାଜୀ, ଘୋଡାନାଚ, ନାମ ସଂକୀର୍ତନ, ନଦିଆ କୀର୍ତନ ପରିବେଷଣ କରିଥିଲେ । ପୂର୍ବାହ୍ନରେ ଫଗୁ ହୋଲି ସଂଗୀତ ପରିବେଷଣ ବେଶ ଉପଭୋଗ୍ୟ ହୋଇଥିଲା । ଯାହାକୁ ଦେଖିବା ପାଇଁ ବିମାନ ପାର୍ଶ୍ୱରେ ବହୁ ସଂଖ୍ୟାରେ ଦର୍ଶକ ସମବେତ ହୋଇଥିଲେ । ବିଳମ୍ବିତ ରାତିରେ ମେଲୋଡି କାର୍ଯ୍ୟକ୍ରମରେ ରାଜ୍ୟର ସୁନାମ ଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଂଗୀତ ପରିବେଶଣ କରାଯାଇଥିଲା । ପୂର୍ବାହ୍ନ୧୧ଘଟିକା ସମୟରେ କମିଟି ପକ୍ଷରୁ ବିମାନ ମାନଙ୍କୁ ଭୋଗ ଦକ୍ଷିଣା ଦିଆଯାଇ ଥିଲା । ମେଳଣ ପରିଚାଳନାରେ ସ୍ଥାନୀୟ ଯୁବକ ଶ୍ରୀକାନ୍ତ ମଲ୍ଲିକ, ହେମନ୍ତ ସିଂ, ନିରଂଜନ ସାହୁ, ସୁରେନ୍ଦ୍ର ପାଣୀ, ଚନ୍ଦନ ସାହୁ, ବଳରାମ ପଣ୍ଡା, ଗୋପ ଜେନା, ପ୍ରକାଶ ମଲ୍ଲିକ, ରମାକନ୍ତ ମଲିକ, ଅଜୟ କୁମାର ମଲିକ, ଅକ୍ଷୟ ମହାଲିକ, ଲିକୁ ଜେନା, ଉଦ୍ଧବ ମଲିକ, ପପୁ ମଲିକ, ଲକ୍ଷ୍ମୀଧର ସାହୁ, ରଜେନ୍ଦ୍ର ଦାସ, ଶୁଭମ ସାହୁ, ଅଭିନାଶ ଜେନା, ସତ୍ୟଜିତ ସାହୁ, ଗୋପାଳ ଜେନା, ମାନସ ଧଳ, କାହ୍ନା ସିଂ ଉପସ୍ଥିତ ରହି ମେଳଣ ପରିଚାଳନାରେ ସହଯୋଗ କରିଥିଲେ । କୋରେଇ ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ପୁଲିସ ମୃତୟନ କରାଯାଇଥିଲା ।

## ନୂତନ ବିଡିଓଙ୍କ ଦାୟିତ୍ୱଗ୍ରହଣ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକର ନୂତନ ବିଡିଓ ଭାବରେ ରବି ନାରାୟଣ ଆଚାର୍ଯ୍ୟ ଦାୟିତ୍ୱଗ୍ରହଣ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟ କରୁଥିଲେ । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଶ୍ରୀ ଆଚାର୍ଯ୍ୟଙ୍କୁ ବିଡିଓ ଭାବରେ ନିଯୁକ୍ତି କରିଥିବା ଜଣାପଡିଛି । ଜଣେ ଦକ୍ଷ ପ୍ରଶାସକ ଭାବରେ ଶ୍ରୀ ଆଚାର୍ଯ୍ୟଙ୍କ ଜିଲ୍ଲାରେ ସୁନାମ ରହିଛି । ରାଜନଗର ବ୍ଲକରେ ବାରମ୍ବାର ବିଡିଓଙ୍କ ବଦଳି ଯୋଗୁଁ ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟ ରେ ବାଧା ଉପୁଜୁଛି ।ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି ।

# ବିଳମ୍ବକୁ ନେଇ ରାସ୍ତା ଅବରୋଧ କଲେ ଗ୍ରାମବାସୀ



ନାଉଗାଁ,(ସବ୍ୟୁ) :ରାସ୍ତା କାର୍ଯ୍ୟରେ ବିଳମ୍ବ କୁ ନେଇ ରାସ୍ତା ରୋକକଲେ ଗ୍ରାମବାସୀ । କାର୍ଯ୍ୟର ଅବଧି କୁ ୧୬ ମାସ ପୁରିଥିଲେ ମଧ ସରିପାରିଲାନି ରାସ୍ତା କାର୍ଯ୍ୟ । ଶେଷରେ ନିରାଶ ହୋଇ ରାଜରାସ୍ତାକୁ ଓଲ୍ହଇଲେ ଗ୍ରାମବାସୀ । ଏପରି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନାଉଗାଁ ରୁ ଡାବର ମୁଖ୍ୟ ରାସ୍ତାର ଗୋଠଦା ଗ୍ରାମରେ ।ଏହି ଗ୍ରାମରେ ଦୀର୍ଘ ଦିନ ଧରି ଠିକାଦାର ମନମୁଖି ଭାବେ ରାସ୍ତା କାର୍ଯ୍ୟକୁ ଆଧାରୁ ବନ୍ଦ କରିଦେବା ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ସମୁଖୀନ ହେବା ସହିତ ବିଭିନ୍ନ ସମୟରେ ମଧ ରାସ୍ତାରେ ପଡି ଖଣ୍ଡିଆଖାବରା ହେଉଥିବା ମଧ ଦେଖା ଯାଇଛି ।ଯାହାକୁ ବାରମ୍ବାର ଉକ୍ତ ଗ୍ରାମ ଓ ନିକଟବର୍ତ୍ତୀ ଗ୍ରାମ ତିହୁଡା, ଦହୀପାଳ ଓ ଅରିଓଦା ଗ୍ରାମବାସୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ନିକଟରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହାର ସୁଫଳ କିଛି ମିଳି ପାରିଲା ନାହିଁ । ଯାହାକୁ ନେଇ ଆଜି ଆନ୍ଦୋଳନର ପ୍ରଥାକୁ ଆପଣାଇ ଦୀର୍ଘ ସମୟ ଧରି ନାଉଗାଁ ଡାବର ମୁଖ୍ୟରାସ୍ତାର ଗୋଠଦା ନିକଟରେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ସରକାରଙ୍କ ପକ୍ଷରୁ ୫ କୋଟି ରୁ ଉର୍ଦ୍ଧ ଟଙ୍କା ବିନିମୟ ରେ ୬ ଫେବୃଆରୀ ୨୦୨୨ ରୁ ୧୬ ନଭେମ୍ବର ୨୦୨୩ ମଧରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ଦିଆ ଯାଇଥିଲା । ଦୀର୍ଘ ୧୬ ମାସ ବିତିଯାଇଥିଲା ମଧ ଠିକାଦାରଙ୍କ ଅବହେଳା ମନଭାବ ଓ ଗ୍ରାମ ଉନ୍ନୟନ ବିଭାଗର ଅପରାଗତା ନିମନ୍ତେ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଯଥାଶୀଘ୍ର ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟକୁ ଶୀଘ୍ର କରିବା ପାଇଁ ଚେତାବନୀ ଦେଇଛନ୍ତି ଗ୍ରାମବାସୀଏବଂ ଏଥି ପ୍ରତି ଦୃଷ୍ଟି ଦିଆ ନଗଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ପ୍ରକାଶ କରିଛନ୍ତି ସ୍ଥାନୀୟବାସୀ ।

# ଋଣ ଆଦାୟ ମେଳା ଓ ପୁସ୍ତକ ଉନ୍ମୋଚନ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜମଧର କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା ଓ ପୁସ୍ତକ ଉନ୍ମୋଚନ ଓ ସାଧାରଣ ସଭା ସଭାପତି ଧରଣୀଧର ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ଡିଆରସିଏସ୍ ସଂତୋଷ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସିସିସିବି ର ଶାଖା ପରିଚାଳନ ତାପସ ପ୍ରସାଦ ସିଂହ ସମ୍ମାନିତ ଅତିଥି ଭାବେ, ଉପ ସହକାରୀ ନିବନ୍ଧକ ଅଜୟ କୁମାର ରାଉତ, ଉପ ସଭାନେତ୍ରୀ ମମତା ପ୍ରଧାନ, ସରପଂଚ ରାଜ କିଶୋର ଖୁଣ୍ଟିଆ, ଧ୍ରୁବ ଚରଣ ସାହୁ, ଶିବ ପ୍ରସାଦ ବିଶ୍ୱାଳ, ପ୍ରମୋଦ ସାହୁ, କାର୍ତିକ ନାୟକ, ହରେକୃଷ୍ଣ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଇଗ ଦେଇ ସମିତିର ଆୟବ୍ୟୟ ଓ ବାର୍ଷିକ ବିବରଣୀ ସଂପାଦକ ବୈରାଗି ଚରଣ ସାହୁ ପାଠ କରିଥିଲେ । ଉପସ୍ଥିତ ଅତିଥି ମାନେ ଚାଷୀର ସମସ୍ତ ପ୍ରକାର ସୁବିଧା ପ୍ରତି ଗୁରୁତ୍ୱ ଦେବାକୁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ରେ ସମିତିର ୫ଜଣ ପୂର୍ବତନ ସଭାପତି, ୪ଟି ପଂଚାୟତ ର ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ସଭା ଶେଷରେ ଜିତେନ୍ଦ୍ର ମହାଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ସମସ୍ତ ନିର୍ଦ୍ଦେଶକ, ସ୍ଥାନୀୟ ବୁଦ୍ଧିଜୀବି ଓ ଚାଷୀ ଉପସ୍ଥିତ ଥିଲେ ।

# ସନ୍ଦେହ ଘେରରେ ମହିଳା ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ




ମଙ୍ଗଳପୁର,(ସବ୍ୟୁ) :ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ମଙ୍ଗଳପୁର ବଜାର ସନ୍ନିକଟ ହିରାପୁର ସ୍ଥିତ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜୈନିକା ମହିଳା(ଯୁବତୀ) କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ଲୋକେ ଯୁବତୀଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରି ଟାଙ୍ଗୀ ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ବିଷ୍ଣୁପୁର ଗାଁର ନାରାୟଣ ସାଙ୍କ ଝିଅ ମଧୁସ୍ମିତା ସା (୨୪) ମଙ୍ଗଳପୁର ସନ୍ନିକଟ ହିରାପୁର ଠାରେ ଥିବା ଏକ ବେସରକାରୀ ବ୍ୟାଙ୍କରେ ବିଗତ ଏକ ବର୍ଷରୁ ଅଧିକ ଦିନ ହେବ କ୍ଷେତ୍ରାଧିକାରୀ ପଦବୀରେ କାର୍ଯ୍ୟ କରୁଥିବା ବେଳେ ମଙ୍ଗଳପୁର ବଜାରର ଭୂଦେବ ରାୟଙ୍କ ଭଡ଼ା ଘରେ ରହିଆସୁଥିଲେ । ମଧୁସ୍ମିତା ପ୍ରତିଦିନ ସମୟ ମିଳିଲେ ଏକାଧିକବାର ନିଜ ବାପା ମାଆଙ୍କ ସହ ମୋବାଇଲ୍ରେ କଥା ହୁଅନ୍ତି । ଏପରିକି ଚଳିତ ମାସ ୨୬ ତାରିଖ ବୁଧବାର ରାତି ୯ଟାରେ ମଧୁସ୍ମିତା ନିଜ ମାଆ ଉମାମଣୀଙ୍କ ସହ ମଧ କଥା ହୋଇଥିଲେ । ମାତ୍ର ଗୁରୁବାର ତାଙ୍କ ପରିବାର ପକ୍ଷରୁ ମଧୁସ୍ମିତାଙ୍କୁ ଦିବା ୧ଘଟିକା ପର୍ଯ୍ୟନ୍ତ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ସେ ମୋବାଇଲ୍ ଉଠାଇ ନଥିଲେ । ପାଖାପାଖି ୨ଘଟିକା ସମୟରେ ମଧୁସ୍ମିତା ରହୁଥିବା ଭଡ଼ାଘରର ମାଲିକ ଭୂଦେବ ରାୟ ମଧୁସ୍ମିତାଙ୍କ ମା'ଙ୍କୁ ଫୋନ୍ କରି ତାଙ୍କ ଝିଅ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କହିବା ସହ ସେ ଏବେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ସୂଚନା ଦେଇଥିଲେ । ଝିଅର ଆତ୍ମହତ୍ୟା ଖବର ଶୁଣି ବାପା ନାରାୟଣ ଓ ମା ହତବାକ୍ ହୋଇପଡ଼ିବା ସହିତ ସପରିବାର ମଙ୍ଗଳପୁରରେ ପହଞ୍ଚି ତାଙ୍କ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିବା ଜାଣିବାକୁ ପାଇଥିଲେ ।ମାତ୍ର ତାଙ୍କ ଝିଅ ଆତ୍ମହତ୍ୟା କରିନାହିଁ ବରଂ ଭଡ଼ାଘର ମାଲିକ ଭୂଦେବ ରାୟ ତାଙ୍କ ଝିଅକୁ ଯୋଜନାବଦ୍ଧଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଲିଖିତଭାବେ ମଙ୍ଗଳପୁର ଥାନାରେ ଅଭିଯୋଗକରି ନ୍ୟାୟ ଦାବୀ କରିଛନ୍ତି । ମଙ୍ଗଳପୁର ପୁଲିସ୍ ଅଭିଯୋଗ ଆଧାରରେ ୭୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

# ମସ୍ତିଷ୍କାଘାତରେ ପୀଡ଼ିତ ଯୁବକଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ ର ସହାୟତା

ଡେରାବିଶ ,(ସବ୍ୟୁ): ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ କନ୍ଦରପୁର ଗ୍ରାମର ମସ୍ତିଷ୍କାଘାତ କାରଣରୁ ସ୍ନାୟୁ ଜନତି ରୋଗରେ ଦୀର୍ଘ ତିନି ବର୍ଷ ହେବ ପୀଡ଼ିତ ଯୁବକର ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ଆଜି ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ କନ୍ଦରପୁର ଗ୍ରାମର ପ୍ରବୀର କୁମାର ସ୍ୱାଇଁଙ୍କ ରୋଜଗାରକ୍ଷମ ଏକମାତ୍ର ପୁତ୍ର ଦିପକ ପ୍ରସାଦ ସ୍ୱାଇଁ (୨୫) ଦୀର୍ଘ ତିନିବର୍ଷ ତଳେ ଭୁବନେଶ୍ୱରରେ ଏକ ସଡ଼କ ଦୁର୍ଘଟଣାରେ ମସ୍ତିଷ୍କରେ ଗୁରୁତର ଆଘାତ ପାଇବା ପରେ ସ୍ନାୟୁଜନିତ ରୋଗରେ ପଡ଼ି ସେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି । ଏହି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥିବା ବେଳେ ଦୀପକର ବାପା ଶ୍ରୀ ସ୍ୱାଇଁ ଏବେ ଆର୍ଥିକ ଦୁରାବସ୍ଥା ଦେଇ ଗତି କରୁଛନ୍ତି । ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ପଙ୍କଜ ମଲିକ, କର୍ମଚାରୀ ପ୍ରତାପ ଜେନା, ଦେନିକ ଜମା ସଂଗ୍ରହକାରୀ ଏଜେଂଟ ଅମିତ ଦାସ ପ୍ରମୁଖଙ୍କ ଗହଣରେ ଦିପକଙ୍କ ଘରେ ପହଂଚି ରୋଗଶଯ୍ୟାରେ ପୀଡ଼ିତଙ୍କ ବାପା ପ୍ରବୀରଙ୍କୁ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରିବା ସହିତ ଆବଶ୍ୟକ ହେଲେ ଅଧିକ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସହାୟତା ରାଶି ପ୍ରଦାନ ବେଳେ ୱାର୍ଡ଼ ସଭ୍ୟ ସୁଧାଂଶୁ ଲେଙ୍କାଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ୍ ସୋସାଇଟିର କାର୍ଯ୍ୟକାରୀ ପରିସୀମା ଅବିଭକ୍ତ କଟକ ଜିଲ୍ଲା ମଧ୍ୟରେ ବିଭିନ୍ନ ସମୟରେ ଅସହାୟ ରୋଗୀ, ଉଚ୍ଚଶିକ୍ଷା ପାଇଁ ଗରିବ ମେଧାବୀ ଛାତ୍ର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା ଏବଂ ଆନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିଆସୁଅଛି । ଆଜିର ସହାୟତା ପ୍ରଦାନକୁ ଅଂଚଳବାସୀ ସ୍ୱାଗତ କରିଛନ୍ତି ।

# ବିଦ୍ୟାଳୟସ୍ତରୀୟ କ୍ଲବ କର୍ମଶାଳା

ପାଣିକୋଇଲ,(ସବ୍ୟୁ): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କ୍ଲବ କର୍ମଶାଳାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ, ସୃଜନ. ଜିଜ୍ଞାସା, କୌଶଳୀ ଏବଂ କ୍ରୀଡ଼ାଙ୍ଗନା କ୍ଲବର ଛାତ୍ରଛାତ୍ରୀ ଗଣ ବିଭିନ୍ନ ପ୍ରକାରର ସୃଜନାତ୍ମକ ତଥା ଗଠନ ମୂଳକ ପ୍ରକଳ୍ପ ଏବଂ ହସ୍ତ ପ୍ରସ୍ତୁତ ପ୍ରାଚୀର ପତ୍ର ତଥା ପ୍ରସଙ୍ଗ ଭିତିକ ନମୁନାର ଉପସ୍ଥାପନା କରିଥିଲେ। ଉକ୍ତ କ୍ଲବରେ ପର୍ଯ୍ୟବେକ୍ଷକ ତଥା ନିରୀକ୍ଷକ ଭାବେ କୈଳାସ ଚନ୍ଦ୍ର ମିଶ୍ର ଓ ଶ୍ରୀକାନ୍ତ ଦାସ ଯେଗ ଦେଇ ପ୍ରକଳ୍ପ ତଥା ଅନ୍ୟକାର୍ଯ୍ୟ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଚାରି କ୍ଲବର ମେଂଟର ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହିତ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଛାତ୍ର ଛାତ୍ରୀ ମାନଙ୍କ କୃତିତ୍ୱ ଲାଗି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ଼ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଭଲ ରାସ୍ତାରେ ପିଚୁ ଘଷା ହେଉଛି

କେନ୍ଦ୍ରାପଡ଼ା ,(ସପ୍ର ):କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଜାତୀୟ ରାଜପଥ ରୁ ମାର୍ଶାଘାଇ କଲେଜ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଜନ- ୨ ବିଭାଗ ଅଧିନରେ ଥିବା ବନ୍ଧ ରାସ୍ତାରେ ସାଢ଼େ ଚାରି ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ମରାମତି କାର୍ଯ୍ୟ ଚାଲୁଛି ।ଏହି ବନ୍ଧ ରାସ୍ତାରେ ୧୫୦ ମିଟର ଭଲ ରାସ୍ତାରେ ପିଚୁ ଘଷି ବିଲ୍ କରିବା ଚେଷ୍ଟା କରୁଛନ୍ତି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ । ଏହି କାର୍ଯ୍ୟ ହେଉଥିବା ରାସ୍ତା ନିକଟରେ ବଡ଼ ବଡ଼ ଖାଲଖମାକୁ ମରାମତି କରାନଯାଇ ଭଲ ରାସ୍ତା ଉପରେ ମରାମତି ଚାଲିଛି । ଯାହା ଦ୍ୱାରା ସାଧାରଣ ଲୋକଙ୍କ ଟିକସ ଟଙ୍କା ପାଣି ପଡୁଚି ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ । ରାସ୍ତା ଓ ଗୃହ ନିର୍ମାଣ ବିଭାଜନ -୨ ର ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀ କେନ୍ଦ୍ରାପଡ଼ା ମୁଖ୍ୟ କାର୍ଯ୍ୟାଳୟ ରେ ରହି ପେଟି ଠିକାଦାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଆରାମ କରୁଥିବା ବେଳେ ପେଟି ଠିକାଦାର ମନଇଚ୍ଛା ପିଚୁ ଢ଼ାଳି ଚାଲିଛି । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ଦୁର୍ନୀତିକୁ ଧରାଜାଇ ପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି. ।

## ଲୁଣାନଦୀ ଓ ଗୋବରୀରେ ଶ୍ରଦ୍ଧାଳୁଙ୍କ ବୁଡ଼

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ବେଢ଼ା ଓ ଏଣ୍ଡର ପଂଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଂଚୁପାଣ୍ଡବ ମନ୍ଦିର ବେଢାରେ ଗତକାଲି ଠାରୁ ଆରମ୍ଭ ହୋଇଛି ପବିତ୍ର ବାରୁଣୀ ଯାତ୍ରା । ପବିତ୍ର ଲୁଣାନଦୀରେ ଗତକାଲି ପ୍ରାତଃରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରି ନିଜର ମାନସିକ ପୁରଣ କରିବା ପାଇଁ ନଦୀକୂଳରେ ଥିବା ଖଲାରେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା । ଏଣ୍ଡର ପଂଚାୟତ ଡେରାଢ଼ିହ ସ୍ଥିତ ଗୋବରୀ ନଦୀର ତୀର୍ଥକୂଳରେ ରବିବାର ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ପଂଚୁପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ତୀର୍ଥକୂଳରୁ ମନ୍ଦିର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ପଡିଥିବା ଚାଦରରେ ମାନସିକ ଧାରୀ ଶ୍ରଦ୍ଧାଳୁଙ୍କ ଚାଉଳ ଓ ବିରି ଶସ୍ୟ ପକାଇ ନିଜର ମାନସିକ ପୁରଣ କରୁଥିବା ଦେଖିବାକୁ ମିଳିଥିଲା । ସେହିପରି ଏହି ବାରୁଣୀ ଯାତ୍ରା ପଂଚୁପାଣ୍ଡବ ଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଖଲାରେଶ୍ୱରଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି ବାରୁଣୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବାଜିଲା ଓମଫାର ନିର୍ବାଚନୀ ବିଗୁଲ



ପାରାଦୀପ ,( ଜି. ପ୍ର ) : ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ବାଜିଲା ନିର୍ବାଚନୀ ବିଗୁଲ ।ପୂର୍ବରୁ ଓମ୍ଫାର ନିର୍ବାଚନ ନ ହୋଇ ସହମତି ଭାବରେ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କୁ ମନୋନୀତ କରାଯାଉଥିବା ସମୟରେ ୨୦୧୬ ମସିହା ଠାରୁ କ୍ରମାଗତ ଭାବରେ ପ୍ରତ୍ୟେକ ତିନିବର୍ଷରେ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି ।ଚଳିତବର୍ଷ ନିର୍ବାଚନ ପାଇଁ ବାଜିଛି ବିଗୁଲ । ଦୁଇଗୋଷ୍ଠୀ ନିଜର ସମର୍ଥକମାନଙ୍କୁ ନେଇ ଶୋଭାଯାତ୍ରା ରେ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରଥମେ ଅମରଜିତ ଜେନା ନିଜର ସମସ୍ତ ପ୍ରାର୍ଥୀମାନଙ୍କୁ ସାଥିରେ ଧରି ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ହନୁମାନ ମନ୍ଦିର ଠାରୁ ନିଜ ସମର୍ଥକ ଏବଂ ସମସ୍ତ ପ୍ରାର୍ଥୀ ମାନଙ୍କୁ ସାଥିରେ ନେଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ଶ୍ରୀକାନ୍ତ ପରିଡା ଏବଂ ଟିମ । ଗତ ନିର୍ବାଚନରେ ଶ୍ରୀକାନ୍ତ ଙ୍କ ଟିମ ବିପୁଳ ଭୋଟରେ ବିଜୟୀ ହେବା ସହିତ ଟ୍ରଲର ମାଲିକ ମାନଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିବା ସହିତ ଲୋୟର ପିଏମଜି ଠାରେ ଲକ୍ଷ ଲକ୍ଷ ମତ୍ସ୍ୟଯିବି ମାନଙ୍କୁ ସାଥିରେ ଧରି ମତ୍ସ୍ୟଶିଳ୍ପ ର ଉନ୍ନତି ପାଇଁ ଅନେକ କାର୍ଯ୍ୟ ଆପଣାଇଛନ୍ତି ।ଚଳିତ ନିର୍ବାଚନରେ ସମସ୍ତ ବୋଟ ମାଲିକ ମାନେ ଆଶୀର୍ବାଦ କରିବା ସହିତ ଆମ ଟିମ କୁ ସମ୍ପୂର୍ଣ ଭାବରେ ବହୁମତ ପ୍ରଦାନ କରିବେ ବୋଲି ଆଶାବାଦୀ ରହିଛନ୍ତି ଶ୍ରୀକାନ୍ତ ପରିଡା । ପାରାଦୀପ ମାଛଧରା ବନ୍ଦର ରେ ରହିଥିବା ଟ୍ରଲର ଓ ବୋଟ ମାଲିକ ମାନେ ଦୁର୍ଦିନ ରେ ଗତି କରୁଛନ୍ତି, ଆଗାମୀ ଦିନରେ ମୁହାଣ ଖନନ ସହିତ ମାଛଧରା ବନ୍ଦର ମଧରେ ଏକ ଆଇସ ପ୍ଲାଣ୍ଟ ନିର୍ମାଣ କରିବା, ମତ୍ସ୍ୟଶିଳ୍ପ ରେ ଜଡିତ ଲକ୍ଷାଧିକ ପରିବାର ର ଉନ୍ନତି ପାଇଁ ସ୍ୱର ଉଠାଇବା ଆମର ପ୍ରଥମ କାର୍ଯ୍ୟ ବୋଲି କହିଛନ୍ତି ସଭାପତି ପ୍ରାର୍ଥୀ ଶ୍ରୀକାନ୍ତ ପରିଡା ।ତେବେ ବିଗତ ନିର୍ବାଚନ ଭଳି ଚଳିତ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନ ରେ ବିଜୟୀ ହେବେ ବୋଲି କହିଛନ୍ତି ଶ୍ରୀକାନ୍ତ ପରିଡା ଏବଂ ଟିମ ।କିନ୍ତୁ ଅନ୍ୟପକ୍ଷରେ ଅମରଜିତ ଜେନା ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ରଶ୍ମି ରଞ୍ଜନ ପରିଡା ଏବଂ ତାଙ୍କ ଟିମ ଚାଲେଞ୍ଜ କରିଛନ୍ତି ଅପର ଗୋଷ୍ଠୀକୁ । ଦୀର୍ଘ ନଅ ବର୍ଷର ଅଭିଜ୍ଞତାକୁ ନେଇ ସମରଜିତ ଓ ରଶ୍ମି ଆଶାବାଦୀ ଥିବା ଓ ଗତ ନିର୍ବାଚନରେ ମୁହାଣ ମୁହଁ ଖନନ ସହିତ ଡିଜେଲ ସବସିଡକୁ ଆୟୁଧ କରି ନିର୍ବାଚନ ଜିତିଥିବା ଗୋଷ୍ଠୀ ସେଥିରେ ସଫଳ ହୋଇ ନଥିବା ବେଳେ ଭୋଟର ତାଙ୍କୁ ଉଚିତ ଜବାବ ଦେବେ ବୋଲି ସେମାନେ ଆଶା ପୋଷଣ କରିଛନ୍ତି ।

# କନିକା ହାଇସ୍କୁଲ ଆୟତନର ବାର୍ଷିକୋତ୍ସବ

ରାଜକନିକା,(ସବ୍ୟୁ) :କନିକା ହାଇସ୍କୁଲ ଆୟତନ ର ୬୫ ତମ ବାର୍ଷିକ ଉତ୍ସବ ସହିତ ପୁରସ୍କାର ବିତରାଣୀ ଏବଂ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ର ପ୍ରଦର୍ଶନୀ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୨୯ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଜୋସ୍ନାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ନବ କିଶୋର ସୁତାର, ବିଦ୍ୟାଧର ତ୍ରିପାଠୀ, ଚିଦାମ୍ବର ପତି, ନିମଂତ୍ରିତ ଅତିଥି ଭାବେ ପ୍ୟାରୀ ମୋହନ ସ୍ୱାଇଁ, ପଦ୍ମ ଲୋଚନ ରାଉତ, ଦେବବ୍ରତ ବେହେରା, ଯଶୋବନ୍ତ ଗିରି, ଶରତ ଚନ୍ଦ୍ର ପଣ୍ଡା ରାଜଲକ୍ଷ୍ମୀ ଧଳ, ମିନତୀ ବେହେରା ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁଣ କୁମାର ଜେନା ବାର୍ଷିକ ବିବରଣୀ ପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ମାହାଙ୍ଗା,(ସବ୍ୟୁ): ମାହାଙ୍ଗା ବ୍ଲକ ଅର୍ନ୍ତଗତ ନାହାଙ୍ଗ ପଂଚାୟତ ସ୍ଥିତ ନାହାଙ୍ଗ କେନ୍ଦ୍ର ସରକାରୀଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସିଆର୍‌ସିସି ରମାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା କଥାବାଚକ ଶାରଦା ପ୍ରସାଦ ମିଶ୍ର ଯୋଗଦେଇ ପିଲାମାନଙ୍କୁ ଆଦର୍ଶ ଜୀବନଚର୍ଯ୍ୟା ଗଠନ ଉପରେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ମହିମା ଧର୍ମ ଗବେଷକ ଡଃ. ଏକାଦଶୀ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ନିର୍ଦ୍ଦେଶକ ଗ୍ରୀନ୍ ଭିଜନର ବଳରାମ ପାତ୍ର, ଅବସରପ୍ରାପ୍ତ ସିଆର୍‌ସିସି ହରେକୃଷ୍ଣ ସାହୁ, ଦ୍ୱିତୀୟଭଞ୍ଜସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସାମ୍ବାଦିକ ବଲ୍ଲଭ ପଲେଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଂଜନ ଦାସ, ପରିବେଶବିତ୍ ଚିତ୍ତରଂଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ପ୍ରଧାନ ଶିକ୍ଷକ ପ୍ରଦିପ୍ତ ମହାପାତ୍ର, ସାମ୍ବାଦିକ ବିଜୟ କୁଅଁର, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଅଂଶଗ୍ରହଣ କରି ପିଲାମାନଙ୍କୁ ନିଷ୍ଠା ଓ ପରିଶ୍ରମ ବଳରେ ବିଦ୍ୟାଳୟର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ୧୫୦ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି ଅତିଥିପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଭାଗବତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଲଲାଟେନ୍ଦୁ ନାଉଗାଁ ବ୍ଲକ ପାଇଁ ସାଂସଦଙ୍କ ପ୍ରତିନିଧି



ନାଉଗା,(ସବ୍ୟୁ) :ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁର ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡାଙ୍କୁ ନାଉଗାଁ ପାଇଁ ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି । ଏନେଇ ସାଂସଦ ବିଭୁ ପ୍ରସଦ ତରାଇଙ୍କ ନିଜ ପ୍ୟାଡ଼ରେ ଏକ ତାଲିକା ପ୍ରକାଶ ପାଇଛି । ଏହି ଅବସରରେ ଶ୍ରୀ ପରିଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଶ୍ରୀ ପରିଡା ଦୀର୍ଘ ଦିନରୁ ନାଉଗାଁ ବ୍ଲକରେ ବିଜେପି ସଂଗଠନକୁ ମଜ୍‌ବୁତ କରିଛନ୍ତି। ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଏନେଇ ଶ୍ରୀ ପରିଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ବାଲିଚନ୍ଦ୍ରପୁର,(ସବ୍ୟୁ) :ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତରେ ପ୍ରତିବର୍ଷ ପରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲିପଡ଼ିଆ ଯୁବସଂଘର ୫୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଥିବା ବେଳେ ୩୯ତମ ଜିଲ୍ଲା ସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬ଟି ନାଟ୍ୟ ସଂସଦ ଭାଗନେଇଥିବା ବେଳେ ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆର ମଧୁକେଶ୍ୱର ନାଟ୍ୟ ପରିଷଦ ମଞ୍ଚସ୍ଥ କରିଥିବା (କାନ୍ଦେନା ଲୁହ ସରିଯିବ) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ମା'ଡ୍ରାମାଟିକ୍ କ୍ଲବ ତିଗିରିଆ ଦେଉଡ଼ି (ହାଃ କୃଷ୍ଣ ବୋଲି ଯାଉ ଜୀବ) ନାଟକ ମଞ୍ଚସ୍ଥ କରି ଦ୍ୱିତୀୟ ସ୍ଥାନ ଓ ମା'ବାୟାଣି ଡ୍ରାମାଟିକ୍ କ୍ଲବ ସକୁନ୍ତଳାପୁର (ଆଖି ଅବୁଝା କୁ ଲୁହ ଅବୁଝା)ନାଟକ ମଞ୍ଚସ୍ଥ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନ ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁରର ଥାନାଧିକାରୀ ସମରଜିତ୍ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକସଂଘ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରେ ଥିବା ଦିବଙ୍ଗତ ସ୍ୱାଧିନତା ସଂଗ୍ରାମୀ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ହରି ବାରିକ, ନିଳ ମଳିକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଯୁବକସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀଙ୍କ ସଂଚାଳନାରେ ଆୟୋଜିତ ଉତ୍ସବରେ ସଭାପତି ଦୀଲ୍ଲିପ କୁମାର ସାମଲ, ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଶିକ୍ଷାବିତ୍ ଉମାକାନ୍ତ ବଳ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଚନ୍ଦ୍ରକାନ୍ତ ପ୍ରଧାନ, ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ନାଟ୍ୟ ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରା ସୃଷ୍ଟି ହେବା ସହ କଳା ଓ ସଂସ୍କୃତିକୁ କିପରି ଜୀବିତ ରଖାଯାଇପାରିବ ସେ ନେଇ ନିଜ ନିଜର ମତପୋଷଣ କରିଥିଲେ। ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାୟକ, ଶ୍ରେଷ୍ଠନାୟିକା , ଶ୍ରେଷ୍ଠପାର୍ଶ୍ୱ ନାୟିକା, ଶ୍ରେଷ୍ଠ ନିର୍ଦ୍ଦେଶକ ଉଦୟଭାନୁ ଦାସ , ଶ୍ରେଷ୍ଠ ଗାୟକ ପୁରୁଷ (ରାଜା ବାବୁ), ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପ୍ରତାପ ରୁଦ୍ର ବିଶ୍ୱାଳ ପ୍ରମୁଖ ବିବେଚିତ ହୋଇ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ଭାବେ ଗ୍ରହଣ କରିଥିଲେ ।

# ଘୋଷଣାରେ ଦଶପଲ୍ଲା- ପୁରୀ ମେମୁ ଟ୍ରେନ ଚଳାଚଳ : ଲୋକଙ୍କ କ୍ଷୋଭ




ନୟାଗଡ଼, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଦଶପଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀକୁ ମେମୁ ଟ୍ରେନ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ଘୋଷଣା ପରେ ବି ମେମୁ ଟ୍ରେନ ଚାଲୁକରା ନ ଯିବାରୁ ନୟାଗଡ଼ ନାଗରୀକ ମଚଂ କ୍ଷୋଭ ପ୍ରକାଶ କରିଛି। ଗତ ଜାନୁଆରୀ ମାସ ୧ ତାରିଖରୁ ଦଶପଲ୍ଲା ପୁରୀ ମଧ୍ୟରେ ନୂତନ ମେମୁ ଟ୍ରେନ ଚଳାଚଳ କରିବା ବିଷୟରେ ରେଳ ବିଭାଗ ପକ୍ଷରୁ ଯାତ୍ରୀଙ୍କ ସୂଚନା ଲାଗି ବିଧିବଦ୍ଧ ପତ୍ର ଜାରି କରା ଯାଇଥିଲା। ସେଥିନେଇ ଦଶପଲ୍ଲାରୁ ପୁରୀ ମଧ୍ୟରେ ଚଳାଚଳ କରୁଥିବା ଟ୍ରେନ୍ ନଂ-୦୮୪୪୯ କୁ ବଦଳା ଯାଇ ମେମୁ ଟ୍ରେନ ନମ୍ବର ୬୮୪୪୯ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା । ଗତ ଜାନୁଆରୀ ୧ରୁ ଟ୍ରେନ ନମ୍ବର ବଦଳି ଯାଇଥିବା ବେଳେ କିନ୍ତୁ ସେହି ପୁରୁଣା ଟ୍ରେନ ଚଳାଚଳ କରୁଛି । ପୁରୀ ଯିବା ପାଇଁ ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଯାତ୍ରୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଥିବା ବେଳେ ନୟାଗଡ଼ ଜିଲ୍ଲା ପ୍ରତି ରେଳବିଭାଗର ବୈମାତୃକ ମନୋଭାବ ଜନଅସନ୍ତୋଷ କାରଣ ହୋଇଛି। ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରା ଯାଉଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ।

ତୁରନ୍ତ ପୂର୍ବ ଘୋଷଣା ଅନୁସାରେ ଦଶପଲ୍ଲା-ପୁରୀ ମଧ୍ୟରେ ମେମୁ ଟ୍ରେନ ପ୍ରଚଳନ କରିବା ପାଇଁ ନୟାଗଡ଼ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କସମେତ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ତଥା ଜନସାଧାରଣ ପକ୍ଷରୁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଦୋହରାଇଛନ୍ତି। ଅନ୍ୟଥା ଆନ୍ଦୋଳନ ମାଧ୍ୟମରେ ଦାବି ହାସଲ କରାଯିବ ବୋଲି କୁହାଯାଇଛି।

# ଭୂତଳ ଜଳସ୍ତର ହ୍ରାସ: କଷ୍ଟ ପାଉଛନ୍ତି ଜନତା

ଭାପୁର ,(ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ଉପର ମୁଣ୍ଡରେ ମହାନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଗ୍ରୀଷ୍ମ ଦିନେ ସାଧାରଣ ଜନତା ଜଳ ସମସ୍ୟା ଭୋଗିଥାନ୍ତି । କାରଣ, ଭୂତଳ ଜଳ ହ୍ରାସ ପାଉଥିବାରୁ ମହାନଦୀରେ ଆଉ ଜଳ ସ୍ତର ଦେଖା ଯାଉନାହିଁ ଫଳରେ,ମହାନଦୀ ଶୁଖିଲା ପଡ଼ିଛି । ଭାପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ମହାନଦୀ ଏବଂ ତାର ଶାଖା ନଦୀ କମେଇ,କାଳିଗିରି ନଦୀ ଶୁଖିଲା ପଡ଼ିଛି ।ଫଳରେ ମହାନଦୀ ପଠାରେ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାଉଥିବା କରବର, ଲଣ୍ଡାବର, ମାଣିତ୍ରୀ,ପଦ୍ମାବତୀ ଆଦି ଗ୍ରାମର ଚାଷୀମାନେ ହାତଗୋଡ଼ ବାନ୍ଧି ବସିଛନ୍ତି । ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ ପାଣି ଅଭାବରୁ ଅକାମୀ ହୋଇ ପଡ଼ି ରହିଛି। ଚିରସ୍ରୋତା ମହାନଦୀରେ ଦିନକୁ ଦିନ ଜଳ ଧାରଣ ଶକ୍ତି ହ୍ରାସ ପାଉଥିବାରୁ ବର୍ତ୍ତମାନ ଉଦବେଗ ଜନକ ପରିସ୍ଥିତି ରେ ପହଞ୍ଚିଛି । ଏହିଭଳି ରୋଚକ ସ୍ଥିତିରେ ଭାପୁର ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମ୍ୟ ପରିମଳ ବିଭାଗ ପାନୀୟ ଜଳ ଯୋଗାଣ ନିମନ୍ତେ ନାକେଦମ୍ ହେବାକୁ ପଡୁଛି । ପାନୀୟ ଜଳ ତଥା ଚାଷ ଜମିକୁ ଜଳ ଯୋଗାଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକଡ୍ୟାମ ଗୁଡ଼ିକ ଶୁଖିଲା ପଡ଼ିଛି ଛାଭାପୁର ବ୍ଲକର ଜୀବନରେଖା କୁହାଯାଉଥିବା ମହାନଦୀ ଅବବାହିକାରେ ବ୍ୟାରେଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ହୁଦିନ ହେଲା ଦାବୀ ହୋଇଆସୁଥିଲେ ମଧ୍ୟ ରାଜନେତା ମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିବାରୁ ଜଳସ୍ତର ହ୍ରାସ ପାଇବା ଅନ୍ୟ ଏକ କାରଣ ବୋଲି ପରିବେଶବିତ ମାନେ ପ୍ରକାଶ କରିଛନ୍ତି ।

ବ୍ୟାରେଜ୍ ନିର୍ମାଣ ହୋଇଥିଲେ ଜଳ ସଞ୍ଚିତ ହୋଇ ରହିଥାନ୍ତା। ଫଳରେ, ମହାନଦୀରେ ଜଳ ଆଉ ହ୍ରାସ ପାଇ ନ ଥାଆନ୍ତା । ବର୍ତ୍ତମାନ ପ୍ରତ୍ୟେକ ଙ୍କ ଘରେ ବୋରୱେଲ ହେଉଥିବାରୁ ଜଳ ହ୍ରାସ ହେବା ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି।ଯାହାକି ଏହାର ସିଧା ପ୍ରଭାବ ନଳକୂପ,କୂପ ଉପରେ ପଡୁଛି ।ଫଳରେ, ଗ୍ରୀଷ୍ମ ଦିନେ ଏହା ଅକାମୀ ହୋଇ ପଡୁଥିବାରୁ ସାଧାରଣ ଜନତା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ତେଣୁ, ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବିହେଉଛି।

# ଜାଲ୍ କାଗଜରେ ଲଘୁ ଖଣିଜ ସାମଗ୍ରୀ ଚାଲାଣ

ଆଠଗଡ, (ସବ୍ୟୁ) : ୨୦୨୩ ମସିହାରୁ ଲଘୁ ଖଣିଜ ସମ୍ପଦର ନିୟନ୍ତ୍ରଣ ଦାୟିତ୍ୱ ରାଜସ୍ୱ ବିଭାଗ ହାତରୁ କାଢି ନିଆଯାଇ ଖଣି ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ସେବେଠାରୁ ଖଣି ମାଫିଆ ମାନେ ସ୍ୱଷ୍ଟ ଦିବାଲୋକରେ ଜାଲ କାଗଜ ପତ୍ରରେ ଆଠଗଡ଼ ରାସ୍ତା ଦେଇ ଟ୍ରକ, ଟ୍ରାକ୍ଟର ସାହାଯ୍ୟରେ ବହୁପରିମାଣରେ ଲଘୁ ଖଣିଜ ସାମଗ୍ରୀର ଚୋରା ଚାଲାଣ କରୁଛନ୍ତି । ଏଠି ଖଣି ବିଭାଗ ନିରବଦ୍ରଷ୍ଟା ସାଜିଛି।ରାଜ୍ୟ ସରକାର ଏଥିରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ପରିବେଶ ଉପରେ ମଧ୍ୟ ବହୁ ମାତ୍ରାରେ କୁପ୍ରଭାବ ପକାଉଛି। ଆଠଗଡ ସହର ରାସ୍ତା ଦେଇ ମୁଖ୍ୟତଃ ଢେଙ୍କାନାଳ ଜିଲ୍ଲାରୁ ନିୟମିତ ମାଙ୍କଡା ପଥର ଓ କଳା ମୁଗୁନି ପଥର ଜାଲ୍ 'କେ ଫର୍ମ' ଜରିଆରେ ଚୋରା ଚାଲାଣ ହେଉଛି ।

ଆଠଗଡରେ ଖଣି ବିଭାଗର କୌଣସି କାର୍ଯ୍ୟାଳୟ ନଥିବାବେଳେ କେବଳ ଜିଲ୍ଲାସ୍ତରରେ ଗୋଟିଏ କାର୍ଯ୍ୟାଳୟ ରହିଛି । ଜିଲ୍ଲା ଖଣି ବିଭାଗ କେବେବି ଏ ସବୁ ଚୋରା ଲଘୁ ଖଣିଜ ଚାଲାଣକୁ ରୋକିବା ଦିଗରେ ଯାଞ୍ଚ କରିବା ବା ଚଢାଉ କରିବାର ନଜିର ନାହିଁ । ବୁଧବାର ଉପଜିଲ୍ଲାପାଳ ଶ୍ରୀ ଶର୍ମା ମୁଣ୍ଡଳି ପୋଲ ନିକଟରୁ ଏକ ମାଙ୍କଡା ପଥର ବୋଝେଇ ଟ୍ରକକୁ ଅଟକାଇ ଯାଞ୍ଚ କରିବାବେଳେ ଚାଳକ ଜାଲ କେ ଫର୍ମ ଦେଖାଇଥିଲା। ଉପଜିଲ୍ଲାପାଳ ଉକ୍ତ ଟ୍ରକଟିକୁ ଜବତ କରି ଆଠଗଡ ପୁଲିସ ସହାୟତାରେ ତାଙ୍କ କାର୍ଯ୍ୟାଳୟକୁ ଆଣିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଜାରି କରାଯାଇଛି।ଯେଉଁଥିରେ କେ ଫର୍ମ ବା ଟ୍ରାଞ୍ଜିଟ୍ ପାସ ଅସଲି କି ନକଲି ତାହା ଜାଣିହେବ ।ଉକ୍ତ ଆପ୍ ଟି ହେଲା ଇଂରାଜୀ ଆଇ୪ଏମଏସ୍ (ଆଇ ଛୋଟ ଅକ୍ଷର ଏବଂ ଏମଏସ୍ ବଡ ଅକ୍ଷର) ବୋଲି ଉପଜିଲ୍ଲାପାଳ ଶ୍ରୀ ଶର୍ମାଙ୍କ ସୂତ୍ରରୁ ପ୍ରକାଶ ।

# ରାଧାକାନ୍ତ ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

କଣାସ,(ସବ୍ୟୁ) : କଣାସ ବ୍ଲକ ଅଣ୍ଡାରସିଂହ ସର୍ବପୁରାତନ ରାଧାକାନ୍ତ ସେବା ସମବାୟ ସମିତିରେ ଧାନ ମଣ୍ଡିର ସୁବିଧା ନଥିବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ ।ଏ ନେଇ ସମିତିର ସଭାପତି ସଞ୍ଜୀବ ବଳିଆରସିଂହ ଓ ପରିଚାଳନା ପରିଷଦର ସଦସ୍ୟ ଓ ଚାଷୀ ଭାଇ ଭଉଣୀମାନେ ସତ୍ୟବାଦୀର ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଜଣାଇବା ପରେ ବିଧାୟକ ଚାଷୀମାନଙ୍କ ସମସ୍ୟାକୁ ହୃଦଗଂମ କରି ଯୁଦ୍ଧ କାଳୀନ ଭିତରେ ଧାନ ମଣ୍ଡି ଖୋଲିବା ପାଇଁ ପୁରୀ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ନୂତନ ମଣ୍ଡି ଖିଲବା ପାଇଁ ବିଧିବଦ୍ଧ ଭାବେ ପାତ୍ର ପ୍ରକାଶ ପାଇଛି।ଚଳିତ ବର୍ଷ ରବି ଫସଲରେ ଚାଷୀମାନେ ସେମାନଙ୍କର ଧାନ ରାଧାକାନ୍ତ ସେବା ସମବାୟ ସମିତିରେ ମଣ୍ଡିରେ ଧାନ ଦେଇ ସରକାରଙ୍କ ଧାର୍ଯ୍ୟ ଅର୍ଥ ପାଇପାରିବେ ।ଏନେଇ ସମିତିର ସଭାପତି ,ଚାଷୀଭାଇ ଭଉଣୀ ଓ ଅଞ୍ଚଳ ବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜମିଲା ସାଗରସ୍ନାନ ମେଲଣ



ଗୋପ,(ସବ୍ୟୁ) : ବହୁ ପୁରାତନ ତଥା ୧୮୦୬ମସିହାରୁ ବ୍ରିଟିଶ ଅମଳର ସାଗରସ୍ନାନ ତଥା ମୁନିସ୍ ମେଲଣ ଶୁକ୍ରବାର ଭୋର୍ ସମୟରେ ଶେଷ ହୋଇଛି । ମେଲଣର ଥାନପତି ପ୍ରଭୁ ଗୋପାଳ ଜୀଉ ରଙ୍ଗ ଅଭିର ଖେଳି ଆସ୍ଥାନ ସ୍ଥଳୀରେ ବିଜେ କରିଥିବା ବେଳେ ବିଳମ୍ବିତ ରାତ୍ରରେ ଆତସବାଜି ଦେଖି ଘର ବାହୁଡିବେ ବୋଲି ଜଣା ପଡ଼ିଛି। ଗୋପ ଥାନା ର ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ପ୍ରଭୁ ଗୋପାଳ ଜୀଉ ଙ୍କୁ ଆସ୍ଥାନ ବିଜେ କରାଇଥିବା ବେଳେ ଅପେକ୍ଷାରତ ଅନ୍ୟ ଠାକୁର ମାନେ କୁଶଭଦ୍ରା ନଦୀ ତଟ ମେଲଣ ପଡ଼ିଆରେ ଥିବା ଆସ୍ଥାନ ଉପରେ ବସିଛନ୍ତି। କୁହାଯାଏ ବ୍ରିଟିଶ ଶାସନ ସମୟରେ ଏହି ମେଲଣ ଥାନପତି ତଥା ଗୋପାଳ ଜୀଉ ଥାନା ହାଜତରେ ବନ୍ଦୀ ଭାବରେ ରହିଥିବା ବେଳେ ଜଣେ ମୁସଲମାନ ସମ୍ପ୍ରଦାୟର ଦାରୁଗା ବାବୁ ଗୋପାଳ ଜୀଉଙ୍କ ସ୍ୱପ୍ନାଦେଶ ପାଇ ଏହି ମେଲଣ ଆରମ୍ଭ କରିଥିଲେ।

ଏହି ମେଲଣ ମଧ୍ୟ ବ୍ରିଟିସ ଶାସନ ସମୟରୁ ହିନ୍ଦୁ ମୁସଲମାନ ସମ୍ପ୍ରଦାୟର ଲୋକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଯୋଗୁଁ ଏପରି ଏକ ଭାଇଚାରାର ବାର୍ତ୍ତା ବହନ କରୁଥିବା ଏହି ମେଲଣ କୁ ମୁନିସ୍ ମେଲଣ କୁହାଯାଇଥାଏ।

ଗୁରୁବାର ମଧ୍ୟ ରାତ୍ରରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ଗୋପ ଥାନାରୁ ବାଜା ବାଣ ରୋଷଣୀ ନେଇ ସେନାପତି ସାହି ସ୍ଥିତ ଗାଦିବ୍ରହ୍ମ ଠାରେ ପୂଜାର୍ଚ୍ଚନା କରିବା ପରେ ପ୍ରଭୁ ଗୋପାଳ ଜୀଉ ଙ୍କୁ ନିମନ୍ତ୍ରଣ କରି କୁଶଭଦ୍ରା ନଦୀ ତଟ କୁ ପାଛୋଟି ଆଣିଥିଲେ। ପୂଜାପାଠ ଶେଷ ହେବା ପରେ ଆସ୍ଥାନ ଉପରେ ବିଜେ କରିଥିଲେ ଗୋପାଳ ଜୀଉ। ମେଲଣ ପଡ଼ିଆରେ ବିଭିନ୍ନ ଗାଁରୁ ୨୫ଟି ସୁସଜ୍ଜିତ ବିମାନରେ ଠାକୁରମାନେ ଉପସ୍ଥିତ ଥିବାବେଳେ ବାଡି ଖେଳ, ଲଉଡ଼ି ଖେଳ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନରଦା ଗୋପାଳଜୀଉ ମଠ ବାର୍ଷିକ ଉତ୍ସବ

ବାଲିପାଟଣା ,(ସବ୍ୟୁ) : ବାଲିପାଟଣା ବ୍ଲକ ତୁରିନ୍ତିରା ପଞ୍ଚାୟତ ନରଦା ଗୋପାଳଜୀଉ ମଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ପ୍ରାତଃ ରୁ ପୂଜା ଅର୍ଚ୍ଚନା ଓ ହରିନାମ ସଂକୀର୍ତ୍ତନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ , ସହ ଅଧିକାରୀ ସଂଗ୍ରାମ କେଶରୀ ଦାସ , ତୁରୁନ୍ତିରା ପଞ୍ଚାୟତ ସରପଞ୍ଚ ମିତାରାଣୀ ମଲ୍ଲିକ , କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ଦାଶ , ଯୋଗାଣ ସହାୟକ ଶୁଭ୍ରଜିତ ସେନାପତି , ମିନା କେତନ ସେନାପତି , ସଞ୍ଜୟ ମଲ୍ଲିକ, ଶିବ ପ୍ରସାଦ ଜେନା , ମାନସ ପଣ୍ଡା , ସତ୍ୟଜିତ ରାୟ, ବସନ୍ତ କୁମାର ଦାଶ , ଉମାକାନ୍ତ ସାହାଣୀ , ରିବିନ୍ଦ୍ର ଜେନା, ଧରଣୀ ଧର ସାହାଣୀ , ବେଣୁଧର ବାରିକ, ଲିଙ୍ଗରାଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅରବିନ୍ଦ ସ୍ୱାଇଁ , ଅମରେନ୍ଦ୍ର ମହାପାତ୍ର , ରବିନ୍ଦ୍ର ପରିଡା , ଚିନ୍ମୟ ବେହେରା , ବିଶ୍ୱରଞ୍ଜନ ପଣ୍ଡା , ବଦ୍ରି ପ୍ରସାଦ ଦାସ , ସାରଙ୍ଗ ଖଟେଇ , ରମେଶ ରାଉତ, ଅଜୟ ପରିଡା , ଦୀପା ପ୍ରଧାନ, ସହଦେ ପରିଡା ଓ ସରାଟ ମୌଜା ଭକ୍ତ ବୃନ୍ଦ ଏବଂ ସ୍ଥାନୀୟ ଶ୍ରଦ୍ଧାଳୁ ସହଯୋଗ କରିଥିଲେ ହରିବୋଲ ବାବା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ବାଲ୍‌ବାଟିକା ପ୍ରବେଶ ନିମନ୍ତ୍ରଣପତ୍ର ବଣ୍ଟନ



ବୋଲଗଡ, (ସବ୍ୟୁ): ବୋଲଗଡ ବ୍ଲକ ଫାସୀଓଦା ଗ୍ରାପଞ୍ଚାୟତର ଭିମପଡ଼ା ଅଙ୍ଗନବାଡି କେନ୍ଦ୍ର ଠାରେ ବାଲବାଟିକା ପ୍ରବେଶ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ ଉତ୍ସବ ପାଳିତ ହୋଇଛି । ସିଆରସିସି ମହମ୍ମଦ ମୁସ୍ତାକ ଅଲ୍ଲୀ ଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ରାଉତ, ପ୍ରଧାନ ଶିକ୍ଷକ ବାନମ୍ବର ଷଡ଼ଙ୍ଗୀ, ଅଙ୍ଗନବାଡି କର୍ମୀ ଟିକିନା ସାଥୁଆ, ସୁକାନ୍ତି ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବାଲ ବାଟିକାରେ ଶିଶୁଙ୍କୁ ନାମ ଲେଖାଇବା ପାଇଁ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିବେଦନ ପତ୍ର ପ୍ରଦାନ କରିଥିଲେ ଆଗାମୀ ଏପ୍ରିଲ ୨ ତାରିଖରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ । ସେ ଦିନ ଶିଶୁମାନଙ୍କ ଖଡ଼ିଛୁଆଁ କାର୍ଯ୍ୟ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ,ଶେଷରେ ସିଆରସିସି ମୁସ୍ତାକ ଅଲ୍ଲୀ ଖାଁ ଅଭିଭାବକ ମାନଙ୍କ ସହଯୋଗ ଆଶା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# କିଶୋରୀ ସଚେତନତା ପାଲା

ସାକ୍ଷୀଗୋପାଳ, (ସବ୍ୟୁ) : କିଶୋରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଚାଲିଥିବା କିଶୋରୀ ମେଳା ଅନ୍ତର୍ଗତ ଏକ ସରକାରୀ ସଚେତନତା ପାଲା କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ସତ୍ୟବାଦୀ ବ୍ଲକ ମିଶନ ଶକ୍ତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ସଂପାଦକ ପାଲା କଳାକାର ରମେଶ ଚନ୍ଦ୍ର ପଲେଇ ପାଲା ମାଧ୍ୟମରେ ଯୋଜନା ଗୁଡ଼ିକର ବିଭିନ୍ନ ଦିଗ ସଂପର୍କିତ ସଚେତନତା ବାର୍ତ୍ତା ଅତି ସୁନ୍ଦର ଭାବେ ପ୍ରଦାନ କରିଥିଲେ । ସୁଦର୍ଶନ ପରିଡା, ରବୀନ୍ଦ୍ର ସାହୁ, ରାଜକିଶୋର ବେହେରା ଓ ଗିରିଧାରୀ ନାୟକ ସହଯୋଗୀ ଭାବେ ତାଙ୍କୁ ସହାୟତା କରିଥିଲେ।

ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ଝୋଟିଚିତା, ଦଉଡ଼ି ଡିଆଁ, ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପେଣ୍ଠପଡା ପଞ୍ଚାୟତ ଓ ଜୟପୁର ପଞ୍ଚାୟତ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ସତ୍ୟବାଦୀ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରାଜଲକ୍ଷ୍ମୀ ଦାସ କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ବିଷୟରେ କିଶୋରୀମାନଙ୍କୁ ସବିଶେଷ ଅବଗତ କରାଇଥିଲେ ।

# ଭିନ୍ନକ୍ଷମ ମୁକୁନ୍ଦ ନାୟକଙ୍କୁ ମିଳିଲା ଟ୍ରାଇସାଇକେଲ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ନେଳିଗୋଡା ଗ୍ରାମର ଜଣେ ସାଧାରଣ ଚାଷୀ ଓ ପଛୁଆ ବର୍ଗର ଭିନ୍ନ କ୍ଷମ ବ୍ୟକ୍ତି । କୌଣସି ଏକ ବ୍ୟାଧି ଯୋଗୁଁ ମୁକୁନ୍ଦ ନାୟକଙ୍କର ବାମ ଗୋଡର ଆଣ୍ଠୁ ତଳଠୁ ଗୋଡ଼ଟି କିଛି ବର୍ଷ ପୂର୍ବେ କଟା ହୋଇଯାଇଥିଲା। ଗୋଟିଏ ଗୋଡ଼ରେ ଆଶା ବାଡ଼ି ଧରି ସାଧାରଣ ଭାବେ ସେ ଚଳ ପ୍ରଚଳନ କରିବା ସମ୍ଭବ ନ ଥିଲା। ପ୍ରକଳ୍ପ ଅଧିକାର ତରଫରୁ ଅଧିକାର ମିତ୍ରଙ୍କ ଦ୍ୱାରା ତାଙ୍କ ସମସ୍ୟାକୁ ଅନୁସନ୍ଧାନ କରାଗଲା ଏବଂ ତାଙ୍କ ପାଇଁ ଭୀମ ଭୋଇ ଭିନ୍ନ କ୍ଷମ ଯୋଜନା ମାଧ୍ୟମରେ ଟ୍ରାଇ ସାଇକେଲ ମିଳି ପାରିବ ବୋଲି ପରାମର୍ଶ ଦିଆଗଲା। ମେଡିକାଲ ସାର୍ଟିଫିକେଟ ସହିତ ଅନ୍ୟାନ୍ୟ ସମସ୍ତ କାଗଜ ପ୍ରମାଣ ପତ୍ର ବ୍ଲକ ପ୍ରଶାସନଙ୍କ ନିକଟରେ ଦାଖଲ କରାଗଲା। ପ୍ରଶାସନ ସବୁ ଦିଗରୁ ଅନୁଧାନ କରି ଏହି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଟିଏ ପାଇବାକୁ ଯୋଗ୍ୟ ବୋଲି ବେବେଚନା କଲେ।ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଭୀମଭୋଇ ଭିନକ୍ଷମ ଶିବିରରେ ସରକାରଙ୍କ ତରଫରୁ ଏକ ଟ୍ରାଇ ସାଇକେଲ ତାଙ୍କୁ ଯୋଗାଇ ଦିଆଯିବା ଫଳରେ ସେ ବର୍ତ୍ତମାନ ଚଳ ପ୍ରଚଳ କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇପାରିଛନ୍ତି ଏବଂ ଅନ୍ୟ ଉପରେ ଆଉ ନିର୍ଭର କରିବାକୁ ପଡିଲା ନାହିଁ।ପ୍ରକଳ୍ପ ଅଧିକାର ସହଯୋଗ ଓ ଉଦ୍ୟମ ଫଳରେ ଏ ସଫଳତା ସେ ପାଇଥିବା ଯୋଗୁଁ ତାଙ୍କ ପରିବାର ଓ ଗ୍ରାମବାସୀ ଅନେକ ଆନନ୍ଦିତ।

# ନବ ନିର୍ମାଣ ଗାଡ଼ୱାଲରେ ଦିଆଯାଉନି ପାଣି

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ହଜ ବଦପୋଖରାଆ ରାସ୍ତାର ଟାଙ୍ଗୋଳ ପଂଚାୟତ ଗୋବରା ମୌଜାରେ ହୋଇଥିବା ଗାଡ଼ୱାଲ୍ କାର୍ଯ୍ୟ ସରିଛି । କିନ୍ତୁ ଏଥିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଦିଆ ଯାଉ ନଥିବାରୁ ଏହାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ସୋଇଛି । ଏହି କାର୍ଯ୍ୟ ଟି ତରବରିଆ ଭାବେ ଅବସ୍ଥାରେ ତାର ନିର୍ମାଣ କାର୍ଯ୍ୟ ଠିକାଦାର ଜଣକ ଶେଷ କରିଥିବାବେଳେ ଏଥିରେ ମାଟି ପ୍ୟକିଂ କରାଯାଇଛି ।

କିନ୍ତୁ ଏହି ନୂତନ ନିର୍ମାଣ କାର୍ଯ୍ୟରେ ପର୍ଯ୍ୟାପ୍ତ ପରିମାଣର ପାଣି ଦିଆ ଯାଉ ନ ଥିବା ସ୍ଥାନୀୟ କିଛି ଲୋକେ ଅଭିଯୋଗ କରୁଛନ୍ତି । ତେଣୁ ବିଭାଗୀୟ ଯନ୍ତ୍ରୀ ଏହାର ତଦାରଖ କରିବାକୁ ଦାବି କରିଛନ୍ତି ।

# ରମଜାନ ଓ ଇଦ୍ ପାଇଁ କାକଟପୁର ଚଳଚଞ୍ଚଳ

କାକଟପୁର (ସବ୍ୟୁ) : ପୁରୀ ଜିଲ୍ଲାର ପ୍ରମୁଖ ଅଞ୍ଚଳ କାକଟପୁର ରମଜାନ ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ମେଡିକାଲ ଛକ ଓ ବିଭିନ୍ନ ଦୋକାନରେ ଡ୍ରାଏଫ୍ରୁଟସ ଅତର ଠାରୁ ଆରମ୍ଭ କରି କେଶର , ଲଚ୍ଛା ପ୍ରଭୃତି ଖାଦ୍ୟ ସାମଗ୍ରୀ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି । ଲଚ୍ଛା ଓ ବିଭିନ୍ନ କିସମର ଖଜୁରି ବିକ୍ରି ହେଉଛି ଛ ଆରବୀୟ ଦେଶରୁ ଆମଦାନି ଅଜୁଆ ଖଜୁରୀର ଚାହିଦା ମାତ୍ରାଧିକ ରହିଛି। ସେହିପରି ଗୋଲାପ ରୁ ପ୍ରସ୍ତୁତ ରୁହ-ଅଫଜା ସର୍ବତ, ଅଖରୋଟ୍ , ଅଞ୍ଜିର , ଚେରୀ ଆଦି ଡାଏଫ୍ରୁଟ ଓ ସିମେଇ ଭଳି ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛିଛସେହିପରି ଜାନମାଜ୍(ଆସନ) ମିସଓ୍ୱାକ୍(ଦାନ୍ତକାଠି)ର ମଧ୍ୟ ପସରା ଖୋଲିଛି ।ଇଦ୍ ପ୍ରସ୍ତୁତି ପାଇଁ ଲୁଗା ଦୋକାନ ଓ ମନୋହରୀ ଦୋକାନରେ ଭିଡ଼ ଜମୁଛି ।ମୁସଲିମ୍ ଯୁବତୀମାନେ ଲୁଗା ଦୋକାନରେ ନୂଆ ନୂଆ ଡିଜାଇନର ବୁରକା କିଣିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।ବ୍ୟୁଟି ପାର୍ଲର ଓ କିଛି ମହିଳା ଆର୍ଟିଷ୍ଟ ବୁଲି ବୁଲି ମେହେନ୍ଦୀ ଲଗାଉଛନ୍ତି ।ବଜାରରେ ବୟସ୍କଙ୍କ ପାଇଁ ଚାନ୍ଦ ମାର୍କା ଲୁଙ୍ଗିର ବହୁତ ଚାହିଦା ରହିଛି ।ଅନଲାଇନ୍ ସପିଙ୍ଗ ସାଇଟ ରେ ଇଦ୍ ଧମାକା ଅଫର ସବୁ ମିଳୁଛି ଛ ଗତକାଲି ଗୁରୁବାର ରାତିରୁ ରାତି ତମାମ ଉଜାଗର ରହି ଲୈଲତୁଲ କଦ୍ର ପଢ଼ିବା ପରେ ଅଲବିଦାୟୀ ଜୁମ୍ମା(ରମଜାନର ଶେଷ ଶୁକ୍ରବାର) କୁ ବିଦାୟ ଜଣାଇବା ପାଇଁ ମସଜିଦରେ ବିଶେଷ ସମାଗମ ଓ ଆଲୋଚନାକୁ ନେଇ ସମସ୍ତଙ୍କ ମନରେ ବିଶେଷ ଆଗ୍ରହ ଦେଖା ଦେଇଛି।ଇଦ ଉଲ ଫିତର ପ୍ରସ୍ତୁତି ଓ ସ୍ୱାଗତ ପାଇଁ ଆଖପାଖ ଗ୍ରାମରେ ବିଶେଷ ତୋରଣ ଓ ଆଲୋକ ସଜ୍ଜା ଇଦ୍ର ଖୁସିକୁ ଦିଗୁଣିତ କରିଛି।ରମଜାନ ସରି ସରି ଆସୁଥିବା ବେଳେ ଭାଇଚାରାର ଏହି ଅଞ୍ଚଳରେ ହିନ୍ଦୁ ମୁସଲିମ ମିଶି 'ଇଫତାର ପାର୍ଟି' ବା ଦାଓ୍ୱତେ ଇଫତାର ର ଆୟୋଜନ ପରିବେଶକୁ ବେଶ ଆକୃଷ୍ଟ କରିଛି ।ଦେଶ ବିଦେଶରେ ରହୁଥିବା ଯୁବକମାନେ ଖୁସିରେ ଇଦ ପାଳନ ପାଇଁ ଘରକୁ ପହଞ୍ଚୁ ଥିବା ବେଳେ ବଜାରରେ ନୂଆ ନୂଆ ବାଇକ୍ କିଣିବାରେ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି ।

# ଚିଲିକା ବୁଲିବାକୁ ଆସି ମହିଳା ପର୍ଯ୍ୟଟକ ମୃତ

ବାଲୁଗାଁ ,(ସବ୍ୟୁ) :ଚିଲିକା ବୁଲିବାକୁ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କ ଅକାଳ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ କେନ୍ଦୁଝର ଜିଲ୍ଲା ହରିଚନ୍ଦନ ପୁର ଥାନା ସନ୍ତୋଷ ପୁର ଗ୍ରାମର ଲଳିତା ମାହାନ୍ତୋ ( ୫୫)ବୋଲି ଜଣାଯାଇଛି। ମୃତ ଲଳିତା ପରିବାରଙ୍କ ସହିତ ଚିଲିକା ପରିଭ୍ରମଣ ଓ ମା କାଳିଜାଇଙ୍କ ଦର୍ଶନ ନିମନ୍ତେ ଗୁରୁବାର ସନ୍ଧ୍ୟାରେ ବାଲୁଗାଁ ଆସି ଚିଲିକା କୂଳରେ ଥିବା ଏକ ହୋଟେଲରେ ରାତ୍ରି ଯାପନ କରିଥିଲେ । ଶୁକ୍ରବାର ସକାଳେ ସପରିବାର ମା କାଳିଜାଇ ବୁଲିବାକୁ ବାହାରିଥିଲେ ।କିନ୍ତୁ ଲଳିତା ଅସୁସ୍ଥ ଅନୁଭବ କରିବାରୁ ସେ ନଯାଇ ହୋଟେଲରେ ଏକାକୀ ରହିଥିଲେ ।କିଛି ସମୟ ପରେ ମହିଳା ଜଣକ ହୋଟେଲରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ କର୍ମଚାରୀମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ଅଧାବାଟରୁ ଫେରି ଆସି ହୋଟେଲରେ ପହଞ୍ଚିଥିଲେ ଏବଂ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲରେ ମହିଳାଙ୍କୁ ଭର୍ତ୍ତି କରାଇଥିଲେ ।ହେଲେ ସେଠାରେ ଡାକ୍ତର ମହିଳାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

ମହିଳା ଜଣକ ପୂର୍ବରୁ ହୃଦରୋଗରେ ପୀଡିତ ଥିବା ପରିବାର ପକ୍ଷରୁ କୁହାଯାଇଛି । ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# କବି ରମାକାନ୍ତଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ଅସାଧାରଣ

ନିମାପଡା,(ସବ୍ୟୁ): ନିମାପଡା ସ୍ଥିତ ଓଡିଶା ଭାଷା ଓ ସାହିତ୍ୟ ସଂସ୍କୃତିର ପ୍ରଚାର ଓ ପ୍ରସାରକ ତଥା ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ନିମାପଡା ସାହିତ୍ୟ ସଂସଦ ପକ୍ଷରୁ ନିମାପଡା ମାଟିର ଅମ୍ଳାନ ପ୍ରତିଭା ଆଧୁନିକ କବି ସ୍ୱର୍ଗତ ରମାକା' ରଥଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ଅସାଧାରଣ ବୋଲି ପ୍ରାକ୍ତନ ଓଡିଆ ବିଭାଗର ମୁଖ୍ୟ ଓ ଭାଷା ସମୁହର ଅଧକ୍ଷ ପ୍ରଫେସର ମନୋରଂଜନ ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଥିଲେ । ନିମାପଡା ସାହିତ୍ୟ ସଂସଦର ସଭାପତି ଶୁଭେନ୍ଦୁ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ଉତ୍ସବରେ ବରିଷ୍ଠ କବି ଡଃ ବଂଶୀଧର ଷଡଙ୍ଗୀ, ସାହିତ୍ୟିକ ଓ ସ୍ତମ୍ଭକାର ଗୁରୁ କଲ୍ୟାଣ ମହାପାତ୍ର, ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ଅବସରପ୍ରାପ୍ତ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ, ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ସହ-ସଂପାଦକ ଉମାକାନ୍ତ ଆଚାର୍ଯ୍ୟ, କବି ଭିକାରୀ ଧଳ, ଅଧ୍ୟାପକ ଅଜୟ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ସ୍ମୃତି ଚାରଣ ସହ ସାହିତ୍ୟ ଜଗତରେ ଏକ ଅପୁରଣୀୟ କ୍ଷତି ଘଟିଛି ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ସାହୁ, ଦେବାଶିଷ ପ୍ରଧାନ, ସୁମନ୍ତକୁମାର ପ୍ରଧାନ, ଶୁଭାଶିଷ ନାୟକ, ବିଶ୍ୱଜିତ ଦଳାଇ, ସୁଶାନ୍ତ ଓଝାଙ୍କ ସମେତ ବହୁ ଶିକ୍ଷାବିତ୍ ,ବୁଦ୍ଧିଜୀବୀ ଯୋଗ ଦେଇଥିଲ ।

# ଗ୍ରାଜୁଏସନ ଦିବସ ପାଳିତ




ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ଜ୍ଞାନାର୍ଥ ପବ୍ଲିକ ସ୍କୁଲ ପକ୍ଷ ରୁ ଗ୍ରାଜୁଏସନ ଡେ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ର ଅଧକ୍ଷ ବଳରାମ ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ,ଅବସର ପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଭୂଦତ ମହାପାତ୍ର, ବରିଷ୍ଠ ଆଇନିଜୀବୀ ତଥା ନୋଟାରୀ ସୁଶାନ୍ତ କୁମାର ପାତ୍ର,ବରିଷ୍ଠ ଆଇନିଜୀବୀ ଗୌର ଚନ୍ଦ୍ର ମିଶ୍ର ,ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଛ ଅଧକ୍ଷ ଶ୍ରୀଯୁକ୍ତ ସାହୁ ବିଦ୍ୟାଳୟ ର ଗ୍ରାଜୁଏସନ ଡେ ସମ୍ପର୍କରେ ବକ୍ତବ୍ୟ ରଖିବାକୁ ଯାଇ କହିଥିଲେ ଯେ, ବିଦ୍ୟାଳୟ ରେ ପଢୁଥିବା ୟୁକେଜି ଛାତ୍ର ଛାତ୍ରୀମାନେ ଯେଉଁମାନେ କି ନର୍ସରି, ଏଲ କେ ଜି ଏବଂ ୟୁକେଜି ତିନି ବର୍ଷ ଧରି ଶିକ୍ଷଲାଭ କରିବା ପରେ ପ୍ରଥମ ଶ୍ରେଣୀ ବା କ୍ଲାସ ଓନ କୁ ଉର୍ତ୍ତିର୍ଣ୍ଣ ହୋଇ ଥାଆନ୍ତି ସେମାନଙ୍କ ପାଇଁ ଏହି ଗ୍ରାଜୁଏସନ ଡେ ପାଳିତ ହୋଇଥାଏ ବୋଲି ବକ୍ତବ୍ୟ ରଖିବା ପରେ ଉପସ୍ଥିତ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କ ଉନ୍ନତି କାମନା କରିବା ସହ ଜ୍ଞାନାର୍ଥ ପବ୍ଲିକ ସ୍କୁଲ ଶିକ୍ଷାଦାନ ପଦ୍ଧତି ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ ଗଢିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବ ରେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ



ରଣପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ରଣପୁର ବ୍ଲକର ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ଗଣିତ-ବିଜ୍ଞାନ ପ୍ରଦର୍ଶନୀ ମେଳା, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଓ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଶିକ୍ଷବିତ ଲକ୍ଷ୍ମୀଧର ସାହୁ , ମୁଖ୍ୟ ବକ୍ତା ଭାବେ ଗୌରାଙ୍ଗପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଦେଶିନୀ ପତି ଓ ସମ୍ମାନିତ ଅତିଥି ଭାବେ ସାଧନ କେନ୍ଦ୍ର ସଂଯୋଜକ ସୁଧାକର ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣା ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।ଏହି ଅବସରରେ, ଗଣିତ-ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ନିଜର କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ ।

ଚତୁର୍ଥ ଶ୍ରେଣୀର ସୋମ୍ୟ ରଞ୍ଜନ ରଣା ପ୍ରଥମ ସ୍ଥାନ, ପଞ୍ଚମ ଶ୍ରେଣୀର ସ୍ୱୟଂଶ୍ରୀ ରାଣସିଂହ ଦ୍ୱିତୀୟ ସ୍ଥାନ ଓ ଦ୍ୱିତୀୟ ଶ୍ରେଣୀର ଆୟୁଷ୍ମାନ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକୃତ କରିଥିଲେ।ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଶିକ୍ଷୟତ୍ରୀ ପଦ୍ମାବତୀ ବେହେରା ଓ ଅଙ୍ଗନବାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ କାର୍ଯ୍ୟକ୍ରମ ସଫଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।ଏହି ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ, ପରିଚାଳନା ସଦସ୍ୟସଦସ୍ୟା, ଅଭିଭାବକ ଓ ଗ୍ରାମବାସୀମାନେ ଉତ୍ସାହର ସହ ଯୋଗଦେଇଥିଲେ।

# ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ହାତୀ ମୃତ୍ୟୁ ଘଟଣା ଚପାଇ ଦେବାକୁ ଉଦ୍ୟମ

ବାଙ୍କୀ, (ସବ୍ୟୁ) : ଚନ୍ଦକା - ଡମପଡା ଅଭୟାରଣ୍ୟ ହାତୀ ମୃତ୍ୟୁ ଘଟଣାରେ ସନ୍ଦେହ ବଢ଼ିବାରେ ଲାଗିଛିଛ ସୂଚନାନୁସାରେ ବୁଧବାରଦିନ ଚନ୍ଦକା - ଡମପଡା ଅଭୟାରଣ୍ୟର ଉତ୍ତର ପାର୍ଶ୍ୱ ରେ ଥିବା ତାଳବସ୍ତମୁଣ୍ଡା ସାହି ନିକଟରେ ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଥିବା ଜଣା ପଡିଥିଲା । ଦୁଇଟି ହାତୀ ମଧ୍ୟରେ ଲଢେଇ କାରଣରୁ ଏହି ହାତୀଟିର ମୃତ୍ୟୁ ଘଟିଥିବା ଚନ୍ଦକା ଡ଼ିଏଫଓ ସୂଚନା ଦେଇଥିଲେ ।କିନ୍ତୁ ଶବବ୍ୟବଚ୍ଛେଦ ପରେ ଡ଼ିଏଫଓଙ୍କ ପ୍ରତିକ୍ରିୟା ବଦଳି ଯାଇଛି । ରିପୋର୍ଟ ଆସିବା ପରେ ଆମେ ସ୍ୱଷ୍ଟ କରିବୁ ବୋଲି ଡ଼ିଏଫଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେପଟେ ଶିକାରୀଙ୍କ ଦ୍ୱାରା କୌଣସି ମରଣାସ୍ତ୍ରରେ ହାତୀଟି ଆହତ ହୋଇ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘୁରୀ ବୁଲିବା ପରେ ଶେଷରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । ଅଭୟାରଣ୍ୟ ନିକଟ ଜନବସତି ଅଞ୍ଚଳରେ ଚଳପ୍ରଚଳ କରୁଥିବାର ସ୍ଥାନୀୟ ବାସିନ୍ଦା ଦୀର୍ଘ ୨୦ ଦିନ ଧରି ହାତୀ ଦେହରେ ଏହି କ୍ଷତ ଚିହ୍ନ ଥିବା ସେମାନେ ଦେଖି ଆସୁଥିବା କହିଛନ୍ତି । କିନ୍ତୁ ବନବିଭାଗ ପାଖରେ ଏନେଇ କୌଣସି ସୂଚନା ନଥିଲା ।

ହଠାତ ୧୯ ତାରିଖରେ ହାତୀଟିକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା ଆରମ୍ଭ କରିଥିଲେ ଡମପଡ଼ା ଅଭୟାରଣ୍ୟ ବନ ବିଭାଗ ରେଞ୍ଜର । କିନ୍ତୁ ଅସୁସ୍ଥ ହେବା ସମୟରେ ଚିକିତ୍ସା ହୋଇଥିଲେ ହୁଏତ ହାତୀ ଟି ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ପ୍ରଥମେ ଶିକାରୀଙ୍କ ଦ୍ୱାରା ଆହତ ଓ ପରେ ଚିକିତ୍ସା ଅବହେଳାରୁ ହାତୀଟିର ମୃତ୍ୟୁ ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି ।

ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହାତୀର ମୃତ୍ୟୁ ଘଟଣା ଉପରେ ବନ୍ୟପ୍ରାଣୀବିତ ଲଳିତ ମୋହନ ପଣ୍ଡା ସନ୍ଦେହ ପ୍ରକଟ କରିଛନ୍ତି । ଦୁଇଟି ହାତୀ ମଧ୍ୟରେ ଲଢେଇ ହୋଇ ଏହି କ୍ଷତ ହୋଇଥିବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି । ତାଙ୍କ କହିବା ଅନୁସାରେ ଦୁଇଟି ହାତୀ ମଧ୍ୟରେ ଲଢେଇ ହେଲେ ସେ ଅଞ୍ଚଳରେ ଅନେକ ଗଛ ଭଙ୍ଗାରୁଜା ହୋଇଥାଏ । କିନ୍ତୁ ହାତୀ ପଡ଼ିଥିବା ସ୍ଥାନରେ ସେଭଳି କିଛି ଘଟଣା ଦେଖିବାକୁ ମିଳିନଥିଲା । ଯାହାକି ବନବିଭାଗ ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଯଦି ୨ଟି ହାତୀ ମଧ୍ୟରେ ଲଢେଇ ହୋଇଛି ତେବେ ଅନ୍ୟ ହାତୀଟି ଏବେ କେଉଁଠି ଅଛି ଏବଂ କିପରି ଅବସ୍ଥାରେ ଅଛି ତାର ଖବର ମଧ୍ୟ ବନବିଭାଗ ପାଖରେ ନାହିଁ । ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ର ପ୍ରକୃତ କାରଣ ଜଣା ପଡ଼ିବ ସହିତ ଏହା ବହୁ ଦିନ ରୁ ଆଘାତ ପ୍ରାପ୍ତ ହେବାରୁ ସେପ୍ଟୀ ସେମିଆ ରୋଗରେ ଆକ୍ରାନ୍ତ ହୋଇ ଥିବାର ଚନ୍ଦକା ଡି,ଏଫ୍.ଓ ଶରତ କୁମାର ବେହେରା ସୂଚନା ଦେଇଛନ୍ତି । ଓ୍ୟୁଏଟି ର ବିଶେଷଜ୍ଞ ଦ୍ୱାରା ବ୍ୟବଚ୍ଛେଦ କରାଯାଇଛି । ରିପୋର୍ଟ କୁ ଅପେକ୍ଷା କରିଛନ୍ତି ସମସ୍ତେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୪/୦୪)
-କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ)
ସର୍ବଯୋନିଷୁ କୌନ୍ତେୟ ! ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ।।୪।।
ହେ କୌନ୍ତେୟ ! ମନୁଷ୍ୟାଦି ଯୋନିରେ ଯେଉଁସବୁ ସ୍ଥାବରଜଙ୍ଗମାତ୍ମକ
ମୂର୍ତ୍ତିସବୁ ଉତ୍ପନ୍ନ ହୁଏ, ପ୍ରକୃତି ସେ ସମସ୍ତଙ୍କର
ମାତୃସ୍ଥାନୀୟା ଏବଂ ମୁଁ ଗର୍ଭାଧାନକର୍ତ୍ତା ପିତା । ।।୪।।

# ସମାଜ ଗଠନରେ ସାହିତ୍ୟ

**ସମ୍ପାଦକୀୟ**

ଏବେ ଆମ ସମାଜରେ ରାଜନୀତି ହିଁ ପ୍ରଭାବ ବିସ୍ତାର କରି ଚାଲିଛି । ଅତୀତରେ ରାଜନୀତି ସହିତ ସାହିତ୍ୟର ଭୂମିକା ମଧ୍ୟ ଆମ ସମାଜକୁ ପ୍ରଭାବିତ କରି ପାରୁଥିଲା । ମାତ୍ର ଏବର ସାହିତ୍ୟ ଯେପରି ପ୍ରଭାବହୀନ ହୋଇପଡୁଛି, ସେହିପରି ମନେ ହେଉଛି । ସରକାର ମଧ୍ୟ ସାହିତ୍ୟ ଉପରେ ପୂର୍ବ ପରି ଗୁରୁତ୍ୱାରୋପ କରୁ ନ ଥିବା ଦୁର୍ଭାଗ୍ୟର ବିଷୟ । ଅଥଚ ସମାଜ ସଂସ୍କାର ପାଇଁ ସାହିତ୍ୟର ବା ସାହିତ୍ୟିକଙ୍କର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏ କଥା କେବଳ ସରକାର ନୁହେଁ, ଜନସାଧାରଣ ମଧ୍ୟ ଅନୁଭବ କରିବା ଉଚିତ ।

ଉଲ୍ଲେଖନୀୟ ଯେ ୧୯୫୪ ମସିହା ମାର୍ଚ୍ଚ ୧୨ ତାରିଖରେ ଭାରତ ସରକାର ସାହିତ୍ୟ ଏକାଡେମୀର ଶୁଭାରମ୍ଭ କରିଥିଲେ । ବିଭିନ୍ନ ଭାରତୀୟ ୨୪ ଗୋଟି ସ୍ୱୀକୃତ ଭାଷାକୁ ନେଇ ଏହା ଗଠିତ ହୋଇଥିଲା । ଭାରତ ସରକାର ଏକ ସଂକଳ୍ପ ବଳରେ ଏହି ଏକାଡେମୀ ଗଠନ କରିଥିଲେ । ଭାରତୀୟ ଭାଷା ଓ ସାହିତ୍ୟର ଉଚ୍ଚ ମାନ ରକ୍ଷା କରିବା ସହିତ ଏକ ରାଷ୍ଟ୍ରୀୟ ଅନୁଷ୍ଠାନ ଭାବେ ଏହା ସକ୍ରିୟ ହୋଇ କାର୍ଯ୍ୟ କରିବା କଥା ଏଥିରେ ଉଲ୍ଲେଖ କରାଯାଇଥିଲା । ବିଭିନ୍ନ ଭାରତୀୟ ଭାଷା ସାହିତ୍ୟ ଓ ସଂସ୍କୃତି ସହିତ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରାଯିବା ପାଇଁ ମଧ୍ୟ ଏହି ଏକାଡେମୀର ଲକ୍ଷ୍ୟ ରହିଥିଲା । ମାତ୍ର ସତୁରୀ ବର୍ଷର ଏହି ପୁରାତନ ଏକାଡେମୀ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି । ୧୯୫୬ରେ ଏହି ସଂସ୍ଥା ୧୮୬୦ର ସୋସାଇଟି ରେଜିଷ୍ଟ୍ରେସନ ଆଇନ ବଳରେ ଏକ ସୋସାଇଟି ଭାବେ ମଧ୍ୟ କ୍ରିୟାଶୀଳ କରାଯିବାକୁ ଉଦ୍ୟମ ହୋଇଛି । ମାତ୍ର ଲେଖକ, ପାଠକ ଓ ଜନସାଧାରଣଙ୍କୁ କାହିଁକି କେଜାଣି ଏହି ଏକାଡେମୀ ଆକୃଷ୍ଟ କରିପାରୁ ନ ଥିବା ପରିଲକ୍ଷିତ ହୋଇଛି । ଅବଶ୍ୟ ଇତି ମଧ୍ୟରେ ଏକାଡେମୀ କେତେକ ନିୟମର ସଂଶୋଧନ କରିଛନ୍ତି । ବହୁ ସମାଲୋଚିତ ଏକାଡେମୀର ପୁରସ୍କାର ଚୟନ ପଦ୍ଧତିରେ ସାମାନ୍ୟ ପରିବର୍ତ୍ତନ କରାହୋଇଛି । ପୂର୍ବେ ପ୍ରତ୍ୟେକ ଭାଷାର ଆବାହକ ମଣ୍ଡଳୀର ସୁପାରିଶ କ୍ରମେ ପୁରସ୍କାର ପାଇଁ ପୁସ୍ତକ ପ୍ରେରଣ କରାଯାଉଥିଲା । ମାତ୍ର ଏଥର ଲେଖକମାନେ ଏକାଡେମୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜର ପୁସ୍ତକକୁ ନିଜେ ପୁରସ୍କାର ଲାଗି ପ୍ରେରଣ କରିପାରିବେ । ଏପରିକି ପୁସ୍ତକର ପ୍ରକାଶକ ବା ଜଣେ ଶୁଭେଚ୍ଛୁ ମଧ୍ୟ ପୁସ୍ତକ ପ୍ରେରଣ କରିବା ଲାଗି ଏକାଡେମୀ ସୁଯୋଗ ସୃଷ୍ଟି କରି ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରି ପାରିଛନ୍ତି । ଅବଶ୍ୟ ମିଳିଥିବା ସହସ୍ରାଧିକ ପୁସ୍ତକକୁ ଏକାଡେମୀ ସ୍ୱଚ୍ଛ ପଦ୍ଧତିରେ ପୁରସ୍କାର ସକାଶେ ମନୋନୀତ କରିବା ଭଳି ସାହିତ୍ୟ ଏକାଡେମୀ ବା ଯାହାକୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବୋଲି କୁହାଯାଇଥାଏ, ଯେଉଁ ପୁସ୍ତକଟିକୁ ପୁରସ୍କାର ପାଇଁ ଶ୍ରେଷ୍ଠ ବୋଲି ବିଚାର କରିବେ, ସେହି ପୁସ୍ତକଟି ଉଚ୍ଚମାନର ହୋଇଥିବା ଆବଶ୍ୟକ । ପୁସ୍ତକର ରଚୟିତା ମଧ୍ୟ ଜଣେ ସୁପରିଚିତ ଲେଖକ ଭାବେ ପରିଗଣିତ ହୋଇଥିବା ଦରକାର । ପୁରସ୍କାରର ମୂଲ୍ୟ ଏକଲକ୍ଷ ଟଙ୍କା ରଖାଯାଇଛି ସତ, ମାତ୍ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ହେବାକୁ ଥିବା ପୁସ୍ତକର ମୂଲ୍ୟକୁ ଦ୍ୱିଗୁଣିତ କରି ଦୁଇଲକ୍ଷ ଟଙ୍କାରେ ପରିଣତ କରିଛନ୍ତି ।

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଢାଞ୍ଚାରେ ୧୯୫୭ରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ସକାଶେ ଓଡ଼ିଶା ସାହିତ୍ୟ ଏକାଡେମୀ ଗଠନ କରାଯାଇଥିଲା- କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଗଠନର ତିନି ବର୍ଷ ପରେ । ସାହିତ୍ୟର ବିଭିନ୍ନ ବିଭାଗରେ ଏହି ପୁରସ୍କାରମାନ ମିଳିଥାଏ । ମାତ୍ର ଦୀର୍ଘ ସାତ ବର୍ଷ ଧରି ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାର ପ୍ରଦାନ ପ୍ରକ୍ରିୟା ବନ୍ଦ ରହିଛି । ଏପରିକି ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲେଖକ/ଲେଖିକାଙ୍କୁ ଯେଉଁ ସମ୍ବର୍ଦ୍ଧନା ଏକାଡେମୀ ପ୍ରଦାନ କରି ଆସୁଥିଲେ, ସେ ପ୍ରକ୍ରିୟା ବନ୍ଦ ରହିଛି । ଏକାଡେମୀର ପ୍ରଶାସନିକ କାମ ସମ୍ଭାଳିବାକୁ ଡେପୁଟେସନରେ ଏବେ ଜଣେ ଲେଖକ ଓ ଅଧିକାରୀ ଅବଶ୍ୟ ଆସିଛନ୍ତି । ଅଥଚ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତି ପଦବୀ ମଧ୍ୟ ଦୀର୍ଘ ଦିନ ଧରି ଖାଲି ପଡ଼ିଛି ।

ଅତୀତରେ ମୁଖ୍ୟମନ୍ତ୍ରୀ, ଉପ- ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମାନେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସକ୍ରିୟ କରିବା ପାଇଁ ଉଦ୍ୟମ ଜାରି ରଖୁଥିଲେ । ଏବର ନୂତନ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ତତ୍ପରତା ପ୍ରକାଶ କଲେ ଆମ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ସାହିତ୍ୟ ଓ ସାହିତ୍ୟ ସାଧକମାନେ ଓଡ଼ିଶା ସାହିତ୍ୟ ଏକାଡେମୀ ଜରିଆରେ କିଛି ନିଶ୍ଚୟ କରିପାରିବେ ବୋଲି ଆମେମାନେ ଆଶା କରୁଛୁଁ ।

# ଭୁଲ କରିବା ପାପ ନୁହେଁ

ଭୁଲ କରିବା ପାପ ନୁହେଁ । କିନ୍ତୁ ସେହି ଭୁଲ କୁ ଯଦି ନିଜ ଭିତରେ ବା ସର୍ବ ସମ୍ମୁଖରେ ସ୍ୱୀକାର ନ କରାଯାଏ ତେବେ ତାହା ହିଁ ପାପ । ଏପରି କୌଣସି ମନୁଷ୍ୟ ସଂସାରରେ ନାହିଁ ଯିଏକି ତା ଜୀବ କାଳରେ କେବେବି କୌଣସି ଭୁଲ କରି ନାହିଁ । ପୂର୍ଣ୍ଣଜ୍ଞାନର ଅଧିକାରୀ ନ ହେବା ପର୍ଯ୍ୟନ୍ତ ପ୍ରତି ମନୁଷ୍ୟ କିଛି ନା କିଛି ଭୁଲ କରି ବସନ୍ତି ଯାହାକୁ ଅନ୍ୟ ଭାବରେ ଆମେ ପାପ ବୋଲି ମଧ୍ୟ କହିଥାନ୍ତି । ଯେଉଁମାନେ ନିଜ ଭୁଲରୁ କିଛି ଶିଖନ୍ତି ବା ନିଜକୁ ସୁଧାରି ନିଅନ୍ତି ଓ ଆଉ ସେପରି ଭୁଲ ନ କରିବାକୁ ସଚେତନ ହୁଅନ୍ତି ସେଇ ମାନେ ହିଁ ଦିନେ ନା ଦିନେ ଚେତନାର ସର୍ବୋଚ୍ଚ ସ୍ତରକୁ ଯାଆନ୍ତି ଓ ସେହିମାନେ ଶେଷରେ ମହାତ୍ମା ଭାବରେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନ ର ଅଧିକାରୀ ହୋଇପାରନ୍ତି । ସାଧାରଣ ମନୁଷ୍ୟରୁ ମହାତ୍ମା ହେବାର ଏହି ପ୍ରକ୍ରିୟା ହିଁ ହେଉଛି ଯୋଗ । ଯୋଗରୁ ଆସେ ଜ୍ଞାନ ଓ ଜ୍ଞାନରୁ ଆସେ ଭକ୍ତି, ଯାହାକି ଭକ୍ତ ଦାସିଆ, ପ୍ରଭୁ ଚୈତନ୍ୟ, ମିରାବାଇ କ୍ଷେତ୍ରରେ ହୋଇଥିଲା ମାନେ ଭକ୍ତର ଭକ୍ତି ଓ ପ୍ରଭୁ ଏକାକାର ହେବା । ଏହି ସ୍ତରରେ ପହଞ୍ଚିଲା ପରେ ମନୁଷ୍ୟ ରୂପକ ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ହୁଏ । ଜ୍ଞାନ ଓ ଭକ୍ତି ହେଉଛି କର୍ମ ପ୍ରବାହର ଦୁଇଟି ଧାରା ବା ମାର୍ଗ । ଯେକୌଣସି ଗୋଟିଏ ମାର୍ଗକୁ ନିଷ୍ଠାର ସହିତ ଧରିଲେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ଓ ମନୁଷ୍ୟ ପାପ ପୁଣ୍ୟ ଉଭୟକୁ ଅତିକ୍ରମ କରିଯାଏ । ଏହିଠାରେ ହିଁ ଆଉ ଗୋଟିଏ କଥା ଆସୁଛି ଯେ ମନୁଷ୍ୟର ବାହ୍ୟ ଓ ଅନ୍ତରରେ ସବୁଠାରୁ ଅସ୍ଥିର ହେଉଛି ମନ, ଯାହା କି ସମସ୍ତ କର୍ମର ବୀଜ । ମନକୁ ସଂଯମ ରଖିବା ପାଇଁ ସାଧୁ ,ସନ୍ଥ , ଯୋଗୀ,ମୁନି ମାନେ ଅନେକ ଉପାୟ କରିଥାନ୍ତି । ମନ ସଂଯମ ହେଲାପରେ ଯାଇ ଜ୍ଞାନ, ଭକ୍ତି, ସ୍ଥିରତା ଓ ନିବୃତ୍ତି ମାର୍ଗର ଆରମ୍ଭ ହୋଇ ପାରିବ । ମନକୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ହିଁ ଆୟତ କରି ହେବ । ଏହାକୁ ଆୟତ୍ତ କରିବା ପାଇଁ ଯୋଗ, ପ୍ରାଣାୟମ ଓ ଭଗବତ୍ ଚିନ୍ତାର ଅଭ୍ୟାସ ନିହାତି ଆବଶ୍ୟକ ଯାହା ଦ୍ୱାରା ଚଞ୍ଚଳ ମନ ଧୀରେ ଧୀରେ ଆମ ଆୟତକୁ ଆସିଯିବ । ବୈରାଗ୍ୟ ଯାହାକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛନ୍ତି କିନ୍ତୁ ତାହା କାର୍ଯ୍ୟରେ ପରିଣତ କରି ପାରୁ ନାହାନ୍ତି ଯେହେତୁ ସାଂସାରିକ ମାୟାର ବନ୍ଧନ ସର୍ବଦା ଆମକୁ ଗୁଡ଼େଇ ଧରିଛି । ଏହା କେବଳ ଆନ୍ତରିକ ତ୍ୟାଗ ଦ୍ୱାରା ହିଁ ଆମ ମନରେ ସୃଷ୍ଟି ହୁଏ । ଏହା ସାଧାରଣ ଜୀବନରେ ଅନେକ କାରଣରୁ ହିଁ ଆସିଥାଏ । ଅନୁକୁଳତାର ଅଭାବରୁ ଅନେକ ସମୟରେ ବୈରାଗ୍ୟ ସୃଷ୍ଟି ହୁଏ ମାତ୍ର ସେହି ସମୟରେ ମନୁଷ୍ୟ ସାଧୁ, ସନ୍ଥ ସାନ୍ନିଧ ପ୍ରାପ୍ତ ହେଇ ପାରିଲେ ତାହା ସମ୍ପୂର୍ଣ୍ଣ ବୈରାଗ୍ୟରେ ପରିଣତ ହୁଏ । ଏହି ଅନୁଭବ ହିଁ ମନୁଷ୍ୟକୁ ପାପ, ପୁଣ୍ୟ, ଭଲ, ମନ୍ଦ ଓ ସକଳ ସାଂସାରିକ ମାୟାର ବନ୍ଧନରୁ ମୁକ୍ତ କରାଇ ଦିଏ ଐଶରିକ ସୁଖ ଓ ଆନନ୍ଦ ଯାହାକୁ ଜୀବନର ପୂର୍ଣ୍ଣତା ।

ପ୍ରଦୀପ୍ତ କୁମାର କର
ସୂର୍ଯ୍ୟ ନଗର,ଭୁବନେଶ୍ୱର,ମୋ-୯୪୩୭୦୮୪୩୧୨.

# ରଙ୍ଗ, ଆଲୁଅରେ ଭରା ଜୀବନ

ମନୋରଞ୍ଜନ ମହାନ୍ତି

ଆମ ଚାରିପଟର ନେଚର୍ ବା ପ୍ରକୃତିରେ କ୍ଲୋରୋଫିଲ୍ ଅର୍ଥାତ୍ ସବୁଜ ଉପାଦାନ ଓ ଅନ୍ୟ ସମସ୍ତ ରଙ୍ଗମୟ ଉଜ୍ଜ୍ୱଳ ଉପାଦାନ ଆଲୋକ ଦ୍ୱାରା ସଂଶ୍ଳେଷିତ ହୋଇଥାଏ । ଆଲୋକ ଆମ ବଗିଚା, ଜଙ୍ଗଲ, ଚାଷକ୍ଷେତ, ଘାସପଡ଼ିଆ ସମେତ ନାଳ, ନଦୀ, ହ୍ରଦ, ସମୁଦ୍ର, ମହାସମୁଦ୍ର ସବୁଠି ତାର ସଶକ୍ତ ପ୍ରଭାବ ବିସ୍ତାର କରେ । ଆଲୋକରଶ୍ମିରେ ସୌନ୍ଦର୍ଯ୍ୟ ଥାଏ । ଫଟୋସିନ୍ଥେସିସ୍ ବା ଆଲୋକ ସଂଶ୍ଳେଷଣ ଦ୍ୱାରା ସୌନ୍ଦର୍ଯ୍ୟ ବିକଶିତ ହୁଏ, ଫୁଲଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗ ଓ ଉଜ୍ଜ୍ୱଳତା ପ୍ରକଟ କରି ପରାଗସଂଗମ (ପଲିନେସନ୍) ସୃଷ୍ଟିକାରୀ କୀଟପତଙ୍ଗମାନଙ୍କୁ ଆକର୍ଷିତ କରନ୍ତି । ଆଲୋକ ସଂଶ୍ଳେଷଣ ସହିତ ସୌନ୍ଦର୍ଯ୍ୟର ସଂଶ୍ଳେଷଣ ଆରମ୍ଭ ହୋଇଥାଏ । ତେଣୁ କୁହାଯାଏ, ସୌନ୍ଦର୍ଯ୍ୟ ହେଉଛି ଏକ ସଙ୍ଗୀତ, ଯାହାକୁ ସୂର୍ଯ୍ୟଦେବ ଆଲୋକ ସଂଶ୍ଳେଷଣ ଜରିଆରେ ପୃଥିବୀ ପାଇଁ ଗାନ କରନ୍ତି । ଜୀବଜଗତର ସମଗ୍ର ଜୀବନ ସୁନ୍ଦର, ଯେହେତୁ ଆଲୋକର ଭୂମି ଉପରେ ଜୀବନ ଗଢ଼ା ହୋଇଥାଏ ।

ୱିଲିଅମ୍ ୱାର୍ଡ୍‌ସ୍‌ୱାର୍ଥ ବାଦଲ, ଉପତ୍ୟକା, ପାହାଡ଼, ହ୍ରଦ, ଗଛର ରଙ୍ଗ ସହିତ ଡାଫୋଡିଲ୍‌ଗୁଡ଼ିକର ସୁନାରଙ୍ଗକୁ ଦେଖି ବିମୋହିତ ହୋଇଛନ୍ତି । ତାଙ୍କ ମତରେ ଯେଉଁ ହୃଦୟ ନେଚର୍ ବା ପ୍ରକୃତିକୁ ଭଲ ପାଏ, ନେଚର୍ କେବେ ତା ପ୍ରତି ବିଶ୍ୱାସଘାତକତା କରେ ନାହିଁ । ମହାତ୍ମା ଗାନ୍ଧିଙ୍କ ବିଚାରରେ ବୃକ୍ଷ-ଉପାସନା ହେଉଛି ମଣିଷର ସୌନ୍ଦର୍ଯ୍ୟବୋଧ ଓ ସମଗ୍ର ଉଦ୍ଭିଦ-ଜଗତ ପ୍ରତି ତାର ସତ୍ ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ । ତାଙ୍କୁ ବୋଧ ହୋଇଛି, ସତେ ଯେପରି ଗଛଗୁଡ଼ିକ ନିୟୁତଜିହ୍ୱ ହୋଇ ଈଶ୍ୱରଙ୍କ ଗୌରବ ଗାରିମାକୁ ଘୋଷଣା କରୁଛନ୍ତି । ଆମେରିକାର ଖ୍ରୀଷ୍ଟିୟ ପ୍ରତିଷ୍ଠାତା ଜନକ ଟମାସ୍ ଜେଫରସନ୍ ଓ ବେଞ୍ଜାମିନ୍ ଫ୍ରାଙ୍କ୍ଲିନ୍ କହନ୍ତି ଯେ ନେଚର୍‌କୁ ନିରୀକ୍ଷଣ କରିବା ହେଉଛି ଜଣେ ପରମ ପୁରୁଷ ବା ସ୍ରଷ୍ଟାଙ୍କର ଅସ୍ତିତ୍ୱକୁ ବିଚାର କରିବା ପାଇଁ ଯଥେଷ୍ଟ ।

ବେଲ୍‌ଜିୟମ୍‌ର କ୍ୟାଥୋଲିକ୍ ଧର୍ମପ୍ରଚାରକ, ପଦାର୍ଥବିଜ୍ଞାନୀ ଜର୍ଜେସ୍ ଲିମାଇଟର୍ ସର୍ବପ୍ରଥମେ ମତବ୍ୟକ୍ତ କଲେ ଯେ ବିଶ୍ୱବ୍ରହ୍ମାଣ୍ଡର କ୍ରମ ପ୍ରସାରଣ ହେଉଛି, ଯାହାକୁ ପରବର୍ତ୍ତୀ ସମୟରେ ବିଗ୍‌ବ୍ୟାଙ୍ଗ୍ ଥିଓରିର ପ୍ରବକ୍ତା ବିଜ୍ଞାନୀମାନେ ଆଇନ୍‌ଷ୍ଟାଇନ୍‌ଙ୍କ ଗବେଷଣା ଆଧାରରେ ସ୍ୱୀକାର କଲେ । ତେବେ କବି, ଅଧ୍ୟାତ୍ମବାଦୀ, ଧର୍ମଜ୍ଞ, ଜ୍ଞାନୀ, ବିଜ୍ଞାନୀ ଯେ କେହି ହୁଅନ୍ତୁ ସମସ୍ତେ ଅଗ୍ନି, ପୃଥିବୀ, ଆକାଶର ରଙ୍ଗ, ଆଲୁଅକୁ ଦେଖି ସାତ୍ତ୍ୱିକ, ସର୍ଜନାତ୍ମକ ଚିନ୍ତାର ଗଭୀରତାରେ ବୁଡ଼ିରହିଛନ୍ତି ।

ସୁଫି, ମୁସ୍‌ଲିମ୍ ଅଧ୍ୟାତ୍ମବାଦୀମାନେ ହୋଲି, ଦିୱାଲି ପାଳନ କରିବା ମୂଳରେ ଥିଲା ରଙ୍ଗ, ଆଲୁଅର ଆକର୍ଷଣ । ତାଙ୍କ ମତରେ ହୋଲି ଜୀବନ-ରଙ୍ଗର ଓ ଦିୱାଲି ଅନ୍ତଃସ୍ଥ ଆଲୋକର ପ୍ରତୀକ (ଜସ୍ନ-ଇ-ରଖ୍‌ଶନ୍ଦ-ଇ-ସଫାୟ୍) । ସମସ୍ତ ଫାର୍ଶୀ ଅଧ୍ୟାତ୍ମବାଦୀଙ୍କର ଉପମହାଦେଶୀୟ ଧର୍ମଧାରା ଓ ହିନ୍ଦୁ ପରମ୍ପରା, ପର୍ବପର୍ବାଣି ସମ୍ବନ୍ଧରେ ଜ୍ଞାନ ରହିଥିଲା । ଅମୀର ଖୁସ୍ରୁ ଓ ସୟଦ୍ ବନ୍ଦା ନୱାଜ୍ ଗେସୁ ଦରାୟ୍‌ଙ୍କ ଭଳି ଅଧ୍ୟାତ୍ମବାଦୀମାନେ ସେମାନଙ୍କ ଶିଷ୍ୟମାନଙ୍କ ସହିତ ହିନ୍ଦୁ ପର୍ବପର୍ବାଣିରେ ଯୋଗ ଦେଉଥିଲେ । ଅମୀର ଖୁସ୍ରୁ ଏକ ଫାର୍ଶୀ ସଙ୍ଗୀତରେ ଲେଖିଛନ୍ତି, ହୋଲିର ରଙ୍ଗ ସମାରୋହରେ ମୁଁ ଦିବ୍ୟାନନ୍ଦ ଅନୁଭବ କରୁଛି । ଇରାନ୍‌ର ଅନ୍‌ୱରି ପହଲଭିରେ କହିଛନ୍ତି, ହୋଲିର ରଙ୍ଗ ଜୀବନର ବିବିଧତାକୁ ପ୍ରକଟ କରୁଛି । ଜ୍ୟାକ୍ସ ୱାର୍ଡେନ୍‌ବର୍ଗ୍ ତାଙ୍କର ମୁସ୍‌ଲିମ୍ ପର୍‌ସେପ୍‌ସନ୍ସ ଅଫ୍ ଅଦର୍ ରିଲିଜିଅନ୍ସ : ଏ ହିଷ୍ଟୋରିକାଲ୍ ସର୍ଭେ ବହିରେ ଲେଖିଛନ୍ତି, ଇରାନ୍‌ର ଅଧ୍ୟାତ୍ମବାଦୀମାନେ ଶିଷ୍ୟମାନଙ୍କୁ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିବାକୁ ଉତ୍ସାହିତ କରୁଥିଲେ । ସେମାନଙ୍କ ଦୃଷ୍ଟିରେ ହଳଦୀ ରଙ୍ଗ ପ୍ରାଚୁର୍ଯ୍ୟ, ଔଜ୍ଜ୍ୱଲ୍ୟର ଓ ଗୋଲାପୀ ଆଗ୍ରହାତିଶଯ୍ୟର ପ୍ରତୀକ । ଫରିଦୁଦ୍ଦିନ୍ ଅତ୍ତାର୍‌ଙ୍କ ମତରେ, ହୋଲି ହେଉଛି ପାର୍ଥିବ ଓ ଅପାର୍ଥିବ ଆନନ୍ଦର ପ୍ରାଚ୍ୟ ପ୍ରକଟନ । ରବୟା ବାସ୍ରି ନିଜ ନିରାଡ଼ମ୍ବର ଘରର ଦ୍ୱାରଟିକୁ ବିଭିନ୍ନ ରଙ୍ଗର ଫୁଲରେ ସଜାଉଥିଲେ ଓ ଥରେ ଜଣେ ଶିଷ୍ୟ ଅଲ୍ ଘୟୁମ୍‌ଙ୍କ ନିକଟକୁ ଲେଖିଥିଲେ, ଯେ ପର୍ଯ୍ୟନ୍ତ ପୃଥିବୀରେ ରଙ୍ଗ ଅଛି, ସେଯାଏଁ ଜୀବନ ବୃଥା ହେବ ନାହିଁ । ରଙ୍ଗମୟତା ଜୀବନର ଧାରାବାହିକତାର ପ୍ରତୀକ ।

ସୁଫି ସନ୍ଥ ଜଲାଲୁଦ୍ଦିନ୍ ରୁମିଙ୍କ ମତରେ, ବିବିଧ ରଙ୍ଗ ମାଧ୍ୟମରେ ଆଲୋକକୁ ଅନୁଭବ କରିହେବ, ବିଶ୍ୱବ୍ରହ୍ମାଣ୍ଡର ଆଲୋକ, ମଣିଷ-ହୃଦୟର ଅନ୍ତଃସ୍ଥ ଆଲୋକ, ଉଭୟକୁ । ଷ୍ଟାନ୍‌ଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ପ୍ରାଚୀନ ବିଜ୍ଞାନ ଓ ଲୋକଜ୍ଞାନର ଇତିହାସ ସମ୍ପର୍କରେ ଗବେଷଣା କରିଥିବା ଆଡ୍ରିଏନ୍ନି ମେୟର୍ ତାଙ୍କର ଗଡ୍ସ ଆଣ୍ଡ୍ ରୋବଟ୍ସ : ମିଥ୍ସ, ମେସିନ୍ସ ଆଣ୍ଡ୍ ଆନ୍‌ସିଏଣ୍ଟ୍ ଡ୍ରିମ୍ସ ଅଫ୍ ଟେକ୍ନୋଲୋଜି ବହିରେ ଲେଖିଛନ୍ତି ଯେ ପ୍ରାଚୀନ କାଳରେ ଭାରତୀୟମାନେ ତୈଳଦୀପ (ଅଏଲ୍ ଲ୍ୟାମ୍ପ୍) ଜଳାଇବାର ପରମ୍ପରାରୁ ସୂଚନା ମିଳୁଛି ସେମାନଙ୍କର ନାଫ୍‌ଥା ସମ୍ବନ୍ଧୀୟ ଜ୍ଞାନ ରହିଥିଲା ଯାହା ବହୁ ବର୍ଷ ପର୍ଯ୍ୟନ୍ତ ଗ୍ରୀକ୍ ଓ ରୋମାନ୍‌ମାନଙ୍କର ନଥିଲା । ଏବେବି ସେହି ପରମ୍ପରା ଅବ୍ୟାହତ ରହିଛି । ଦିୱାଲି ରାତିରେ ରାଶି, ଜଡ଼ା ତେଲରେ ଦୀପ ଜଳାଉଥିବା ଭାରତୀୟ ବିଶ୍ୱାସ ରଖିଥାଏ ଯେ ଜ୍ଞାନର ଆଲୁଅରେ ଅଜ୍ଞାନତାର ଅନ୍ଧାର, ଐଶ୍ୱରିକତାର ଆଲୁଅରେ ଆସୁରିକତାର ଅନ୍ଧାର ଦୂର ହୋଇଯିବ, ତେଣୁ ପ୍ରାର୍ଥନା କରୁଥାଏ ପରମ ପୁରୁଷଙ୍କୁ, ମତେ ଐଶ୍ୱରିକ ଜ୍ଞାନ ପ୍ରଦାନ କର ପ୍ରଭୁ, ଯେଉଁ ଜ୍ଞାନ ମୋର ମନୋଭୂମିକୁ ସୃଜନଶୀଳତାର ଆଲୋକରେ ଆଲୋକିତ କରିବ, ମୋ ଜୀବନର ଯାତ୍ରାପଥକୁ ସାତ୍ତ୍ୱିକତାର ରଙ୍ଗରେ ରଞ୍ଜିତ କରିବ ।

ଜାପାନ୍‌ର ସାକୁମା ଶୋଯାନ୍ ପ୍ରାଚ୍ୟର ନୈତିକ, ଆଧାତ୍ମିକ ଦର୍ଶନ ସହିତ ପାଶ୍ଚାତ୍ୟର ବୈଜ୍ଞାନିକ, ଯାନ୍ତ୍ରିକ କୌଶଳର ତୁଳନାତ୍ମକ ଅଧ୍ୟୟନ କରି ପହଞ୍ଚିଥିବା ସିଦ୍ଧାନ୍ତରେ ପାଶ୍ଚାତ୍ୟ ବୈଜ୍ଞାନିକ ଦୃଷ୍ଟି, ଯାନ୍ତ୍ରିକ ଦକ୍ଷତା ସହିତ ନବ୍ୟ କନ୍‌ଫୁସୀୟ ଅନ୍ତର୍ଦୃଷ୍ଟି ସଂଯୋଜିତ ହୋଇଥିଲା । କଠୋପନିଷଦ ଓ ଭଗବତ୍ ଗୀତାରେ ବର୍ଣ୍ଣିତ ସଂସାର ବୃକ୍ଷ ଜେମ୍ସ କ୍ୟାମେରନ୍‌ଙ୍କ ଅବତାରରେ ପବିତ୍ର ଆତ୍ମା ବୃକ୍ଷ ରୂପରେ ପ୍ରଦର୍ଶିତ ହୋଇଥିଲା । ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ପୃଥିବୀରେ ୮୪ଲକ୍ଷ ପ୍ରକାରର ପ୍ରାଣୀ ଅଛନ୍ତି ବୋଲି କୁହାଯାଇଥିବା ସ୍ଥଳେ ଏବେ ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ୮୭ଲକ୍ଷ ପ୍ରକାରର ପ୍ରାଣୀ ଅଛନ୍ତି, ଯାହା ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ସାମଞ୍ଜସ୍ୟକୁ ସୂଚାଇଦେଉଛି । ତେଣୁ ପଦାର୍ଥବିଜ୍ଞାନ ଓ ଚେତନାବିଜ୍ଞାନର ସମନ୍ୱୟ ସ୍ଥାପନ କରିଥିବା ଫ୍ରିଜଫ୍ କାପ୍ରା ତାଙ୍କର ଟାଓ ଅଫ୍ ଫିଜିକ୍ସରେ କହନ୍ତି ଯେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବିଚାରପଦ୍ଧତି ସମଜ୍ଞାନସମ୍ପନ୍ନ । ଜୀବଜଗତର ବିପୁଳତା, ବିବିଧତା, ବୈଚିତ୍ର୍ୟ ସହିତ ପରମ୍ପରା ଓ ଆଧୁନିକତା, ଅଧ୍ୟାତ୍ମ ଓ ବିଜ୍ଞାନର ସଂଯୋଗ ଇତ୍ୟାଦି ସୂଚାଇଦେଉଛି ବିଶ୍ୱବ୍ରହ୍ମାଣ୍ଡ କେତେ ରଙ୍ଗମୟ, ମଣିଷର ଚୈତ୍ୟସତ୍ତା କେତେ ଆଲୋକମୟ ।

ହେକ୍ଟର୍ ଗାର୍ସିଆ ଜଣେ ସଫ୍ଟୱୟାର୍ ଇଂଜିନିୟର୍, ଜନ୍ମ ସ୍ପେନ୍‌ରେ, ଦୀର୍ଘକାଳର ରହଣି ଜାପାନ୍‌ରେ । ଫ୍ରାନ୍‌ସେସି ମିରାଲିସ୍‌ଙ୍କ ସହିତ ମିଶି ଲେଖିଛନ୍ତି ବହିଟିଏ, ଯାର ଶୀର୍ଷକ ଇକିଗାଇ : ଦି ଜାପାନିଜ୍ ସିକ୍ରେଟ୍ ଟୁ ଏ ଲଙ୍ଗ୍ ଆଣ୍ଡ୍ ହାପି ଲାଇଫ୍ । ଇକିଗାଇ ଏକ ଜାପାନୀ ଶବ୍ଦ, ଅର୍ଥ ହେଉଛି ଯାହା ମଣିଷକୁ ସୁଖୀ କରେ, ସାହିତ୍ୟ ଅର୍ଥରେ ବୁଝିଲେ ଜୀବନର ଉଦ୍ଦେଶ୍ୟ । ବହିଟିକୁ ପଢିଲେ ବୁଝିହେଉଛି ଜାପାନ୍‌ର ଓକିନାୱାରେ ଓଗିମି ଗୋଟିଏ ଗାଁ, ଯେଉଁଠି ଲୋକେ ପୃଥିବୀରେ ଦୀର୍ଘତମ ଜୀବନ ବଞ୍ଚନ୍ତି, ଶହେ ବା ତଦୁର୍ଦ୍ଧ୍ୱ ବର୍ଷ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ସେଠି ସର୍ବାଧିକ । କାରଣ, ସେମାନେ ସବୁବେଳେ ସତ୍ ମାର୍ଗରେ କର୍ମରତ । ମୁଁ ଅବସର ନେବି ଏବଂ ତାପରେ ଜୀବନରେ ଆଉ କିଛି କାମ କରିବି ନାହିଁ, ଏପରି ସ୍ୱପ୍ନ କେହି କେବେ ଦେଖନ୍ତି ନାହିଁ । କେହି ଧନୀ ନୁହଁନ୍ତି କି ଗରିବ ନୁହଁନ୍ତି । ପ୍ରତ୍ୟେକେ ସମାନ ପରିମାଣର ଅର୍ଥ ଦାନ କରି ସମୂହର ଉନ୍ନତି ପାଇଁ ଉପଯୋଗ କରନ୍ତି । ଭାରି ସଂଯତ ହୋଇ ଖାଦ୍ୟ ଗ୍ରହଣ କରନ୍ତି, ଯେପରି ପେଟର ଶତକଡ଼ା ଅଶୀଭାଗ ପୂର୍ଣ୍ଣ ହୁଏ । ଏଭଳି ମଣିଷମାନେ ବ୍ୟକ୍ତି ଓ ସମୂହ ଜୀବନର ମହତ୍ତ୍ୱ ଉନ୍ମୋଚନରେ ସତରେ ସଫଳ ହୋଇଛନ୍ତି । ଏମାନଙ୍କ ଜୀବନର ଶାନ୍ତ ଦିଗନ୍ତ ସତ୍ ଅନୁଭୂତିର ରଙ୍ଗରେ ଓ ସତ୍ ଅନୁଭବର ଆଲୋକରେ ସଦା କମନୀୟ ।

ଇଂରାଜୀ ପ୍ରାଧ୍ୟାପକ (ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

# କିଏସେ ଅଛି କେଉଁ ମତେ...

ଲକ୍ଷ୍ମୀପ୍ରିୟା ପୃଷ୍ଟି

କେହି କେହି କହନ୍ତି 'ଆପେ ବଞ୍ଚିଲେ ବାପର ନାଁ' । ସତରେ ଏହି ପଦକ କଥା ମୁଣ୍ଡରେ ପଶିଲେ ମଣିଷ କେତେ ସ୍ୱାର୍ଥପର ହୋଇଯାଏ ତାହା କେବେ ଭାବିଛନ୍ତି କି? ମଣିଷ ଏ ସଂସାରରେ ଦୁଇ ଦିନିଆ କୁଣିଆ ମାତ୍ର । ଈଶ୍ୱରଙ୍କ ସୃଷ୍ଟିରେ ସେ ପୁଣି ଶ୍ରେଷ୍ଠ ପ୍ରାଣୀ, କାରଣ ସେ ବୁଦ୍ଧି, ବିବେକର ଅଧିକାରୀ । ଯଦି ସ୍ୱାର୍ଥର ବଶବର୍ତ୍ତୀ ହୋଇ ମଣିଷ ନିଜର ବୁଦ୍ଧି ବିବେକକୁ ହରାଇ ଭୁଲ କରି ବସେ ତା ହେଲେ ତାକୁ ମଣିଷ କୁହାଯିବ ତ ? ରାସ୍ତାରେ ଯାଉଥିବା ପଥିକଟିଏ ଗୋଟିଏ ସ୍ଥାନରେ ଦୁର୍ଗନ୍ଧ ଯୁକ୍ତ ଅଳିଆ କୁଢା ହୋଇଥିବାର ଦେଖି ତୁରନ୍ତ ସେ ସ୍ଥାନ ଛାଡ଼ି ଚାଲିଯାଏ । ଆଉ କେଉଁଠି ସୁଗନ୍ଧ ଯୁକ୍ତ ଫୁଲ ଗଛ ପାଇଲେ ସେଠି ଦଣ୍ଡେ ଛିଡ଼ାହୋଇ ତାକୁ ଉପଭୋଗ କରେ, ଶାନ୍ତିର ନିଃଶ୍ୱାସ ମାରେ ।

କହିବାର କଥା ମଣିଷର ପ୍ରକୃତି ଠିକ୍ ସେମିତି । ମାତ୍ରାଧିକ ଅହଂ ମଣିଷକୁ ଏମିତି ଦୁର୍ଗନ୍ଧ ଯୁକ୍ତ ଅଳିଆ ଗଦା କରି ପକାଏ । ଐଶ୍ୱର୍ଯ୍ୟର ପାହାଡ଼ ଉପରେ ବସି ବିଳାସ ବ୍ୟସନ ପୂର୍ଣ୍ଣ ଜୀବନଚର୍ଯ୍ୟା କେବେହେଲେ ଅନ୍ୟର ହୃଦୟକୁ ଛୁଇଁପାରେ ନାହିଁ । ସେହିପରି ଅପର ପକ୍ଷେ ଦୟା, ବିନୟ, ସ୍ନେହ, ଆଦର, ତ୍ୟାଗ ପୂର୍ଣ୍ଣ ମଣିଷଟି ଧନରେ ଗରିବ ହେଲେହେଁ ସେ ଅକ୍ଳେଶରେ ଅନ୍ୟର ହୃଦୟ ଜୟ କରିବାକୁ ସମର୍ଥ ହୋଇଥାଏ । ସ୍ୱାର୍ଥ ରହୁ ମାତ୍ର ଏହା ଅହଂର ପ୍ରଭାବରେ ଅଗ୍ନି ପିଣ୍ଡୁଳା ନ ସାଜୁ । ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ.....

'ମୁଁ କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ତା ବିଶ୍ୱ ସମ୍ରାଟ ।'

ଯେତେବେଳେ ଏହି ଅହଂ ରୂପି ଦାନବଟି ମନ ଉପରେ ରାଜୁତି କରିବା ଆରମ୍ଭ କରିଦିଏ ସେ ମାନବରୁ ଦାନବ ପାଲଟିଯାଏ ।

ଆଖି ଯେମିତି ସୁନ୍ଦର ଦେଖିବାକୁ ଭଲ ପାଏ, କାନ ସେମିତି ସୁନ୍ଦର ଶୁଣିବାକୁ ଭଲ ପାଏ । ଜିହ୍ୱା ଯେମିତି ମଧୁର ସ୍ୱାଦ ଅନୁଭବ କରିବାକୁ ବ୍ୟଗ୍ର ଥାଏ, ମସ୍ତିଷ୍କ ସେମିତି ସୁନ୍ଦର କଥା ଭାବିଲେ କ୍ଷତି କଣ? ସବୁବେଳେ ପର ଚର୍ଚ୍ଚା, ପରନିନ୍ଦା କରି ନିଜକୁ ମହାନ ଭାବୁଥିବା ମଣିଷଟି କଣ ସତରେ ଦୁନିଆ ଆଖିରେ ମହାନ ହୁଏ ନା ନିଚ୍ଚ ସ୍ଥାନ ପାଏ ତାର ବିଚାର ଆପଣ ମାନଙ୍କର ।

ରାତି ପାହି ସକାଳ ହେଲେ ଟିଭି ଅବା ବିଭିନ୍ନ ସମ୍ବାଦପତ୍ରରୁ ଦେଖିବାକୁ ମିଳୁଛି ନାନାଦି ବିଭତ୍ସ ହତ୍ୟାକାଣ୍ଡର ଘଟଣା । ଦିନକୁ ଦିନ ଏପରି ଘଟଣା ବଢ଼ି ବଢ଼ି ଚାଲିଛି । କେଉଁଠି ସ୍ୱାମୀ ସ୍ତ୍ରୀକୁ ତଣ୍ଟି ଚିପି ମାରିଲାଣି ତ କେଉଁଠି ସ୍ତ୍ରୀ ସ୍ୱାମୀକୁ ଟାଙ୍ଗିଆ କଟୁରୀରେ ହାଣି ମାରିଲାଣି । ପ୍ରାୟ ପ୍ରତ୍ୟେକ ଦିନ ଏମିତି କିଛି ନା କିଛି ଘଟଣା ଘଟୁଛି । ମାନସିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିଭିନ୍ନ କାରଣରୁ ଏମାନେ ମାନସିକ ଭାରସାମ୍ୟ ହରାଇ ଏପରି ବିଭତ୍ସ କାଣ୍ଡ ଘଟାଇ ବସୁଛନ୍ତି । କେବେ କାର୍ଯ୍ୟର ଚାପ ଅବା ପରିବେଶର ପ୍ରଭାବ କିମ୍ବା ଅର୍ଥ ପ୍ରତି ମାତ୍ରାଧିକ ଲାଳସା ହୁଏତ ମଣିଷକୁ ଏପରି ପରିସ୍ଥିତି ଆଡ଼କୁ ଟାଣି ନେଇପାରେ । ଯୁଗ ଆଗେଇଛି, ଶିକ୍ଷାରେ ଅଗ୍ରଗତି ମଧ୍ୟ ଘଟିଛି । ହେଲେ ମଣିଷ ଭିତରୁ ହଜି ଯାଉଛି ଅନ୍ତରଙ୍ଗତାର, ଆତ୍ମୀୟତାବୋଧର ସେ ଅମୂଲ୍ୟ ସତ୍ତା ଟିକକ । ଯନ୍ତ୍ର ଯୁଗରେ ମଣିଷ ପାଲଟି ଯାଉଛି ଯନ୍ତ୍ର ମଣିଷ । ପରିବାର ଠାରୁ ସମାଜ ପର୍ଯ୍ୟନ୍ତ ପିଲାଟିଏ ଯେତିକି ଆଦର ଯତ୍ନ, ସ୍ନେହ, ମମତା, ଶିକ୍ଷା, ସଂସ୍କାର ତା'ର ବୟସ ଅନୁପାତରେ ପ୍ରାପ୍ତ ହେବା କଥା ସେଥିରେ ତ୍ରୁଟି ବିଚ୍ୟୁତି ଘଟୁଛି । ଫଳରେ ପିଲାଟିଏ ବାପା, ମାଆ, ଭାଇ, ଭଉଣୀ ଆତ୍ମୀୟ ସ୍ୱଜନଙ୍କ ଠାରୁ ମୋବାଇଲ, କମ୍ପ୍ୟୁଟରକୁ ବେଶୀ ଆପଣାର ଭାବୁଛି । ହୃଦୟରୁ ହଜିଯାଉଛି ଆବେଗପ୍ରବଣ ଭାବ, କୋମଳ ହୃଦୟ ଉପରେ କଠିନ ଯାନ୍ତ୍ରିକତାର ପ୍ରଲେପ ତାକୁ ସଜାଇଦେଉଛି ଭିନ୍ନ ମଣିଷଟିଏ । ମନେପଡ଼େ କବି ଗଙ୍ଗାଧର ମେହେରଙ୍କ ସେ ଅମୃତ ବୋଳା ଉକ୍ତି...

'ବିଶ୍ୱ ଦେଖ ମଧୁମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।'

ସତରେ ଦୁର୍ଲ୍ଲଭ ମଣିଷ ଜନମ ପାଇ ମଧ୍ୟ ସେ ଭୁଲ କରି ବସୁଛି ଜାଣି ଜାଣି । ବିଶ୍ୱାସ ଭାବ ତୁଟି ଯାଉଛି ବିଶ୍ୱନିୟନ୍ତାଙ୍କ ପାଖରୁ, ହଜିଯାଉଛି ମଧୁମୟତା, ଦୁନିଆର ବିପଣିରେ ସେ ହୋଇଯାଉଛି ଖୁବ୍ ଶସ୍ତା । ଏସବୁ ପ୍ରତି ସଚେତନ ହେବାର ବେଳ ଆସିଛି । ଆଧାତ୍ମିକ ଦିଗ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରାଚୀନ ଇତିହାସ, ପୁରାଣ, ମହାପୁରୁଷଙ୍କ ଜୀବନୀ ପ୍ରତି ପିତା ମାତା ସର୍ବୋପରି ବିଦ୍ୟାଳୟରେ ଶିକ୍ଷା ଦେବା ଜରୁରୀ ହୋଇପଡ଼ିଛି ।

କଷ୍ଟ ଦାୟକ ହୋଇପାରେ, ହେଲେ ଅସମ୍ଭବ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଏଥିପ୍ରତି ସଚେତନ ହେବା ଏକାନ୍ତ ଜରୁରୀ । ସୁଖ, ଶାନ୍ତିମୟ ଜୀବନ କିଏ ନ ଚାହେଁ, ବିଶ୍ୱାସ ହରେଇ ଦେଉଥିବା ମଣିଷ ମନରେ ବିଶ୍ୱାସ ଭାବ ସୃଷ୍ଟି କରିବା ସମାଜର ପ୍ରତ୍ୟେକ ମଣିଷର ଗୁରୁ ଦାୟିତ୍ୱ । ମାନବାଦର ଜୟ ହେଉ, ଦିବ୍ୟ ଚେତନାରେ ପ୍ରତିଟି ପ୍ରାଣ ଜାଗ୍ରତ ହେଉ, ସମାଜ ହେଉ ସୁଶୃଙ୍ଖଳ, ଦେଶ ହେଉ ସମୃଦ୍ଧ, ବିଶ୍ୱ ହେଉ ଶାନ୍ତିମୟ ।

ଅଧ୍ୟାପିକା,ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ,
ଯାଜପୁର, ମୋ- ୭୩୭୭୩୧୮୭୮୯

# ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ

ଧାରୟତେ ଇତି ଧର୍ମ । ସତ୍ୟ ଯେତେବେଳେ କର୍ମ ଓ ଆଚରଣରେ ପରିବର୍ତ୍ତିତ ହୁଏ ତାହା ଧର୍ମରେ ପରିଣତ ହୁଏ । ଥରେ ସ୍କୁଲରେ ଶିକ୍ଷକ ସମବ୍ୟବହାର ଉଦାହରଣ ଦେବା ପାଇଁ ପିଲାଙ୍କୁ କହିଲେ । ଜଣେ କହିଲା ଆମେ ଖାଦ୍ୟ ଖାଉ । ପଶୁମାନେ ବି ଖାଦ୍ୟ ଗ୍ରହଣ କରନ୍ତି । ଅନ୍ୟଜଣେ କହିଲା ମଣିଷ ଶୁଏ। ପଶୁମାନେ ବି ଶୁଅନ୍ତି । ଜଣେ କହିଲା ମନୁଷ୍ୟ ଭିତରେ ଭୟ ଅଛି । ପଶୁମାନଙ୍କ ମଧ୍ୟରେ ବି ଭୟ ଅଛି । ଅନ୍ୟ ଜଣେ କହିଲା ମଣିଷ ସନ୍ତାନ ଜନ୍ମ କରେ । ପଶୁମାନେ ବି ସନ୍ତାନ ଜନ୍ମ କରନ୍ତି । ସାର କହିଲେ ମଣିଷ ଓ ପଶୁ ମଧ୍ୟରେ ଫରକ କ'ଣ?

ମହେନ୍ଦ୍ର ନାମକ ଏକ ଛାତ୍ର କହିଲା ମୋର ବାପା ଗତକାଲି ମନଦୁଃଖ କରୁଥିଲେ । କହୁଥିଲେ ଲତାଟିଏ ଲଗାଇଲି ତାହା ସୁଗନ୍ଧ ପ୍ରଦାନ କଲା । ଚାଳ ଘରଟିଏ ତିଆରି କରି ତାର ଭିତର ଦେଇ ପବନ ଗଲେ ଛନ୍ଦ ସୃଷ୍ଟି କରୁଛି ।

ଗଛଟିଏ ଲଗାଇଥିଲି ତାହା ଶୀତଳତା ପ୍ରଦାନ କରୁଛି । ପଶୁଟିଏ ପାଳିଥିଲି ସେ ମୂକ ହେଲେ ମଧ୍ୟ ମୋର ହୃଦୟର ଭାଷାକୁ ବୁଝି ସ୍ନେହ ଶୁଝାଇବାକୁ ଚେଷ୍ଟା କରୁଛି ହେଲେ ମଣିଷକୁ ପରମ ସ୍ନେହ ଦେଇଥିଲେ ମଧ୍ୟ ସେ ମୋର ହୃଦୟରେ ପଦାଘାତ କରୁଛି ।

ଆଶ୍ଚର୍ଯ୍ୟର କଥା ପ୍ରକୃତି ଉଦ୍ଭିଦଜଗତ, ପଶୁପକ୍ଷୀଗଣ, ମଣିଷର ସେବା କରୁଛନ୍ତି । ସେମାନଙ୍କ ପାଖରେ ଅନେକ ଭଲ ଗୁଣ ଅଛି ଯାହା ମଣିଷ ପାଇଁ ଶିକ୍ଷଣୀୟ । ପିମ୍ପୁଡ଼ି ନିକଟରେ ଶୃଙ୍ଖଳା, କଠିନ ପରିଶ୍ରମ, ସଞ୍ଚୟ ଅଭ୍ୟାସ ବାଲିକୁ ଚିନିରୁ ଅଲଗା କରିବାର ଶକ୍ତି ଇତ୍ୟାଦି ଅଛି । ମହୁମାଛି ଫୁଲରେ ଗର୍ଭ ସଂଚାର କରୁଛି । ଫୁଲରୁ ମହୁ ସଂଚୟ କରି ସଞ୍ଚୟ କରୁଛି । ଗାଈ ମା'ପରି କ୍ଷୀର ପ୍ରଦାନ କରୁଛି ।

ହାତୀ ଜଙ୍ଗଲରେ ଦଳବଦ୍ଧ ହୋଇଯାଇ ପଥପ୍ରଦର୍ଶନ କରେ । ସେ ସାହାସୀ, ବଳବାନ ଓ ବୁଦ୍ଧିମାନ । ସିଂହ ଅତ୍ୟନ୍ତ ରାଜକୀୟ ଓ ନେତୃତ୍ୱ ନେବାର କ୍ଷମତା ରଖିଥାଏ । ବୁଢ଼ୀଆଣି ଅସୀମ ଧୈର୍ଯ୍ୟର ପ୍ରତୀକ । ହଂସ କ୍ଷୀରରୁ ପାଣିକୁ ଅଲଗା କରିପାରେ କୁକୁର ଅତ୍ୟନ୍ତ ବିଶ୍ୱସ୍ତ ଓ ଶତ୍ରୁ ଠାରୁ ମୁନୀବକୁ ରକ୍ଷା କରେ । ଅନେକ ଶକ୍ତି ମଡ଼ା ସଫାକରେ ଓ ପ୍ରକୃତିକୁ ପ୍ରଦୂଷଣରୁ ରକ୍ଷା କରେ । ଅଶ୍ୱ ଶକ୍ତି ପ୍ରଦର୍ଶନ କରେ ଓ ମଣିଷର ପରିବହନରେ ସାହାଯ୍ୟ କରେ । ମୟୂର ଘନନୀଳ ମେଘ ଦେଖିଲେ କୃଷ୍ଣଙ୍କ ଭାବରେ ନାଚି ଉଠେ । କୃଷ୍ଣ ତେଣୁ ମୟୁର ପୁଚ୍ଛ ଧାରଣ କରିଥାନ୍ତି । ବିଲେଇ ସଫା ସୁତୁରାର ପ୍ରତୀକ ।

ମାଛ ଜଳର ବିପରୀତ ଦିଗରେ ପହଁରିପାରେ । ବଳଦ କଠିନ ପରିଶ୍ରମୀ କାଉ ରାବ ଦେଇ ଏକାଠି ମିଶି ଖାଏ । ସାପର ବିଷରୁ ଔଷଧ ତିଆରି ହୁଏ । ଗଛ ସହନଶୀଳତାର ପ୍ରତୀକ ଓ ଅମ୍ଳଜାନ ଦିଏ । ନଦୀ ନିଜର ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରେ ଓ ପଛକୁ ଚାହିଁ ଦେଖେନା । ପେଚା ଅନ୍ଧାରରେ ଦେଖିପାରେ । ପାରା ଓ ଛଞ୍ଚାଣଙ୍କର ତୀକ୍ଷ୍ଣ ଦୃଷ୍ଟି ଥାଏ । ବାଘ ନିର୍ଭୀକତାର ପ୍ରତୀକ । ଫୁଲ ସୁଗନ୍ଧ ଓ ସୁନ୍ଦରତାର ପ୍ରତୀକ । ମାଙ୍କଡ଼ ନିଜ କୋଳରେ ପିଲାକୁ ଧାରଣ କରି ଲମ୍ଫ ପ୍ରଦାନ କରେ । ସାଧବ ବୋହୁ ସୁନ୍ଦରତାର ପ୍ରତୀକ । ହରିଣ ନିକଟରେ କ୍ଷୀପ୍ରତା ଓ ମୃଗନାଭି କସ୍ତୁରୀର ସୂଚନା ଦିଏ ।

ଏତେ ସବୁ କଥା ପ୍ରକୃତି ଓ ଇତର ଜଗତ ଠାରୁ ଆଜି କାଲିର ପିଲାମାନେ ଶିକ୍ଷା କରିପାରୁ ନାହାନ୍ତି । ପ୍ରକୃତରେ ପ୍ରକୃତି ଓ ଇତର ଜଗତ ଏକ ବିଶ୍ୱବିଦ୍ୟାଳୟ । ଇନ୍ଦ୍ରିୟ ଯଦି ଆମର ଶିକ୍ଷକ ହୁଅନ୍ତି ତେବେ ଆତ୍ମା ଆମ ଶରୀରର ଅଧ୍ୟକ୍ଷ । ଦତ୍ତାତ୍ରେୟ ପ୍ରକୃତିର ଚବିଶ ଗୁରୁ ବାଛି ଥିଲେ ଆଜିର ଛାତ୍ରଛାତ୍ରୀମାନେ ପ୍ରକୃତି ଓ ଇତର ଜଗତରୁ ମହାନ ଶିକ୍ଷା ଲାଭ କରି ମହତପଣିଆ ଦେଖାଇ ପାରିବେ ।

ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ମୋ-୯୬୯୨୯୮୦୦୨୬

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମିଆଁମାର୍-ଥାଇଲାଣ୍ଡରେ...

ଏକ ମଲରେ ଉପସ୍ଥିତ ଥିବାବେଳେ ଏହା ଦୋହଲିବାକୁ ଆରମ୍ଭ କରିଥିଲା । ତତ୍କ୍ଷଣାତ ଏହି ଘରଟି ଜୋରଦାର ହଲିଥିଲା । ଏଥିଲାଗି ସେ ଭୟଭୀତ ହୋଇପଡ଼ିଥିଲେ । ଲୋକମାନେ ଭୟଭୀତ ହୋଇ ଏଣେତେଣେ ଧାଇଁବାକୁ ଲାଗିଥିଲେ । ରିପୋର୍ଟ ଲେଖାହେବାଯାଏ ମିଳିଥିବା ସୂଚନା ଅନୁଯାୟୀ ୧୫୦ ମୃତ୍ୟୁବରଣ କରିଥିବାବେଳେ ୭୩୨ ଆହତ ହୋଇଛନ୍ତି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି । ସ୍ଥାନୀୟ ସମୟ ୧୨.୫୦ ମିନିଟ୍‌ରେ କେନ୍ଦ୍ରୀୟ ମିଆଁମାରରେ ପ୍ରଥମେ ଭୂକମ୍ପର ଝଟ୍‌କା ଅନୁଭବ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଆଁମାର ଓ ଥାଇଲାଣ୍ଡ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ ଭାରତ ପକ୍ଷରୁ ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସମସ୍ତେ ସୁରକ୍ଷିତ ରୁହନ୍ତୁ । ଭାରତ ସବୁପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଛି । ସେହିପରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ମିଆଁମାର ଓ ଥାଇଲାଣ୍ଡ ସରକାରଙ୍କ ସହ ସମ୍ପର୍କରେ ରହିଛି । ମିଆଁମାରରେ ୨୦୧୬ରେ ମଧ୍ୟରେ ୬.୮ ତୀବ୍ରତାର ଭୂକମ୍ପ ଅନୁଷ୍ଠିତ ହୋଇଥିଲା ।

## କଂଗ୍ରେସ...

ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି । ବିନା କାରଣରେ କଂଗ୍ରେସ କର୍ମୀଙ୍କ ଉପରେ ପ୍ରଥମେ ଲାଠି ମାଡ ହୋଇଥିବା ଅଭିଯୋଗ କରାଯାଇଛି । ଏଥିରେ ଶତାଧିକ କଂଗ୍ରେସ କର୍ମୀ ଆହତ ହୋଇଥିବା ସୂଚନା ଦିଆଯାଇଛି ।

## ହିଟ୍‌ୱେଭ୍...

ପରିଚାଳନା ବ୍ୟବସ୍ଥା ଲାଗୁ କରାଯାଉ । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ସହ ଗୃହକୁ ଥଣ୍ଡା ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉ । ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ରେକର୍ଡ଼ କରାଯାଉଛି । ଦିଲ୍ଲୀର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସେହିଭଳି ମହାରାଷ୍ଟ୍ରରେ ତାପମାତ୍ରା ସ୍ୱାଭାବିକଠାରୁ ୧.୪ ଅଧିକ ରହିଛି । ଓଡ଼ିଶା ପାଇଁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରାଯାଇଛି । ଆଗାମୀ ୩ ଦିନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଇଏମ୍‌ଡି ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି । ସମ୍ବଲପୁର ଓ ବୌଦ୍ଧ ଜିଲ୍ଲା ଲାଗି ସତର୍କତା ଲାଗୁ କରାଯାଇଛି । ସେହିଭଳି ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲା ପାଇଁ ଶନିବାର ସତର୍କତା ଜାରି କରାଯାଇଥିଲା ବେଳେ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼ ପାଇଁ ରବିବାର ସତର୍କତା ଜାରି କରାଯାଇଛି । ଦେଶର ଝାରସୁଗୁଡ଼ା ସହ ଛତିଶଗଡ଼ର ରାଜନନ୍ଦ ଗାଓଁ ସବୁଠୁ ଉତ୍ତପ୍ତ ସହର ହୋଇଛି । ୨୦୧୭ ମାର୍ଚ୍ଚରେ ୪୩.୪ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ରେକର୍ଡ଼ କରିଥିଲା ।

୧୮ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି । ଆଜି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ଼ କରାଯାଇଛି । ତେବେ ୪୩.୪ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ସହର ସବୁଠୁ ଉତ୍ତପ୍ତ ସହର ହୋଇଛି । ସମ୍ବଲପୁରରେ ୪୧.୬° ତାପମାତ୍ରା ରେକର୍ଡ଼ କରାଯାଇଥିଲାବେଳେ ହୀରାକୁଦ ୪୧.୨°, ବୌଦ୍ଧ ବଲାଙ୍ଗୀର ଓ ଟିଟିଲାଗଡ଼ରେ ୪୧.୨°, ସୁନ୍ଦରଗଡ଼ରେ ୪୧.୧°, ଅନୁଗୁଳ ଓ ଢେଙ୍କାନାଳରେ ୪୦.୯°, ତାଳଚେରରେ ୪୦.୮°, ପାରଳାଖେମୁଣ୍ଡି, ସୋନପୁର ଓ ଭବାନୀପାଟଣାରେ ୪୦.୫°, ବାରିପଦା, ରାଉରକେଲା ଓ ଚାନ୍ଦବାଲିରେ ୪୦.୪°, ଜଗତସିଂହପୁରରେ ୪୦.୨° ତାପମାତ୍ରା ରେକର୍ଡ଼ କରାଯାଇଛି ।

## ଦରମା...

ଦର ବଢ଼ିଛି। ପୂର୍ବତନ ବିଧାୟକମାନଙ୍କ ଅବସ୍ଥା ଦୁଃଖଦାୟକ। ମେଡ଼ିସିନ ଖର୍ଚ୍ଚ, ପରିବାର ଦାୟିତ୍ୱ ତୁଲାଇବା କଷ୍ଟକର ହୋଇପଡୁଛି।

ଯେତିକି ପେନସନ ମିଳୁଛି, ତାହା ପର୍ଯ୍ୟାପ୍ତ ହେଉନି। ଭାସ୍କର ମଢେଇଙ୍କ ଦଧ୍ୟକ୍ଷତାରେ ଏଥିପାଇଁ ଏକ କମିଟି ଗଢ଼ାଯାଇଥିଲା। କିମିଟି ତା'ର ରିପୋର୍ଟ ସରକାରଙ୍କୁ ଦାଖଲ କରିସାରିଛି। କମିଟିର ସୁପାରିଶକୁ ସରକାର ଶୀଘ୍ର ଗ୍ରହଣ କରନ୍ତୁ। ପୂର୍ବତନ ବିଧାୟକଙ୍କ ପେନସନ ପ ବିଧାୟକଙ୍କ ଦରମା ନିହାତି ବଢ଼ିବା ଆବଶ୍ୟକ। ୨୦୧୭ରେ ଶେଷ ଥର ଦରମା, ପେନସନ ବଢ଼ିଥିଲା। ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେବା ପାଇଁ ସେ ଦାବି କରିଥିଲେ। ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ କହିଲେ, ୩୦ ହଜାର ଟଙ୍କା ପେନସନ ଯଥେଷ୍ଟ ନୁହେଁ ପୂର୍ବତନ ବିଧାୟକଙ୍କ ପାଇଁ। ସେହିପରି ବିଧାୟକଙ୍କ ଦରମା ଏବେ ବି ମାତ୍ର ୩୫ ହଜାର ଟଙ୍କା। ତେଣୁ ଦରମା ବୃଦ୍ଧି ପାଇଁ ଦାବି କରିବା ପାଇଁ ଲଜ୍ଜା କରିବାର ଆବଶ୍ୟକ ନାହିଁ। ଏହା ନ୍ୟାୟ ସଙ୍ଗତ ଦାବି। ମଢ଼େଇ କମିଟି ସୁପାରିଶକୁ କାର୍ଯ୍ୟକାରୀ କରାଯାଉ।

ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଲେ, ବିଧାୟକ ମାସକୁ ମାତ୍ର ୩୫ ହଜାର ପାଉଛନ୍ତି। ପୂର୍ବତନ ବିଧାୟକଙ୍କ ଦୁଃଖ ଅତି ଦାରୁଣ। ମୁଁ ବି ନିଜେ ଏଥିରେ ଭୁକ୍ତଭୋଗୀ ହୋଇ ଅନୁଭବ କରିଛି। ଦନ୍ୟ ରାଜ୍ୟରେ ବିଧାୟକଙ୍କ ଦରମା ବହୁତ ଅଧିକ ରହିଛି। ଏ ତାଲିକାରେ ପଡ଼ିଶା ୨୭ ନମ୍ବରରେ ରହିଛି ଦେଶରେ। ଆମ ପାଖେ ନା ସମ୍ବଳ ଦଛି ନା ଦଛି କମ୍ବଳ। ନାମଯଜ୍ଞ, ବ୍ରତଘର, କ୍ରିକେଟ, ଭଳି ବଲ୍ ଖେଳ ସବୁଥିରେ ଦାମକୁ ନିମନ୍ତ୍ରଣ ଦାସୁଛି। ଏବେ ପ୍ରତି ଗାଁରେ ନାଟକ କଲେଣି। ଏଭଳି କାର୍ଯ୍ୟକ୍ରମକୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଭାସ୍କର ମଢେଇଙ୍କ ଦଧ୍ୟକ୍ଷତାରେ ଗଠିତ କମିଟିର ସୁପାରିଶକୁ ଗ୍ରହଣ କରି ସରକାର ଜୁନ ମାସରୁ ପିଛିଲା ଭାବେ ଲାଗୁ କରନ୍ତୁ। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଲେ, ପୂର୍ବତନ ବିଧାୟକମାନଙ୍କ ଅବସ୍ଥା ଥରେ ଦେଖିଲେ ଜାଣିପାରିବେ। ହାଇସ୍କୁଲ ପିଦନଙ୍କ ଦରମା ୫୫ ହଜାର ହେଲାଣି। ବିଧାୟକ ଯେଉଁ ହାରରେ ଦରମା ପାଉଛନ୍ତି, କହିବାକୁ ଲାଜ ଲାଗୁଛି। ଦିଲ୍ଲୀ, ପଞ୍ଜାବ, କର୍ଣ୍ଣାଟକ ଭଳି ରାଜ୍ୟରେ ଦାମଠାରୁ ବହୁ ଦଧିକ ଦରମା ଦିଦାଯାଉଛି। ଏଦିଗରେ ଶୀଘ୍ର ବିଚାର କରାଯାଉ। ବିଧାୟକ ଭାସ୍କର ମଢ଼େଇ କହିଲେ, ଏହା ଅତି ସ୍ପର୍ଶକାତର ବିଷୟ। ବଜାର ଦର, ପରିବାର, ବନ୍ଧୁ ବାନ୍ଧବ, ମେଡିସିନ ଖର୍ଚ୍ଚ ପୂର୍ବତନ ବିଧାୟକଙ୍କ ପାଇଁ ବହୁ କଷ୍ଟକର ହେଲାଣି। ଆଜିର ସମୟରେ ମାସକୁ ୩୦ ହଜାରରୁ ୩୫ ହଜାର କିଛି ନୂଦା ନୁହେଁ। ପୂର୍ବତନ ବିଧାୟକ ଅନେକ ବିଛଣାରେ ପଡ଼ି ରହିଛନ୍ତି। ନିର୍ବାଚନମଣ୍ଡଳୀରେ ବାର ମାସରେ ତେର ପର୍ବ କାର୍ଯ୍ୟକ୍ରମକୁ ଯିବାକୁ ପଡୁଛି। ନିମନ୍ତ୍ରଣ କଲେ ବ୍ୟବହାର ତ ଦେବାକୁ ପଡ଼ିବ। ଚଳିବା ଭାରି କଷ୍ଟ। ବଜାର ଦେଖି ସରକାର ବିଚାର କରନ୍ତୁ। କମିଟି ସରକାରଙ୍କୁ ସୁପାରିଶ କରିଛି। ସରକାର ଚାହିଁଲେ ଏହାକୁ କାର୍ଯ୍ୟକାରୀ କରିପାରିବେ ବୋଲି ଶ୍ରୀ ମଢ଼େଇ କହିଥିଲେ ।

## ବିଜ୍ଞାନ...

ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ଆମକୁ ସଫଳ କରାଇବ ।

ସେ କହିଥିଲେଯେ, ଆଜି ଭାରତୀୟ ବିଜ୍ଞାନ ମଧ୍ୟ ଖୁବ ଉଚ୍ଚରେ ଅଛି । ମହାକାଶ ବିଜ୍ଞାନରେ ଚନ୍ଦ୍ରୟାନ, ଆଦିତ୍ୟ, ମଙ୍ଗଳୟାନ, ଗଗନୟାନ ଭଳି ଅନେକ ସଫଳ ପରୀକ୍ଷଣ ଆମକୁ ବିଶ୍ୱରେ ଏକ ବୈଜ୍ଞାନିକ ବିକାଶଶୀଳ ଦେଶ ଭାବରେ ପ୍ରତିଷ୍ଠିତ କରି ପାରିଛି । ଆମର ଜ୍ୟୋର୍ତିବିଦ୍ୟା, ଗଣିତ ଓ ଔଷଧ ଶାସ୍ତ୍ର ସାରା ପୃଥିବୀରେ ଅଗ୍ରଣୀ ।

ବର୍ତ୍ତମାନ ସମୟରେ ବୈଜ୍ଞାନିକ ଗବେଷଣା ଏକ ନୂତନ ଦିଗ୍ଦର୍ଶନ ଯେଗାଇପାରିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଜିର ସମୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସ୍ତରକୁ ଆହୁରି ଉନ୍ନତ କରି ପାରିଛି । ଭାରତୀୟ ବିଜ୍ଞାନ ମଧ୍ୟ ଆଜି ବିଶ୍ୱ ସ୍ତରରେ ଖୁବ ନାଁ କରିଛି । ଆମ ରାଜ୍ୟରେ ମଧ୍ୟ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଆମର ଡିପ୍ ଟେକ୍ ଏବଂ ଫ୍ରଣ୍ଟିୟର ଟେକ୍ନୋଲୋଜି ପ୍ରୟାସର ଏକ ଅଂଶ ଭାବରେ, ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ ଚେନ୍, ରୋବୋଟିକ୍ସ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଅଭିନବ ପ୍ରୟାସ ଉପରେ ବିଶେଷ ଧ୍ୟାନ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ।

ସେ ପୁଣି କହିଥିଲେଯେ, ଉଦ୍ଭିଦ ଓ ଜୀବଜନ୍ତୁ ସମୃଦ୍ଧ ବିବିଧତା ସହିତ ଓଡିଶାରେ ଜୈବ-ପ୍ରଯୁକ୍ତିବିଦ୍ୟା ଗବେଷଣା, ବିଶେଷ କରି ଜୈବ ସମ୍ବଳ ଓ ପାରମ୍ପରିକ ଔଷଧ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି । ରାଜ୍ୟରେ ସାମୁଦ୍ରିକ ଜୈବ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରତିଷ୍ଠା କରାଯିବ । ଏହି ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷାବିତ୍, ଗବେଷକ, ଉଦ୍ଭାବକ, ଉଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକ ଭଳି ବିଭିନ୍ନ ଅଂଶୀଦାରଙ୍କୁ ଏକାଠି କରି ପୂର୍ବ ଉପକୂଳରେ ବଙ୍ଗୋପସାଗରର ଜୈବ ସମ୍ଭାବନାକୁ ଉପଯୋଗ କରିବା ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରାଯିବ । ରାଜ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷାର ପ୍ରୋତ୍ସାହନ ନିମନ୍ତେ ପ୍ଲାନୋଟୋରିୟମ, ବିଜ୍ଞାନ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏକ ନେଟୱାର୍କ ମଧ୍ୟ ପ୍ରତିଷ୍ଠା କରାଯିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ କହିଥିଲେ ଯେ, ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ ।

କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେଯେ, ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ି ଚାଲିଛି କାରଣ ଆଜି ଆମମାନଙ୍କର ଜୀବନଶୈଳୀ, ବିଜ୍ଞାନ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ହୋଇଅଛି । ଏଣୁ ଯିଏ ବିଜ୍ଞାନରେ ଶକ୍ତିଶାଳୀ ହେବ, ପ୍ରକୃତରେ ସେ ଶକ୍ତିଶାଳୀ ।

ଇତ୍ୟବସରରେ, ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜ କିଶୋର ପରମଗୁରୁ, ଡ଼କ୍ଟର ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣ ଚନ୍ଦ୍ର ମହାନ୍ତି, ଡକ୍ଟର ରଘୁପତ୍ତିଣି ଭୀମା ରାଓ, ପ୍ରଫେସର ମଳୟ କୁମାର ମିଶ୍ର ପ୍ରମୁଖଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଥିବା ବେଳେ, ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଭାବରେ, ରବୀନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ଦିଆଯାଇଥିବା ବେଳେ ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ, ଡକ୍ଟର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ପଣ୍ଡା, ପ୍ରଫେସର ପିନାକି ଦତ୍ତଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଓ ଯୁବ ବୈଜ୍ଞାନିକ ପୁରସ୍କାରରେ ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ଅପ୍ରମିତା ଚାନ୍ଦ, ଡକ୍ଟର ରାଜେଶ କୁମାର ପୃଷ୍ଟି ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ପ୍ରମୁଖ ଶାସନ ସଚିବ, ଚିତ୍ରା ଆରୁମୁଗମ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ, ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ନାବାଳିକାକୁ ଦୁଷ୍କର୍ମ ନେଇ ଥାନାର ଦ୍ୱାରସ୍ଥ

ରାୟଗଡା (ସବ୍ୟୁ) : ରାୟଗଡ଼ ଜିଲ୍ଲା ସାଇ ପ୍ରିୟା ନଗର ନିକଟସ୍ଥ ବସ୍ତିରେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ ନେଇ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୁଚନା ମୁତାବକ ହୋଲି ଦିନ ଉକ୍ତ ନାବାଳିକାକୁ ସେହି ସାହିର ଜଣେ ୧୮ ବର୍ଷ ବୟସର ବାଳକ ରାତ୍ର ୧୧ ଟା ସମୟରେ ଉକ୍ତ ନାବାଳିକା ସହ ଦୁଷ୍କର୍ମ କରିଥିବା ଘଟଣା ଏବେ ଥାନାରେ ଆସି ପହଞ୍ଚିଛି। ଏହାକୁ ନେଇ ଉକ୍ତ ନାବାଳିକାଙ୍କ ସମେତ ପରିବାର ନ୍ୟାୟ ମିଳିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଘଟଣା ଘଟିଲା ପରେ ଝିଅର ପରିବାର ଦୁଷ୍କର୍ମ କରିଥିବା ପରିବାର ଘରକୁ ନେଇ ଝିଅକୁ ଛାଡ଼ିଦେଇଥିବା ପୁଅଙ୍କ ପରିବାର କହିଛନ୍ତି । ପରେ କୁଳ ସମାଜ ବସି ଏହାର ସମାଧାନର ବାଟ କାଢ଼ିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ସେଠାରେ ସମାଧାନ ନହେବା ପରେ ଶେଷରେ ଥାନାକୁ ଆସି ଝିଅ ଘର ପକ୍ଷରୁ ମାମଲା ଦେଇଥିବା କହିଛନ୍ତି। ଏନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ଝିଅକୁ ନ୍ୟାୟ ମିଳିଲେ ଆମେ ଏଠାରୁ ଯିବୁ ବୋଲି ଉକ୍ତ ନାବାଳିକା ପରିବାର କହିଛନ୍ତି। ଏନେଇ ପୁଲିସର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

# ଗୋଦରେଜ୍‌ର ଏସି ବ୍ୟବସାୟିକ ଅଭିବୃଦ୍ଧି ହାସଲ



ମୁମ୍ବାଇ : ଗ୍ରୀଷ୍ମ ଋତୁର ଆଗମନ ସହିତ ତାପମାତ୍ରା ବଢୁଥିବା ବେଳେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଅଂଶ ଗୋଦରେଜ୍ ଆଣ୍ଡ୍ ବଏସ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ନୂଆ ଏସି ବର୍ଗମାଳାକୁ ଉନ୍ମୋଚନକରାଯାଇଛି। ସେଥିରେ ଏକାଧିକ ପ୍ରକାରର କ୍ଷମତା, ଟନେଜ୍, ପାୱାର ରେଟିଂ ଓ ପ୍ରଯୁକ୍ତି ରହିଛି। ଚଳିତ ବର୍ଷ ଏହିକ୍ଷେତ୍ରରେ ୨ ଗୁଣା ବୃଦ୍ଧି ହୋଇଥିବାବେଳେ କମ୍ପାନି ଚଳିତ ଗ୍ରୀଷ୍ମ ଋତୁରେ ୫୦ ପ୍ରତିଶତ ବ୍ୟବସାୟିକ ଅଭିବୃଦ୍ଧିହାସଲ କରିବାକୁ ଲକ୍ଷ୍ୟ ରଖିଛି।ଗତବର୍ଷର ପ୍ରକୃତି ଅନୁପ୍ରାଣିତ ଭୋଗ ସିରିଜ୍ ଅନୁଯାୟୀ କମ୍ପାନି ପକ୍ଷରୁ ନୂଆ ଉଡ୍ ଫିନିସ୍ ଏସି ଉନ୍ମୋଚନକରାଯାଇଛି ଏବଂ ମାର୍ବଲ ସିରିଜ୍ ସହିତ ତାହାକୁ ଆହୁରି ସମ୍ପ୍ରସାରଣ କରାଯାଇଛି ଯାହା ସାଜସଜ୍ଜା ଅନୁକୂଳ ଡିଜାଇନ୍‌ପ୍ରଦାନ କରିବା ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିଛି। ନୂଆ ଡିଜାଇନ୍‌କୁ ୱିଣ୍ଡୋ ଏସି ଓ ନୂଆ ଟପ୍ ଥ୍ରୋୱିଣ୍ଡୋ ଏସିରେ ସାମିଲ କରାଯାଇଛି। ଏଥି ସହିତ କମ୍ପାନି ଟାୱାର ଓ କ୍ୟାସେଟ୍ ଏସି ଉନ୍ମୋଚନ ସହିତ ବାଣିଜ୍ୟିକଏସି ବର୍ଗରେ ପ୍ରବେଶ କରି ଏହାର ଗ୍ରାହକ ସଂଖ୍ୟା ସମ୍ପ୍ରସାରଣ କରୁଛି। ବୃହତ ଆବାସିକ ସ୍ଥାନ ଓ ବାଣିଜ୍ୟିକକ୍ଷେତ୍ରର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ଲାଗି ତାହା ପ୍ରସ୍ତୁତ କରାଯାଇଛି।୫-ଷ୍ଟାର୍ ଏସି ପୋର୍ଟଫୋଲିଓରେ ଅଧିକ ଏସ୍‌କେୟୁ ସହିତ ଉଚ୍ଚ କ୍ଷମତାର ଏସି ୩ରୁ ୪ ଟନ୍ ପର୍ଯ୍ୟନ୍ତ ରହିଛି। ନୂଆଡିଜାଇନର୍ ମଡେଲ୍, ଆଂଟି ଲିକ୍ ଏସି ସହିତ ଏଆଇର ଶକ୍ତି ଥିବା ଏସି, ହଟ୍ ଓ କୋଲ୍ଡ ଏସି ପର୍ଯ୍ୟନ୍ତ କମ୍ପାନିଏହାର ଅଭିବୃଦ୍ଧି ଅଭିଳାଷ ପୂରଣ କରିବା ଲାଗି ଏହାର ଦୃଢ଼ ଉତ୍ପାଦ ପୋର୍ଟଫୋଲିଓ ଉପରେ ଭରସା ପ୍ରକଟ କରିଛି।ଚଳିତ ବର୍ଷ କମ୍ପାନି ପକ୍ଷରୁ ସ୍ମାର୍ଟ ଏସି ବର୍ଗରେ ଏକାଧିକ ମଡେଲ୍ ଉନ୍ମୋଚନ କରି ଏହି କ୍ଷେତ୍ର ଉପରେ ଅଧିକଗୁରୁତ୍ୱାରୋପ କରାଯାଉଛି। ଏଆଇର ଶକ୍ତି ଥିବା ଗୋଦରେଜ୍ ସ୍ମାର୍ଟ ଏସି, ଆଇଓଟି ସଂଯୋଗ ଏବଂ ୱାଇ-ଫାଇ ନିୟନ୍ତ୍ରଣ ଭଳି ସୁବିଧା ବ୍ୟବହାରକାରୀଙ୍କ ସହଜତା ବଢ଼ାଇଛି। ଏକ ୩୬୦ ଡିଗ୍ରି ଅଭିଯାନ ସହିତ ଗ୍ରାହକଙ୍କ ପାଖରେତାହାକୁ ପହଞ୍ଚାଯାଇଛି ।

# ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଗୋଲକମଣି ମହିଳା କଲେଜ ଅଧ୍ୟକ୍ଷାଙ୍କ ଅବମାନନା

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଉଇଟିକିରି ଠାରେ ଥିବା ଗୋଲକମଣି ମହିଳା କଲେଜର ଅଧ୍ୟକ୍ଷା ବାଲେଶ୍ୱର ଉପଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରୁଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗୋଲକମଣି ମହିଳା କଲେଜରେ ଓଡ଼ିଆ ଅଧ୍ୟାପକଭାବେ ଦେବେନ୍ଦ୍ର ନାଥ ପୃଷ୍ଟି ୧୯୯୩ ମସିହାରୁ କାର୍ଯ୍ୟକରି ଆସୁଛନ୍ତି । ଅଧ୍ୟକ୍ଷା ଗୀତାରାଣୀ ଦାସ ଡବ୍ଲ୍ୟୁପି (ସି) ନମ୍ବର ୯୬୫୧/୨୦୧୬ମୂଳେ ମାନ୍ୟବର ହାଇକୋର୍ଟ ୩୧.୧୦.୨୦୨୨ ତାରିଖରେ ରହିତାଦେଶ ଜାରି କରିଛନ୍ତି ବୋଲି ନକଲି ରହିତାଦେଶ କପି ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରି ୩.୦୧.୨୦୨୩ ତାରିଖରେ ଏକ ଆଦେଶନାମା ଜାରି କରି ଅଧ୍ୟାପକ ଦେବେନ୍ଦ୍ରନାଥ ପୃଷ୍ଟିଙ୍କୁ ଆଉ କଲେଜରେ କାର୍ଯ୍ୟ କରିବାକୁ ଦେଲେ ନାହିଁ ବୋଲି ଅଧ୍ୟାପକ ଶ୍ରୀ ପୃଷ୍ଟି ଗଣମାଧ୍ୟମ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହାପରେ ଶ୍ରୀ ପୃଷ୍ଟି ଏବାବଦରେ ବାଲେଶ୍ୱର ଉପଜିଲ୍ଲାପାଳ ତଥା ଗୋଲକମଣି ମହିଳା କଲେଜର ପରିଚାଳନା କମିଟି ସଭାପତିଙ୍କୁ ସାକ୍ଷାତ କରି ଲିଖିତ ଭାବେ ଅଭିଯୋଗ କରିଥିଲେ । ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା - ୧୬୭ ତାରିଖ ୭.୩.୨୫ ଓ ପତ୍ରସଂଖ୍ୟା ୧୯୩ ତାରିଖ ୧୮/୦୩/୨୦୨୫ ମୂଳେ ଅଧ୍ୟାପକ ଶ୍ରୀ ପୃଷ୍ଟିଙ୍କୁ କଲେଜରେ କାର୍ଯ୍ୟକରିବାକୁ ଆଦେଶ ଦେଇଥିଲେ ମଧ୍ୟ ଅଧ୍ୟକ୍ଷା ଗୀତାରାଣୀ ଦାସ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରୁଥିବା ଅଧ୍ୟାପକ ଶ୍ରୀ ପୃଷ୍ଟି ଲିଖିତଭାବେ ଜଣାଇଛନ୍ତି । ଏହାପରେ ଶ୍ରୀ ପୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତା୨୪.୦୩.୨୦୨୫ ରିଖ ମୂଳେ ଏକ ଅଭିଯୋଗପତ୍ର ଦାଖଲ କରି ନ୍ୟାୟ ପ୍ରାର୍ଥୀ ହୋଇଥିବା ଜଣାଯାଏ ।

## ପ୍ରଦୀପ...

ତୁଲାଇଛନ୍ତି । ୧୯୬୪ ମସିହାରେ ଜନ୍ମିତ ପ୍ରଦୀପ ଜେନା ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ପରେ ୧୯୯୧ରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏହାପରେ ସେ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ । ୧୯୯୯ ମହାବାତ୍ୟା ସମୟରେ କଟକ ଜିଲ୍ଲାପାଳ ଭାବେ ସେ ଦାୟିତ୍ୱରେ ଥିବାବେଳେ ମହାବାତ୍ୟା ପରବର୍ତ୍ତୀ ପନରୁଦ୍ଧାର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ସ୍ୱତନ୍ତ୍ର ରିଲିଫ କମିଶନର ଭାବେ ସେ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ଜଳସମ୍ପଦ, ଶକ୍ତି ଓ ପଞ୍ଚାୟତିରାଜ ବିଭାଗର ସଚିବ ଭାବେ ସେ କାର୍ଯ୍ୟ କରି ଦକ୍ଷତାର ସହ ଏହି ବିଭାଗକୁ ପରିଚାଳନା କରିଥିଲେ ।


**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202/1/ 1737 Date : 28.03.2025

**TENDER CALL NOTICE NO. HHEP-15/2025**

CAD- : Sealed tenders are invited on item rate contract basis in double cover system from the firm/agency/eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES/Railway having valid EPF, ESI, GST, PAN etc for the following work.

| Sl. No. | Description of work | Cost of tender paper (non-refundable) in Rs. | EMD in Rs. (in shape of DD/BC) | Period of availability of tender at OHPC website | Last date & Time of receipt of tender | Date & Time of opening of technical bid |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs. 2360/- (Rs.2000/- + GST @ 18%) | 4850/- | 02.04.25 (11.00 AM) to 11.04.25 upto 12.00 Noon | 11.04.25 up to 12.00 Noon | 11.04.25 at 12.30 PM |

Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com.

OIPR : 04007/11/0036/2425 Sd/- C&P Head, HHEP, Burla



**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO. I : CUTTACK**
E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

B-1108

**GOVERNMENT OF ODISHA "e" procurement Notice**
**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 72 of 2024-25**

B-1108 : The Superintending Engineer, Cuttack (R&B) Division No. I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for building work (E.I) as mentioned below .

1. No. of the Work : 09 (Nine) Nos. of E.I Works
2. Date & time of availability of bid document in the portal : From dt.05/04/2025 to 5PM of dt.15/04/2025
3. Last date / time of receipt of bids in the portal : 5PM of dt.15/04/2025
4. Date & time of opening of bids : 11 A.M of dt.16/04/2025
5. Name and address of the Officer Inviting Bid : Superintending Engineer, Cuttack (R&B) Division No.I, Cuttack

Further details can be seen from the e-procurement portal "https://tendersodisha.gov.in

Sd/- (Er. A.K. Nayak)
Superintending Engineer
Cuttack (R&B) Division No.I

OIPR : 34091/11/0058/2425



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BHAWANIPATNA**
Letter No. 1140 Date : 24.03.2025
E-mail.rw_bhawanipatna@yahoo.co.in

O-1675

**e-Procurement NOTICE**
**Bid Identification No : SERWBPT/Online-08/2024-25**

1. Name of works : Road work (As per Annexure-A)
2. Total No. of work : Road - 2 Nos.
3. Estimated Cost : As per 'Annexure-A'
4. E.M.D. : The bidders shall transfer on line the EMD of the Amount as specified for the work in the table Col. no-4 in the Annexure
5. Cost of Tender document : As per 'Annexure-A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division, Bhawanipatna | SERWBPT-online-08/2024-25 | 28.03.2025 At 10.00 AM | 14.04.2025 Up to 5.00 PM | 11.04.2025 Up to 5.00 PM | 15.04.2025 At 11.00 AM | Will be intimated separately |

Other details can be seen in the bidding documents, which is available in website www.tendersorissa.gov.in

Sd/- Superintending Engineer
Rural Works, Division, Bhawanipatna

OIPR : 25070/11/0007/2425



**GOVERNMENT OF ODISHA : OFFICE OF THE EXECUTIVE ENGINEER**
**KEONJHAR IRRIGATION DIVISION, KEONJHAR**

A-1254

**Notice Invitation of Tenders**
**e-Procurement Notice No. - 09 / 2024-25 on dated 27.03.2025**
E-mail Id: eekjrirrdivn@gmail.com

| | | |
|---|---|---|
| 1 | Nature of the work | : Manpower supply |
| 2 | No.of Works | : 6 (Six) no's |
| 3 | Value of Works | : Rs 10.58Lakhs |
| 4 | Tender paper cost | : Refer to DTCN |
| 5 | EMD/Bid Security | : Refer to DTCN |
| 6 | Period of Completion | : Refer to DTCN |
| 7 | Class of Contractors | : Refer to DTCN |
| 8 | Procurement officer | : Executive Engineer, Keonjhar Irrigation Division, Keonjhar |
| 9 | Bid Identification no. | KIDN-18/2024-25 |
| 10 | Availability of Tender for Online Bidding | From 11 AM Dt 29.03.2025 to 5.00 PM Dt 07.04.2025 |
| 11 | Date and Time for Tender Opening | : Dt. 08.04.2025 @ 11.30 AM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for lottery (If required) | : Dt 10.04.2024 @ 11.30 AM onwards in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in .Any addendum/corrigendum/cancellation of tenders can be seen from the above portal.

Sd/- Executive Engineer
Keonjhar Irrigation Division, Keonjhar

OIPR : 32476/11/0016/2425



C-2027

**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫, ଟୋଲଫ୍ରି ୧୮୦୦୧୨୩୦୦୪୫୬୭
At-Hinjilicut, Dist-Ganjam, Pin-761102
Contact : 06811-280025, Toll Free No. : 1800123004567
Email-hinjilicutmunicipality@gmail.com
hinjilimunicipality@gmail.com
Hinjilicut Municipality, : Hinjilicutmunicipality

ପତ୍ର ନଂ-୭୮୦ / ୨୦୨୫ ତା : ୨୭.୦୩.୨୫

**ବିଜ୍ଞାପନ**

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୨ ସିନେମା ହଲ୍ ଛକ ନିକଟରେ ଅବସ୍ଥିତ କବିରାଜ ମାର୍କେଟରେ ନିଲାମ ପରେ କୌଣସି ଆବେଦନ ପ୍ରାପ୍ତି ହୋଇନଥିବା ଯୋଗୁଁ ଖାଲିଥିବା ନିମ୍ନଲିଖିତ ଦୋକାନ ଗୃହକୁ ପୁନଃ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବ । ଯେଉଁ ବ୍ୟକ୍ତି ବିଶେଷ ଉକ୍ତ ବଜାର ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ. ୨୦୦/- (ଦୁଇ ଶହ ଟଙ୍କା) ରେ କ୍ରୟ କରି ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିପାରିବେ ।

**ସର୍ତ୍ତାବଳୀ :**

୧. ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ ପୌର ପରିଷଦ ହିଞ୍ଜିଳିକାଟୁର ସ୍ଥାୟୀ ବାସିନ୍ଦା ହୋଇଥିବେ । (ଟେଣ୍ଡର ପକାଇବା ସମୟରେ ନିଜର ଭୋଟର ପରିଚୟ ପତ୍ର / ଆଧାରକାର୍ଡ / ପାନକାର୍ଡ ଓ ଡ୍ରାଇଭିଂ ଲାଇସେନ୍ସର ପ୍ରମାଣପତ୍ରର ଅବିକଳ ନକଲ ଆବେଦନ ପତ୍ରରେ ସଂଲଗ୍ନ କରିବେ ।)
୩. ଜଣେ ଆବେଦନକାରୀ ଏକାଧିକ ଆବେଦନ ଫର୍ମ ଗୋଟିଏ ଦୋକାନ ଗୃହ ନିମନ୍ତେ କ୍ରୟ କରିପାରିବେ ନାହିଁ ।
୪. ସମସ୍ତ ନିଲାମ ଦରଖାସ୍ତ ମଧ୍ୟରୁ ସର୍ବୋଚ୍ଚ ଟେଣ୍ଡର ଦରକୁ ଉକ୍ତ ଦୋକାନ ଗୃହ ନିମନ୍ତେ ଗ୍ରହଣ କରାଯିବ ।
୫. ଆବେଦନକାରୀ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ ଓ ନିଲାମ ଦରଖାସ୍ତରେ ପ୍ରଦାନ କରିଥିବା ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୫ ଦିନ ମଧ୍ୟରେ ପରିଷଦରେ ସମୁଦାୟ ଟଙ୍କା ଦାଖଲ କରିବେ ।
୬. ନିଲାମ ରାଶିର ୫୦% ଅର୍ଥ ଅଣ ଫେରସ୍ତଯୋଗ୍ୟ ଭାବେ ଗ୍ରହଣ କରାଯାଇ ନିଲାମକୁ ସ୍ୱୀକୃତ କରାଯିବ । ଯେଉଁ ବ୍ୟକ୍ତିମାନେ ପୂର୍ବରୁ ପରିଷଦ ତରଫରୁ ଦୋକାନ ଗୃହ ଭଡ଼ା ସୂତ୍ରରେ ପାଇଛନ୍ତି ସେମାନେ ଆବେଦନ କରିପାରିବେ ନାହିଁ ।
୭. ପୌରପରିଷଦ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ ବିନା କାରଣ ଦର୍ଶାଇ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ନିଲାମକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଅଛି ।

ଟେଣ୍ଡର ଫର୍ମ ବିକ୍ରି ତାରିଖ : ୦୨.୦୪.୨୦୨୫ ଠାରୁ ୧୬.୦୪.୨୦୨୫
ଓ ଟେଣ୍ଡର ପକାଇବା ତାରିଖ ଓ ସମୟ : ସନ୍ଧ୍ୟା ୫.୦୦ ଘ. ପର୍ଯ୍ୟନ୍ତ
(ଟେଣ୍ଡର ବାକ୍ସ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଧାର୍ଯ୍ୟ ତାରିଖ ମଧ୍ୟରେ ଗ୍ରହଣଯୋଗ୍ୟ)
ଟେଣ୍ଡର ଖୋଲିବା ତାରିଖ :

| ଦୋକାନ ଗୃହ ଅବସ୍ଥିତ ଅଞ୍ଚଳର ନାମ | ଟେଣ୍ଡର ହେବାକୁ ଥିବା ଗୃହ ନଂ | ସର୍ବନିମ୍ନ ଅମାନତ ମୂଲ୍ୟ | ଦରଖାସ୍ତ ସହ ବଇନା ରାଶି ନଗଦ/ ଯେକୌଣସି ଜାତୀୟ ବ୍ୟାଙ୍କ ମାଧ୍ୟମରେ Demand Draft କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସପକ୍ଷରେ ପ୍ରଦାନ କରିବେ | ମାସିକ ଲାଇସେନ୍ସ ଫି |
|---|---|---|---|---|
| କବିରାଜ | ଦୋକାନ ଗୃହ ନଂ-୨ (ତଳ ମହଲାର ପଛ ଭାଗ) | ଟ. ୧,୩୨,୦୦୦/- | ଟ. ୨୫,୦୦୦/- | ଟ. ୧୦୦୦/- |
| ମାର୍କେଟ | ଦୋକାନ ଗୃହ ନଂ-୧,୨,୩ (ଉପର ମହଲା ପଛ ଭାଗ) | ଟ. ୧,୩୨,୦୦୦/- | ଟ. ୨୫,୦୦୦/- | ଟ. ୧୦୦୦/- |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ହିଞ୍ଜିଳିକାଟୁ

OIPR : 13105/11/0013/2425



**AFFIDAVIT**

By virtue of an affidavit sworn before Notary Public, Kendrapara, dated. 21.03.2025 I, Aswamanja Sahoo, S/o Anirudha Sahoo, Vill-Panasudha, Po-Panasudha, PS-Nikirai, Dist-Jajpur, Pin-754250 declare that I have changed my name from Manihansa Sahoo to Aswamanja Sahoo. Henceforth I shall be known as Aswamanja Sahoo for all purposes.

Sd/- Aswamanja Sahoo

**AFFIDAVIT**

By virtue of an affidavit sworn before Notary Public, Kendrapara, dated. 21.03.2025 I, Kshirod Chadra Malik, S/o Natabar Malik, Vill-Ender, Po-Haladia, PS-Derabish, Dist-Kendrapara, Pin-754207 declare that I have changed my son's name from Swanprakas Malik to Swayam Prakas Malik. Henceforth, he shall be known as Swayam Prakas Malik for all purposes.

Sd/- Kshirod Chadra Malik

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dtd. 06.01.2025 I Bikram Kumar Sahoo, S/o Bhimsen Sahoo, resident of Vill-Gobardhanpur, Po.- Kalanga, PS.- Bolagada, Dist.- Khordha, Odisha-752066 declare that I have changed my daughter's name from Suity Sahoo to Sweety Sahoo. Henceforth she will be known as SWEETY SAHOO for all purposes.

Bikram Kumar Sahoo

**AFFIDAVIT**

By virtue of an affidavit sworn before the Executive Magistrate, Khordha on 09.12.2024. I Rasa Pradhan, W/o Bhagaban Pradhan at-Kantabania, PO-Garhsanaput, Ps-Kanas, Dist-Puri, Odisha-752060, declare that I have changed my name from Rasabati Pradhan to Rasa Pradhan. Henceforth, I shall be known as RASA PRADHAN for all purposes.



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ୍) ଦକ୍ଷିଣ ପୂର୍ବ ରେଳପଥ ଗଣ୍ଡମୁଣ୍ଡା ନିମ୍ନ ବର୍ଣ୍ଣିତ କାର୍ଯ୍ୟ ପାଇଁ ଓପନ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ଇ-ଟେଣ୍ଡର ନୋଟିସ୍ ନଂ. : ଟିଆରଏସ୍-ବିଏନଡିଏମ-୦୭-୨୦୨୪-୨୫, ତାରିଖ : ୨୭.୦୩.୨୦୨୫ । କାର୍ଯ୍ୟର ବିବରଣୀ : ଡିଜିଏଚଟି କ୍ରେନ୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହିତ ଇଭଲ୍ୟୁଏସ୍/ ବଣ୍ଡମୁଣ୍ଡା ଠାରେ ୦୩ ବର୍ଷ ଲାଗି ଲୋଡ୍ ଟେଷ୍ଟିଂ ଓ ସାର୍ଟିଫିକେସନ । କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୧୫,୦୨,୪୪୫.୬୦ । ଅମାନତ ଅର୍ଥ : ଟ. ୩୦,୧୦୦/- । ଇ-ଟେଣ୍ଡର ବନ୍ଦ ପାଇଁ ତାରିଖ ଓ ସମୟ : ୨୩.୦୪.୨୦୨୫ ରିଖ ୧୭.୦୦ ଘଟିକା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । (PR-1283)



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ସମୟର ନବନିଯୁକ୍ତ ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କୁ ସ୍ୱାଗତ କରୁଛନ୍ତି ନିର୍ଦ୍ଦେଶିକା ଅନିତା ମହାନ୍ତି ଓ ଅଧିକାରୀ ବୃନ୍ଦ

## ସୁହୁରିଆରେ ମରଣାତ୍ମକ ଆକ୍ରମଣ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ସୁହୁରିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି। ସୁହୁରିଆ ଗ୍ରାମର ନାରାୟଣ ସେଠି ଆଜି ସକାଳ ୮ଟା ସମୟରେ ବଜାର ଆଡ଼େ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁହୁରିଆ ଗ୍ରାମର ଗୋପୀନାଥ ସେଠି, ଦେବାନନ୍ଦ ସେଠି ଓ ବାପି ବେହେରା ସଙ୍ଗବଧ ଭାବେ ତାଙ୍କୁ ବାଉଁଶ କିଳାରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଖବର ପାଇ ନାରାୟଙ୍କ ପତ୍ନୀ ସେଠାରେ ପହଂଚି ଦୁର୍ବୃତ୍ତ ମାନଂକୁ ଗାଳି ଗୁଲଜ କରିଥିଲେ। ଏହି ସମୟରେ ଉକ୍ତ ୩ ଜଣ ବ୍ୟକ୍ତି ମହିଳାଙ୍କୁ ମାଡ଼ ମାରିବା ସହ ତାଙ୍କ ଶାଢୀକୁ ଚିରି ଦେଇଥିଲେ। ପରିବାର ଲୋକେ ଆହତ ନାରାୟଣଙ୍କୁ ଧର୍ମଶାଳା ଡାକ୍ତରଖାନରେ ଚିକିତ୍ସା କରିଛନ୍ତି। ଚିକିତ୍ସା ପରେ ନାରାୟଣ ଏନେଇ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଛତିଶଗଡ ବିଧାନସଭାର ବାଚସ୍ପତି ଡ. ରମଣ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

### ଆନ୍ଧ୍ରପ୍ରଦେଶରେ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ ପାଇଁ

## ଏଏମ୍/ଏନ୍ଏସ୍ଇଣ୍ଡିଆର ଜମି ଅଧିଗ୍ରହଣ ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ରଜୟାପେଟାଠାରେ ଏକ ଅତ୍ୟାଧୁନିକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନଯୋଜନାର ଅଂଶବିଶେଷ ଭାବେ ଶୁକ୍ରବାର ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଜିଲ୍ଲାରେ ଜମିଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାର ଘୋଷଣା କରିଛି । ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଦେୟ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ଜମି ହସ୍ତାନ୍ତର କରାଯିବ ବୋଲି ଆଶା କରାଯାଉଛି, ଯାହା ଗ୍ରୀନଫିଲ୍ଡ ପ୍ରକଳ୍ପ କାର୍ଯ୍ୟଆରମ୍ଭ କରିବା ପାଇଁ କମ୍ପାନୀର ପଥ ପ୍ରଶସ୍ତକରିବ । ପ୍ରାରମ୍ଭିକ ସ୍ତରରେ ପ୍ରସ୍ତାବିତବାର୍ଷିକ ୭.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନକ୍ଷମତା ସହିତ, ଏହି ପ୍ରକଳ୍ପ ୨୦୩୦ ସୁଦ୍ଧା ଦେଶର ବାର୍ଷିକ ୩୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ ଲକ୍ଷ୍ୟ ଏବଂ 'ଆତ୍ମନିର୍ଭର ଭାରତ' ପାଇଁ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା ଦିଗରେଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି ।

ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ଆମେ ଆନ୍ଧ୍ରପ୍ରଦେଶରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆକୁ ସ୍ୱାଗତ କରୁଛୁ ଏବଂ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବାକୁ ପ୍ରତିବଦ୍ଧ ଅଛୁଛ ଏହିମେଗା ଇସ୍ପାତ କାରଖାନାନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଗୋଷ୍ଠୀଏବଂ ଏହା ବାହାରେ ମଧ୍ୟ ସାମାଜିକ-ଆର୍ଥିକ ବିକାଶକୁପ୍ରୋତ୍ସାହିତ କରିବ । ଏହି ପ୍ରକଳ୍ପ ଆନ୍ଧ୍ରପ୍ରଦେଶକୁ ଏକ ଅଗ୍ରଣୀ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ପାଇଁ ଆମ ଦୃଷ୍ଟିକୋଣର ଅନୁରୂପ । ଆର୍ସେଲରମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଶ୍ରୀଲକ୍ଷ୍ମୀ ମିତ୍ତଲ କହିଛନ୍ତିଯେ: ଆନ୍ଧ୍ରପ୍ରଦେଶରେ ଏହି ନିବେଶ ଭାରତୀୟ ଇସ୍ପାତ କ୍ଷେତ୍ରରେ ଆମର ଉପସ୍ଥିତିକୁଗଭୀର ଏବଂ ବ୍ୟାପକ କରିବା ସହିତ ଆମ ସମସ୍ତଙ୍କୁ ବିକଶିତ ଭାରତ ଦିଗରେ ଅଗ୍ରସର କରାଇବଛ ଏହା ଏଏମ୍/ଏନ୍ଏସ୍ ଇଣ୍ଡିଆଏବଂ ଆନ୍ଧ୍ରପ୍ରଦେଶର ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଆମେ ମିଳିତ ଭାବରେ ବିଶ୍ୱ ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ଶକ୍ତି ଭାବରେ ଭାରତର ବଢୁଥିବା ପ୍ରତିଷ୍ଠାକୁ ଅଧିକ ସୁଦୃଢ଼ କରିବୁବୋଲି ଆଶା କରୁଛୁ ।

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆଦିତ୍ୟ ମିତ୍ତଲ କହିଛନ୍ତି ଯେ, ଆଜି ଆମର ନିବେଶ, ଆନ୍ଧ୍ରପ୍ରଦେଶରେ ଏକ ବିଶ୍ୱସ୍ତରୀୟ ଇସ୍ପାତ କାରଖାନା ନିର୍ମାଣ କରିବା ପାଇଁ ଏକ ଆକର୍ଷଣୀୟ ଯୋଜନାର ପ୍ରଥମ ପଦକ୍ଷେପ, ଯାହା ଭାରତର ଦୀର୍ଘକାଳୀନ ଇସ୍ପାତ ଉତ୍ପାଦନ ମହତ୍ତ୍ୱାକାଂକ୍ଷାରେ ଆମର ଯୋଗଦାନକୁ ସୁଦୃଢ଼ କରିବଛ ଆମେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ସେମାନଙ୍କ ବଳିଷ୍ଠ ନେତୃତ୍ୱ ଓ ସ୍ଥାନୀୟ ଗୋଷ୍ଠୀ, ରାଜ୍ୟ ଏବଂ ଭାରତ ପାଇଁ ନିଯୁକ୍ତି ଏବଂ ସ୍ଥାୟୀ ଆର୍ଥିକ ଏବଂ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବାର ସମାନ ପ୍ରତିବଦ୍ଧତା ପାଇଁ ଧନ୍ୟବାଦ ଜଣାଉଛୁ । ନିପ୍ପନ୍ ଷ୍ଟିଲ୍ ର ପ୍ରତିନିଧି ନିର୍ଦ୍ଦେଶକ, ଉପାଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଏବଂ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆର ବୋର୍ଡ ଅଫ୍ ଡାଇରେକ୍ଟର୍ସର ସଦସ୍ୟ ଶ୍ରୀଟାକାହିରୋ ମୋରି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରସ୍ତାବିତ ପ୍ଲାଣ୍ଟ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇବା ସହିତ ଭାରତୀୟ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଆମର ଦୃଢ଼ ମହତ୍ତ୍ୱାକାଂକ୍ଷାକୁ ଦର୍ଶାଉଛି । ଆମେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସମର୍ଥନ ପାଇଁ ତାଙ୍କ ନିକଟରେ କୃତଜ୍ଞ ଏବଂ ଏହି ପ୍ରକଳ୍ପକୁ ଏକ ଦାୟିତ୍ୱପୂର୍ଣ୍ଣ ଭାବରେ ସାକାର କରିବା ପାଇଁପ୍ରତିବଦ୍ଧ ଅଛୁ, ଯାହା ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ଏବଂ ଭାରତକୁ ବିଶ୍ୱରେ ଏକ ପ୍ରମୁଖ ଇସ୍ପାତ ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିପାରିବ । ଏଏମ୍/ଏନ୍ଏସ୍ ଇଣ୍ଡିଆ ନିରନ୍ତର ଭାବରେ ଦେଶବ୍ୟାପୀ ଅଭିବୃଦ୍ଧି ସୁଯୋଗଗୁଡ଼ିକୁ ଅନୁସରଣ କରୁଛି, ଏବଂ ଏହାର ଉପସ୍ଥିତିକୁ ଆହୁରି ମଜବୁତ କରିବା ସହ ଦେଶରେଭିତ୍ତିଭୂମି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି । ଗୁଜରାଟର ହାଜିରାଠାରେ ଥିବା ଏହାର ପ୍ରମୁଖ ପ୍ଲାଣ୍ଟରେ ବର୍ତ୍ତମାନ ୯ ରୁ ବାର୍ଷିକ ୧୫ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତାକୁ ସମ୍ପ୍ରସାରଣ ପ୍ରକ୍ରିୟା ସଠିକ୍ ଭାବେ ଅଗ୍ରସର ହେଉଛି । ଓଡ଼ିଶାର ଯେଉଁ ସ୍ଥାନଗୁଡିକରେ କମ୍ପାନୀର ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ଅଛି, ସେଠାରେ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ ପାଇଁ ଯୋଜନା ଚାଲିଛି ।

## ମହିଳାଙ୍କ ସୁରକ୍ଷା ବିଜେପି ଲାଗି ଏକ ଗୌଣ ପ୍ରସଙ୍ଗ : ପୱନ ଖେରା

### ଓଡ଼ିଶାର ନାରୀଙ୍କୁ ନ୍ୟାୟ ଓ ସୁରକ୍ଷା ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ : ଭକ୍ତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଲଜ୍ୟାଜନକ ଓ ସଂଗୀନ । ଗତ ୯ ମାସ ଭିତରେ ୬୦ ଜଣ ମହିଳାଙ୍କୁ ଧର୍ଷଣ ଓ ଗଣଧର୍ଷଣ କରାଯାଇଛି । ରାଜ୍ୟରେ ଏପରି କୌଣସି ଗୋଟିଏ ଜିଲ୍ଲା ନାହିଁ ଯେଉଁ ଏଭଳି ସଂଗୀନ ଅପରାଧ ଘଟିନାହିଁ ବୋଲି କହିହେବ ନାହିଁ । ଅପ୍ରାପ୍ତ ବୟସ୍କା ଛାତ୍ରୀମାନଙ୍କ ପ୍ରତି ଯେଉଁ ପାସବିକ ଅତ୍ୟାଚାର ହେଉଛି ତାହା ପ୍ରତ୍ୟେକ ସଭ୍ୟ ସମାଜକୁ ଆଜି ସ୍ତମ୍ଭୀଭୂତ କରି ପକାଇଥିଲାବେଳେ ଡବଲ ଇଞ୍ଜିନ ବିଜେପି ସରକାର ପାଇଁ ଏହା ଏକ ବଡ଼ ପ୍ରସଙ୍ଗ ନୁହଁ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଏବଂ ତାଙ୍କ ଦଳର ନେତା ବିଧାୟକ ମାନେ ଏକଥା କହୁଛନ୍ତି । ଏହାଠାରୁ ବଡ଼ ଅପମାନ ଓ ଲଜ୍ଜାଜନକ କଥା କ'ଣ ହୋଇପାରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ମହିଳାମାନଙ୍କ ପ୍ରସଙ୍ଗକୁ ନେଇ ସାରା ବିଧାନସଭା ଭିତରେ କଂଗ୍ରେସ ବିଧାୟକ ଦଳ ସରକାର ଏ ବର୍ବରୋଚିତ ଘଟଣାର ସଂପୂର୍ଣ୍ଣ ତଥ୍ୟ ରଖନ୍ତୁ ଓ ଏହି ଘଟଣାର ଏକ ଗୃହ କମିଟି ଗଠନ କରି ଏହାର ତଦନ୍ତ କରିବା ପାଇଁ ଦାବି କରିବା କ'ଣ କଂଗ୍ରେସର ଭୁଲ କି ? ଏହି ଘଟଣାକୁ ନେଇ ରାଜ୍ୟ କଂଗ୍ରେସ ବିଧାନସଭା ଘେରାଉ କାର୍ଯ୍ୟାକ୍ରମ ଗତକାଲି କରିଥିଲା । ଏହି ଘେରାଉ କାର୍ଯ୍ୟକ୍ରମ



ସଂପୂର୍ଣ ରୂପେ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣଭାବେ ଚାଲିଥିଲା । ଏପରିକି ସେ ନିଜେ ତାଙ୍କ ଭାଷଣ ଆରମ୍ଭ କରିବା ସମୟରେ ସୁରକ୍ଷା ଦାୟିତ୍ୱ ଥିବା ପୁଲିସ, କର୍ମଚାରୀ ଲାଠି ଚାର୍ଜ ଆରମ୍ଭ କଲେ । ବ୍ୟାରିକେଟ୍ ସମ୍ମୁଖରେ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀ ପ୍ରଥମ ବାରିକେଟ ଭାଙ୍ଗିଲା ପରେ ଦ୍ୱିତୀୟ ବାରିକେଟକୁ ପହଂଚିବା ପୂର୍ବରୁ ପୁଲିସ୍ ଲାଠି ଚାର୍ଜ କଲା । କଂଗ୍ରେସ ଦଳର ନେତୃବର୍ଗ କୌଣସି ପ୍ରକାର ଟେକା ପୁଲିସଙ୍କ ଉପରକୁ ଫୋପାଡ଼ି ନାହାନ୍ତି । ଏହା ବିଜେପି ଦଳର ଷଡ଼ଯନ୍ତ୍ର ଯୋଗୁଁ କିଛି ଅସମାଜିକ ତତ୍ ଏହି କାଣ୍ଡକୁ ଭିଆଇଥାଇପାରନ୍ତିଛ ଆମର କୌଣସି ନେତା, କର୍ମୀ, ପଥର ଫୋପାଡ଼ିନାହାନ୍ତି । ଲାଠି ସବୁବେଳେ ଅଂଟା ବାଡେଇବା କଥା କିନ୍ତୁ ମୁଣ୍ଡକୁ, ଛାତିକୁ ଓ ପେଟକୁ ମାରିବା ପାଇଁ କିଏ ଏମାନଙ୍କୁ ନିର୍ଦ୍ଦେଶ ଦେଇଥିଲା ପୁଲିସ ଆକ୍ରମଣରେ କଂଗ୍ରେସ ୪୦ରୁ ଅଧିକ କର୍ମୀ ଓ ନେତୃବର୍ଗ ଆଘାତ ହୋଇଛନ୍ତି । ଏଆଇସିସି ଗଣମାଧ୍ୟମ ବିଭାଗର ମୁଖ୍ୟ ପୱନ ଖେରା ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ସାମ୍ବାଦିକ ମାନଙ୍କୁ ଗତକାଲିର ବିଧାନସଭା ଘଟଣା ଘେରାଉ ଉପରେ ପ୍ରତିକ୍ରିୟା ରଖି କହିଥିଲେ ଯେ ମୁଁ ବର୍ତ୍ତମାନ ଅତି ଗୁରୁତର ଭାବରେ ଆଘାତ ପ୍ରାପ୍ତ ହୋଇଥିବା କଂଗ୍ରେସ କର୍ମୀ ମିଟୁ ଜେନା ଓ ସସ୍ମିତା ପଣ୍ଡା ଓ ଅନ୍ୟମାନଙ୍କୁ ଭେଟି ଫେରିଲି । ସେମାନଙ୍କ ସ୍ଥିତି ଅତ୍ୟନ୍ତ ଗୁରୁତର । ରାଜ୍ୟ କଂଗ୍ରେସ ଗତକାଲି ଯେଉଁ ବିଧାନସଭା ଘେରାଉ କରିଥିଲା, ତାହା ରାଜ୍ୟ ପାଇଁ ଏକ ବଡ଼ ପ୍ରସଙ୍ଗ ଥିଲା । ଓଡ଼ିଶାରେ ବିଜେପି ସରକାର ଏହି ପ୍ରସଙ୍ଗ ପରେ ବିଧାନସଭାରେ ଆଲୋଚନା ନ କରିବା ଏବଂ ଗୃହ କମିଟି ଗଠନ କରିବା ଦାବିକୁ ଗ୍ରହଣ ନ କରିବା ଅତ୍ୟନ୍ତ ନିନ୍ଦନୀୟ । ଏହି ୯ ମାସର ବିଜେପି ସରକାର ସମୟରେ ୨୦ ହଜାର ମହିଳା ଓ ଅଳ୍ପ ବୟସ୍କା ଛାତ୍ରୀ ରାଜ୍ୟରୁ ନିଖୋଜ ଅଛନ୍ତି । ସେମାନେ କେଉଁଠି ଅଛନ୍ତି ତାଙ୍କ ପ୍ରତି କି ଅତ୍ୟାଚାର ହେଉଛି ତାହା ରାଜ୍ୟ ସରକାରଙ୍କ ଜାଣିବାର ଦାୟିତ୍ୱ କି ନୁହେଁ ? ଏ ରାଜ୍ୟରେ ପ୍ରତିଦିନ ୮ ଜଣ ମହିଳା ଧର୍ଷିତା ହେଉଛନ୍ତି । ପୋଲିସ ଧମକ ଦେବାରୁ ନିବୃତ ରୁହନ୍ତୁ । ପୁଲିସ ପ୍ରଶାସନର ସର୍ବୋଚ୍ଚ ଅଧିକାରୀ ଜଣେ ରାଜନୈତିକ ଦଳର ମୁଖପାତ୍ର । ଆସନ୍ତା ଦିନରେ ରାଜ୍ୟ କଂଗ୍ରେସ ସାରା ରାଜ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ନାରୀ ନ୍ୟାୟ ପାଇଁ ପ୍ରତି ଜିଲ୍ଲା ଓ ଉପଖଣ୍ଡରେ ଲଢ଼େଇ ଜାରି ରଖିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଏଆଇସିସି ସହ ପ୍ରଭାରୀ ରୋଜାଲିନୀ ତିର୍କି ଓ ବିଧାୟିକା ସୋଫିଆ ଫିର୍ଦୋଷ ଉପସ୍ଥିତ ଥିଲେ ।

## ରାଜଧାନୀ ଉପକଣ୍ଠରେ କଣ୍ଢେଇ ମେଳଣ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ପୁରପଲ୍ଲୀରେ ଦୋଳପର୍ବ ପାଳନ ହେଉଥିବା ବେଳେ ରାଜଧାନୀ ଉପକଣ୍ଠ ଭଗବାନପୁର -ପାତ୍ରପଡା ଠାରେ ଆୟୋଜିତ ହୁଏ କଣ୍ଢେଇ ମେଳଣ । ଦୋଳ ପୂର୍ଣ୍ଣିମା ଠାରୁ ୧୫ଦିନ ଧରି ମଧୁ ଅମାବାସ୍ୟା ତିଥିରେ ଏହି ମେଳଣ ଅନୁଷ୍ଠିତ ହୁଏ । ମେଳଣରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା କାଠ, ବାଉଁଶ, ରଙ୍ଗୀନ କାଗଜ ଓ ଶୋଲରେ ତିଆରି ହୋଇଥିବା ଛୋଟ ଛୋଟ ଦୋଳ ବିମାନରେ ବିରାଜମାନ ହୋଇଥାନ୍ତି କାଠ ନିର୍ମିତ କଣ୍ଢେଇ, ମାଟି ତିଆରି କଣ୍ଢେଇ, ପ୍ଲାଷ୍ଟିକ୍ କଣ୍ଢେଇ, ଟେଡି ଓ ବାର୍ବିଡଲ । ଏହି କଣ୍ଢେଇକୁ ଗ୍ରାମବାସୀମାନେ ସାହି ସାହିରେ ଚାଟେରୀ ଭୋଗ ଅର୍ପଣ କରନ୍ତି । କଣ୍ଢେଇ ସାଜେ ପ୍ରାଣର ଠାକୁର । କାଲି ଯେଉଁ କଣ୍ଢେଇରେ ସେ ଖେଳୁଥିଲା ଆଜି ତାକୁ ଠାକୁର ସଜେଇ ଗାଁ ମେଳଣ ପଡିଆଠାରେ ପହଞ୍ଚେଇବା ହିଁ ବିଶ୍ୱାସ ମୂଳେ ଭଗବାନ । କୁନି ପିଲାଙ୍କ ଏହି ଭାବନାକୁ ଛୋଟି ଭୁଆଣୁଣି କଣ୍ଢେଇ ମେଳଣ କମିଟି ବହୁ ଧୂମ୍‌ଧାମ୍‌ରେ ପାଳନ କରୁଛି ଆଜିର ଏହି ମେଳଣ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ବାଜା ସାଙ୍ଗକୁ ପାଇକ ଆଖଡା, ବିଭିନ୍ନ ପ୍ରକାର ଘୋଡାନାଚ, ବାଘନାଚ, ବୁଢାବୁଢି ନାଚ, ବଗବଗୁଲି ନାଚ, ହରିଣ, ମାଙ୍କଡ, ବଣ ମଣିଷ, ନାଗାନାଚକୁ ସାମିଲ କରାଯାଇଛି । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏହି ନିଆରା ମେଳଣରେ ସାମିଲ ହୁଅନ୍ତି । ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହୁଏ । ଏହିବର୍ଷ ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ଦୁଇଦିନ ଗଞ୍ଜାମର ପ୍ରସିଦ୍ଧ ସୁତାକଣ୍ଢେଇ ନାଚ ପ୍ରଦର୍ଶିତ ହେବ । ମେଳଣ ଦେଖିବା ପାଇଁ ଉଭୟ ପାତ୍ରପଡା ଓ ଭଗବାନପୁରରେ ଘରେ ଘରେ କୁଣିଆମାନେ ଆସିଥାଆନ୍ତି । ଏପରି ପାଖ ଅଞ୍ଚଳରୁ ବହୁତ ଦର୍ଶକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥାନ୍ତି । ମେଳଣ ଚତୁର୍ଥ ଦିନରେ ପିଲାମାନଙ୍କୁ ବାଲ୍ୟଭୋଜି ଦ୍ୱାରା ଆପ୍ୟାୟିତ କରାଯାଇଥାଏ । ଶେଷରେ ହରିହର ଭେଟ ନୀତି ପାଳିତ ହେବା ପରେ କଣ୍ଢେଇମାନେ ନିଜ ନିଜ ବିମାନରେ ଫେରିଥାନ୍ତି । ପୁଣି ଅପେକ୍ଷା କରି ରହିଥାନ୍ତି, ଆସନ୍ତାବର୍ଷ ମେଳଣକୁ ।

### ବେନିନରେ ଓଡ଼ିଆ ଶ୍ରମିକ ମୃତ

## ମରଶରୀର ଆଣିବା ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବେନିଁରେ ମୃତ ଓଡିଆ ଯୁବକ ପ୍ରତାପ ମଲ୍ଲିକଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ବେନିନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର କ୍ଷିରୋଦ ମଲ୍ଲିକଙ୍କ ପୁଅ ପ୍ରତାପ ମଲ୍ଲିକ ବେନିନର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ ସେଠାରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ ପ୍ରତାପଙ୍କ ପିତା ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ସହ ବକେୟା ପ୍ରାପ୍ୟ ଯୋଗାଇଦେବାକୁ ନିବେଦନ କରିଛନ୍ତି ।

## ଟାଟା ସୋଲଫୁଲର ନୋ ମଇଦା ରସ୍କ

ଭୁବନେଶ୍ୱର (ସବ୍ୟୁ): ଟାଟା କଞ୍ଜୁମର ପ୍ରଡକ୍ଟସରୁ ଏକ ସୁପରିଚିତ ବ୍ରାଣ୍ଡ ତଥା ନିଜର ସମ୍ପୂର୍ଣ୍ଣ ମିଲେଟ-ଭିତ୍ତିକ ସ୍ନାକ୍ସ ଓ ପ୍ୟାକେଜଡ ଫୁଡସ ନିମନ୍ତେ ପରିଚିତ ଟାଟା ସୋଲଫୁଲ ଭାରତର ପ୍ରିୟ ଚା ପିଇବା ସମୟକୁ ନିଜ ସଦ୍ୟତମ ନବସୃଜନ- ଟାଟା ସୋଲଫୁଲ ନୋ ମଇଦା ରସ୍କ ସହିତ ପୁନଃନିରୂପିତ କରୁଛି। ବିଶିଷ୍ଟ ଅଭିନେତା ତଥା ବ୍ରାଣ୍ଡ ଆମ୍ବାସାଡର ମନୋଜ ବାଜପାୟୀଙ୍କୁ ନେଇ ପ୍ରସ୍ତୁତ ଏକ ସୃଜନଶୀଳ ମାର୍କେଟିଂ ଅଭିଯାନ ଜରିଆରେ ଏହାର ବଜାର ପ୍ରବେଶ କରାଯାଇଛି, ଯାହା ଏକ ଉଦ୍ରେକକାରୀ ଟ୍ୟାଗଲାଇନ ହର ଚାଏ କୋ ଅପନ୍ଧନି ଚାଏ ବନାୟେଙ୍କୁ କେନ୍ଦ୍ରକରି ପ୍ରସ୍ତୁତ କରାଯାଇଛି ଏବଂ ଭାରତୀୟମାନେ ସେମାନଙ୍କ ଚାକୁ ଯେଉଁଭଳି ସ୍ୱତନ୍ତ୍ର ବ୍ୟକ୍ତିଗତ ଭାବରେ ଅନୁଭବ କରନ୍ତି, ଏଥିରେ ତାହା ବର୍ଣ୍ଣନା କରାଯାଇଛି। ଏହାର ବଜାର ପ୍ରବେଶ ଅବସରରେ ପ୍ରକାଶ କରି ରସିକା ପ୍ରଶାନ୍ତ, ସିଏମଓ, ସୋଲଫୁଲ କହିଥିଲେ, ଭାରତୀୟ ପରିବାରଗୁଡିକରେ ଚାଏ ଏବଂ ରସ୍କ ଅବିଚ୍ଛିନ୍ନ ଯୋଡି ଅଟେ, କିନ୍ତୁ ଅଧିକାଂଶ ରସ୍କସରେ ମଇଦା ରହିଥାଏ, ଯାହା ଦୈନନ୍ଦିନ ଖାଇବା ନିମନ୍ତେ ପସନ୍ଦଯୋଗ୍ୟ ହୁଏନାହିଁ। ଟାଟା ସୋଲଫୁଲ ନୋ ମଇଦା ରସ୍କ ସହିତ ଆମେ ଉପଭୋକ୍ତାଙ୍କୁ ଏକ ବିକଳ୍ପ ପସନ୍ଦ ଯୋଗାଇଦେଇ ଏହି ଶୂନ୍ୟସ୍ଥାନ ପୂରଣ କରୁଛୁ, ଯାହା ସ୍ୱାଦ ଓ କୁଡୁମୁଡିଆପଣ ଯୋଗାଇ ଦେଉଛି। ଏହି ପ୍ରଚାର ଅଭିଯାନ ଜରିଆରେ ଆମେ କଥୋପକଥନ ମଧ୍ୟକୁ ମଜାଦାର ଭାବ ସହିତ ସାପେକ୍ଷତା ଆଣିଦେଉଛୁ, ଟାଟାର ରସ୍କକୁ ପସନ୍ଦ କରିବା ଦ୍ୱାରା ତାହା କିପରି ପ୍ରତ୍ୟେକ ଚାପାନ ମୁହୂର୍ତ୍ତକୁ ବାସ୍ତବରେ ଆପଣଙ୍କ ନିଜର କରି ଗଢିତୋଳୁଛି ତାହା ପ୍ରଦର୍ଶିତ କରୁଛୁ।

## ଓଚିନ୍ଦାରେ ଦୋଳ ମୁଣ୍ଡାଇରେ ରାଧାକୃଷ୍ଣଙ୍କ ମିଳନ ଉତ୍ସବ ମେଣ୍ଢାଘର ପୋଡା

ପଣିକୋଇଲ ,(ସବ୍ୟୁ) :ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ରାଧାକୃଷ୍ଣ ମିଳନ ଉତ୍ସବ, ଦୋଳ ମୁଣ୍ଡାଇ ଓ ନୂତନ ପଂଜିକା ପଠନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀମାନେ ଗୋପିନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ମନ୍ଦିରରୁ ଆଣି ବିମାନ ଯୋଗେ ଗ୍ରାମ ପରିକ୍ରମା କରିଥିଲେ । ନାମ ସଂର୍କିତନ, ଶଙ୍ଖ, ହୁଳହୁଳି, ଘଂଟବାଦ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ରାସସ୍ଥଳୀରେ ପ୍ରଭୁଙ୍କୁ ବିଜେ କରାଯାଇଥିଲା । ସେଠାରେ ନୂତନ ପାଂଜି ପଠନ ଓ ରାଜ୍ୟ ଓ ଦେଶର ଭବିଷ୍ୟତ ଗଣନା ଜ୍ୟୋର୍ତିବିଦ ନାରାୟଣ ନାୟକଙ୍କ ଦ୍ୱାରା ପଠନ ପରେ ମେଣ୍ଢା ଘର ପୋଡାଯାଇଥିଲା । ସମସ୍ତ ଗ୍ରାମାବସୀ ବିଶେଷ କରି ଯୁବକ ମାନେ ଯୋଗେଦଇ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ସମୂହ ପ୍ରସାଦ ସେବନ କରିଥିଲେ । ପୂଜକ ଭାବେ ରଘୁନାଥ ପାଢୀ, ପରମାନନ୍ଦ ଶତପଥି, ମୋହନ ଚରଣ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ, ରାଧାକାନ୍ତ ଶତପଥି ପ୍ରମୁଖ ଯୋଗଦାନ କରିଥିଲେ । ସତିସ ଧଳ, ଆଲୋକ ବେହେରା, ଅଚ୍ୟୁତ୍ୟାନନ୍ଦ ସାହୁ, ଭୀମସେନ ଦାସ, ନଣ୍ଡା ଦାସ, ଅକ୍ଷୟ ସାମଲ, ଅୟୋଜ୍ୟୋତି ସମାଲ, ଶିବ ପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀ, ଜଗବନ୍ଧୁ ସାମଲ, ପରମେଶ୍ୱର ନାୟକ ସମେତ ସମସ୍ତ ଯୁବକ ମାନେ ପରିଚାଳନାରେ ସହଯୋଗ କରିଥିଲେ ।



ସରକାରଙ୍କ ସଦ୍‌ବୁଦ୍ଧି ଲାଗି ଆର୍ଯ୍ୟ ମନ୍ଦିରରେ କଂଗ୍ରେସ ବିଧାୟକଙ୍କ ପୂଜାର୍ଚ୍ଚନା

### କିଟରେ ସହଯୋଗାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ

## ମଧୁର ସ୍ମୃତି ନେଇ ଫେରିଲେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର, (ସବ୍ୟୁ): ମଧୁର ସ୍ମୃତି ନେଇ ସ୍ୱଦେଶ ଫେରିଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ । ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା ବିନିମୟକୁ ପ୍ରାୟତଃ ସାଂସ୍କୃତିକ, ଶିକ୍ଷା ଓ ଗବେଷଣା ସହଯୋଗ ଦୃଷ୍ଟିକୋଣରୁ ଦେଖାଯାଏଛ ଏହି କ୍ରମରେ ୧୦ ଦିନିଆ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ କିଟ୍ ଓ କିସ୍କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି । ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଏକ ଗସ୍ତ ଏକ ନୂତନ ଧାରା ସୃଷ୍ଟି କରିଛି । ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ ୨ ପ୍ରାଧ୍ୟାପକ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୧୧ଜଣ ଛାତ୍ରଛାତ୍ରୀ ମିଳିତ ଭାବେ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସେହିପରି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୫ଜଣ ପ୍ରାଧ୍ୟାପକ କିଟ୍ ଓ କିସ୍ର ବିଭିନ୍ନ ସ୍କୁଲ୍‌ରେ ଶିକ୍ଷାଦାନ ଓ ଜ୍ଞାନ ବିନିମୟ କାର୍ଯ୍ୟରେ ନିୟୋଜିତ ଥିଲେ ।

ସମୃଦ୍ଧ, ବିବିଧ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ବିଭିନ୍ନ ଅନୁଷ୍ଠାନରେ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିବାରୁ ଏଭଳି ସହଯୋଗପୂର୍ଣ୍ଣ ଶିକ୍ଷାଦାନ ମଡେଲ୍ ଅନ୍ତର୍ଜାତୀୟ ଶିକ୍ଷା କାର୍ଯ୍ୟକ୍ରମରେ ଏକ ଉତ୍କୃଷ୍ଟ ଉଦାହରଣ ବୋଲି କୁହାଯାଇପାରେଛ ଏଥିରେ ନିୟୋଜିତ ଥିବା



ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କ ଶୈକ୍ଷିକ ତଥା ଶିକ୍ଷାର ବ୍ୟବହାରିକ ପ୍ରୟୋଗ ସାମୂହିକ ବୁଦ୍ଧିମତାର ଶକ୍ତିକୁ ପ୍ରଦର୍ଶନ କରିପାରିଛି । ସ୍ଥାନୀୟ ତଥ୍ୟର ସହଜ ପ୍ରୟୋଗ କରି ଛାତ୍ରଛାତ୍ରୀମାନେ ପ୍ରସଙ୍ଗ ଭିତ୍ତିକ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇଥିଲେ । ଏହା ସହିତ ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅର୍ଥନୈତିକ ବାସ୍ତବତାକୁ ଅନ୍ତର୍ଜାତୀୟ ଶୈକ୍ଷିକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ସାଂସ୍କୃତିକ ଏବଂ ବଜାରର ସୂକ୍ଷ୍ମତାକୁ ବିଚାରକୁ ନେଇ ବ୍ୟବହାରିକ ସମାଧାନ କରିବାରେ ନିଜକୁ ପ୍ରସ୍ତୁତ କରିପାରିଛନ୍ତି । ଗୋଟିଏ ପଟେ କିଟ୍ ଛାତ୍ରଛାତ୍ରୀମାନେ ଅନ୍ତର୍ଜାତୀୟ ବ୍ୟବସାୟ ଢାଞ୍ଚା ବିଷୟରେ ଜ୍ଞାନ ଆହରଣ କରିଥିବା ବେଳେ ୱାଶିଂଟନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭାରତରେ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଥିଲେ ।

କିଟ୍ ଓ କିସ୍ ସହ ୱାଶିଂଟନ ବିଶ୍ୱବିଦ୍ୟାଳୟ-ବୋଥେଲ ପ୍ରତିନିଧିମଣ୍ଡଳର ଶୈକ୍ଷିକ ସହଯୋଗ କେବଳ ଏକ ବିନିମୟ କାର୍ଯ୍ୟକ୍ରମ ନଥିଲା, ବରଂ ଶିକ୍ଷାଦାନ, ବ୍ୟବସାୟିକ ସମସ୍ୟା ସମାଧାନ ଏବଂ ପାରସ୍ପରିକ ସାଂସ୍କୃତିକ ଶିକ୍ଷାର ସମନ୍ୱୟରେ ପ୍ରଥମ ଥର ଲାଗି ଭାରତରେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଲା । ଉଭୟ ବିଶ୍ୱବିଦ୍ୟାଳୟର ଏହି ସଫଳ ସହଯୋଗିତା ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରିଛି । ତେଣୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିନିମୟ କାର୍ଯ୍ୟକ୍ରମର ପାରମ୍ପରିକ ଧାରଣାରୁ ଆଗକୁ ଯାଇ ବାସ୍ତବ ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଗରେ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବା ଉଚିତ ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟର ଏହି ଅଗ୍ରଣୀ ଆଭିମୁଖ୍ୟ ଅନ୍ତର୍ଜାତୀୟ ଶିକ୍ଷାର ଭବିଷ୍ୟତ କେବଳ ସିଦ୍ଧାନ୍ତରେ ସୀମିତ ନରହି ବ୍ୟବହାରିକ ହୋଇପାରିଛି ବୋଲି ସେମାନେ ମତ ଦେଇଥିଲେ ।

ଭୂକମ୍ପ ବିଭୀଷିକା








ଥାଇଲାଣ୍ଡ ଓ ମିଆଁମାରରେ ଧ୍ୱଂସବିଧ୍ୱସ୍ତ ଅଟାଳିକା ଭିତରୁ ଜୀବନ ଫେରି ପାଇଥିବା ବାସହରାଙ୍କ ଆକୁଳ କ୍ରନ୍ଦନ

# ଧ୍ୱଂସାବଶେଷ ତଳେ କୁଢ଼ କୁଢ଼ ଶବ !

**ମିଆଁମାର:** ଭୂକମ୍ପ ଝଟକାରେ ଦୋହଲି ଯାଇଛି ମିଆଁମାର ଓ ଥାଇଲାଣ୍ଡ । ପ୍ରକୃତି ରଚିଛି ତାଣ୍ଡବଲୀଳା । ଧ୍ୱଂସର ଏହି ଭୟଙ୍କର ଝଟକା ପରେ ମିଆଁମାରଠୁ ଥାଇଲାଣ୍ଡ ସବୁଠି ହାହାକାର, ସବୁଠି ଜୀବନ ପାଇଁ ସଂଘର୍ଷ ଏବଂ ସବୁଠି ଜୀବନ-ମୃତ୍ୟୁ ଭିତରେ ଟଣାଓଟରା । ଭୁଶୁଡି ପଡିଛି ମଲ୍, ଭାଙ୍ଗିଯାଇଛି ଘର, ଫାଟିଯାଇଛି ରାସ୍ତା, ଗଡି ପଡିଛି ଗଛ... ସବୁଠି ମୃତ୍ୟୁର ତାଣ୍ଡବଲୀଳା ଆଉ ସବୁଠି ଜୀବନର ଆର୍ତ୍ତ ଚିତ୍କାର... ବଞ୍ଚାଅ ବଞ୍ଚାଅର ଡାକ । କିଏ ଶୁଣିବ, କିଏ କାହାକୁ ଉଦ୍ଧାର କରିବ । ମିଆଁମାରରେ ବିଭିନ୍ନ ସ୍ଥାନରେ ଭୂକମ୍ପ କାରଣରୁ ବଡ ବଡ କୋଠା ଭୁଶୁଡି ପଡିଛି ଏବଂ ସେହି କୋଠା ତଳୁ ବୁଲଡୋଜର ଜରିଆରେ ନିଖୋଜ ମଣିଷଙ୍କୁ ଖୋଜା ଚାଲିଛି । ବ୍ୟାଙ୍କକକେ ଏକ ନିର୍ମାଣାଧୀନ ଅଟ୍ଟାଳିକା ଭୁଶୁଡୁଥିବାରୁ ଭିଡିଓ ଭାଇରାଲ ହେଉଛି । ଯେଉଁଠି ପ୍ରାୟ ୯୦ ଜଣ ଶ୍ରମିକ କାମ କରୁଥିବା କୁହାଯାଉଛି । ଯେଉଁମାନଙ୍କର କୌଣସି ପତ୍ତା ବି ମିଳୁନି । ଖାଲି କୋଠା କି ରାସ୍ତା ନୁହେଁ ମଲ୍, ହସ୍ପିଟାଲ, ରେଳ ଷ୍ଟେସନ, ବିମାନବନ୍ଦର, ସ୍କୁଲ, କଲେଜ, ବଜାରରେ ଏମିତି ଅନେକ ସ୍ଥାନରେ ଲୋକେ ଭୂକମ୍ପ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଆଉ ମୃତାହତ ବି ହୋଇଛନ୍ତି । ଯଦିଓ ସରକାରୀ ସ୍ତରରେ କୌଣସି ସୂଚନା ମିଳିନି ତେବେ ଭୂକମ୍ପରେ ମୃତକଙ୍କ ସଂଖ୍ୟା ଶତାଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ବ୍ରିଜ ଓ ବିଲଡିଂ । ନଭଶ୍ଚୁମ୍ବି କୋଠା ଦୋହଲି ଯାଇଥିବା ବେଳେ ସୁଇମିଂ ପୁଲର ଉଚ୍ଛୁଳା ପାଣିକୁ ଦେଖି ଶତାଧିକ ଲୋକ ଭୂମିରେ ଲୋଟି ପଡ଼ିଛନ୍ତି । ଆତଙ୍କିତ ଅବସ୍ଥାରେ ରାସ୍ତାରେ ଜୀବନ ବିକଳରେ ଅନେକ ଲୋକ ଦୌଡ଼ିଛନ୍ତି । ତାସର ଘର ଭଳି ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ଅଟ୍ଟାଳିକା । ଅଟ୍ଟାଳିକା ଠାରୁ ଆରମ୍ଭ କରି ବ୍ରିଜ ଭୁଶୁଡ଼ିବା ବେଳର ଭୟଙ୍କର ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି । କେନ୍ଦ୍ରୀୟ ମିଆଁମାରରେ ଆଜି ବିଧ୍ୱଂସୀ ଭୂକମ୍ପ ପରେ ଏମିତି କିଛି ଘଟଣା ଘଟିଛି । ନର୍ଦ୍ଦନ ବ୍ୟାଙ୍କକ ଓ ଦକ୍ଷିଣ ପଶ୍ଚିମ ଚାଇନା ମଧ୍ୟ ୭ରୁ ଅଧିକ ତୀବ୍ରତାର ଭୂକମ୍ପରେ କ୍ଷତିଗ୍ରସ୍ତ ହୋଇଛି । ଭୟଙ୍କର ଭୂକମ୍ପରେ ମିଆଁମାର ଓ ଥାଇଲ୍ୟାଣ୍ଡ ଏକପ୍ରକାରର ଛିନଛତ୍ର ହୋଇ ଯାଇଛି । ବର୍ତ୍ତମାନ ସୁଦ୍ଧା କେବଳ ମିଆଁମାରରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି । ସେହିପରି ଥାଇଲ୍ୟାଣ୍ଡ ଓ ଚାଇନାରେ ବି ଅନେକ ଲୋକ ମୃତାହତ ହୋଇଛନ୍ତି ।

ପ୍ରଥମେ ୭.୭ ତୀବ୍ରତା ଓ ଏହାପରେ ୭.୨ ତୀବ୍ରତାର ଭୂକମ୍ପ ସବୁ କିଛି ଓଲଟ ପାଲଟ କରି ଦେଇଛି । ମିଆଁମାରର ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂରରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଛି । ମିଆଁମାର ଓ ଥାଇଲ୍ୟାଣ୍ଡରେ ଭୂକମ୍ପର ଭୟଙ୍କର ଝଟକା ଅନୁଭୂତ ହୋଇଥିବା ବେଳେ ଭାରତର ବେଙ୍ଗଲ, ମେଘାଳୟା ଓ ମଣିପୁର ସମେତ ବାଂଲାଦେଶର ଢାକା ଓ ଚଟ୍ଟୋଗ୍ରାମରେ ମଧ୍ୟ ଲୋକମାନେ ମୃଦୁ ଝଟକାରେ ଥରିଛନ୍ତି ।




ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର ସ୍ଥାନୀୟ ୧୨.୫୦ରେ କେନ୍ଦ୍ରୀୟ ମିଆଁମାର ପ୍ରଥମେ ୭.୭ ଓ ପରେ ୬.୮ ତୀବ୍ରତାର ଭୂକମ୍ପରେ ପୂରା ଛିନଛତ୍ର ହୋଇଯାଇଛି । ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂର ଓ ଭୂପୃଷ୍ଠରୁ ୧୦ କିମି ଗଭୀର ହେଉଛି ଭୂକମ୍ପର କେନ୍ଦ୍ର ସ୍ଥଳଛ ମିଆଁମାରର ସ୍ଥାନୀୟ ଗଣମାଧ୍ୟମ ଅନୁସାରେ ଭୂକମ୍ପ ଯୋଗୁ ୨୦ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ବଡ଼ବଡ଼ ଅଟ୍ଟାଳିକା ଭୁଶୁଡ଼ିବା ଯୋଗୁ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି । ମିଆଁମାରରେ ଇରାୱାଡୀ ନଦୀ ଉପରେ ଥିବା ପୁରୁଣା ବ୍ରିଜ ଭୁଶୁଡ଼ି ପଡ଼ିଛି । ସାଗାଇଙ୍ଗ ଠାରୁ ୨୪ କିମି ଦୂର ମାଣ୍ଡଲେ ଠାରେ ଏକାଧିକ ଆବାସିକ କୋଠା ମାଟିରେ ମିଶି ଯାଇଛି । ମାଣ୍ଡଲେ ଥିବା ଏୟାରପୋର୍ଟ ବ୍ୟାପକ ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି । ଥାଇଲ୍ୟାଣ୍ଡ ସୀମାରେ ଥିବା ମିଆଁମାରର ଶାନରେ ମଧ ଭୟଙ୍କର କ୍ଷୟକ୍ଷତି ହୋଇଛି ।

ମିଆଁମାରର ରାଜଧାନୀ ନେପିଡୋରେ ଥିବା ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଅଞ୍ଚଳ ଭୂକମ୍ପରେ ସବୁଠାରୁ ଭୟଙ୍କର ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି । ତେବେ ସେଠାରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି, ସେକଥା ସ୍ପଷ୍ଟ ହୋଇନି । ସହରର ଅନ୍ୟତମ ବଡ଼ ହସ୍ପିଟାଲ ଭାବେ ଏହା ପରିଚିତଛ କିନ୍ତୁ ଏହାର ନାମକରଣ ଏଯାଏ ହୋଇ ନଥିଲା । ଏଏଫପି ରିପୋର୍ଟ ଅନୁସାରେ, ବିଲଡିଂ ବାହାରେ ଥିବା ରାସ୍ତାରେ ଆହତଙ୍କୁ ଚିକିତ୍ସା କରାଯାଉଛିଛ ରାସ୍ତା ଉପରେ ଲୋକଙ୍କ ଦେହରେ ସାଲାଇନ ଲାଗୁଥିବା ବେଳେ ଲୋକମାନେ କେବଳ ଚିତ୍କାର କରିବାରେ ଲାଗିଛନ୍ତିଛ ମିଆଁମାରର ବିଭିନ୍ନ ସହରରେ ଆବାସିକ ଅଞ୍ଚଳ ଠାରୁ ଆରମ୍ଭ କରି ରାସ୍ତା ଘାଟ ଓ ବ୍ରିଜ ଭୂକମ୍ପରେ ଧ୍ୱଂସ ହୋଇ ଯାଇଛିଛ

ପ୍ରଥମେ ମିଆଁମାରରେ ଡବଲ ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ଏହା ଠାରୁ ଅନେକ ଦୂର ନର୍ଦ୍ଦନ ଥାଇଲ୍ୟାଣ୍ଡରେ ମଧ୍ୟ ଲୋକମାନେ ଶକ୍ତିଶାଳୀ ଝଟକାରେ ଥରିଛନ୍ତି । ଏଥିଯୋଗୁ ବ୍ୟାଙ୍କକରେ ମେଟ୍ରୋ ସେବାକୁ ବନ୍ଦ କରିଦିଆଯାଇଛି । ଥାଇ ପ୍ରଧାନମନ୍ତ୍ରୀ ପଏତୋଗତାର୍ନ ଶିନାବାତ୍ରା ଜରୁରୀ ବୈଠକ ଡାକି ସ୍ଥିତିର ସମୀକ୍ଷା କରିଛନ୍ତି । ଏଥିସହ ରାଜଧାନୀରେ ଷ୍ଟେଟ ଅଫ ଏମର୍ଜେନ୍ସୀ ଘୋଷଣା କରିଛନ୍ତି ।

# ଗ୍ରୀନଫିଲଡ୍ ଓ ବ୍ରାଉନଫିଲଡ୍‌କୁ କ୍ୟାବିନେଟ୍ ଅନୁମୋଦନ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବିହାରରେ ପାଟନାରୁ ଆରମ୍ଭ କରି ସାସାରାମ (୧୨୦.୧୦ କିଲୋମିଟର) ପର୍ଯ୍ୟନ୍ତ ୪ ଲେନ୍ ଆକ୍ସେସ୍ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ପାଟନା - ଆରା - ସାସାରାମ କରିଡର ନିର୍ମାଣକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପ ମୋଟ ୩,୭୧୨.୪୦ କୋଟି ଟଙ୍କା ବ୍ୟୟରେ ହାଇବ୍ରିଡ୍ ଆନୁଇଟି ମୋଡ୍ (ହାମ୍) ରେ ନିର୍ମାଣ କରାଯିବ । ଏବେ ସାସାରାମ, ଆରା ଏବଂ ପାଟନା ମଧ୍ୟରେ ଯୋଗାଯୋଗ ବର୍ତ୍ତମାନର ରାଜ୍ୟ ରାଜପଥ (ଏସଏଚ -୨, ଏସଏଚ -୧୨, ଏସଏଚ -୮୧ ଏବଂ ଏସଏଚ -୧୦୨) ଉପରେ ନିର୍ଭର କରେ ଏବଂ ପ୍ରବଳ ଭିଡ଼ ହେତୁ ଆରା ଓ ଆଖପାଖ ସହରକୁ ପହଞ୍ଚିବାକୁ ୩-୪ ଘଣ୍ଟା ସମୟ ନେଇଥାଏ । ଆରା, ଗ୍ରାହିନୀ, ପିରୋ, ବିକ୍ରମଗଞ୍ଜ, ମୋକର ଏବଂ ସାସାରାମ ଭଳି ଘନ ଜନବସତି ଓ ନିର୍ମାଣ ଅଞ୍ଚଳଗୁଡିକର ଆବଶ୍ୟକତାକୁ ମେଣ୍ଟାଇବା ଓ ବଢୁଥିବା ଭିଡ଼କୁ ହ୍ରାସ କରିବା ପାଇଁ ବର୍ତ୍ତମାନ ଥିବା ରାଜପଥର ୧୦.୬ କିଲୋମିଟର ଉନ୍ନତୀକରଣ ସହିତ ଏକ ଗ୍ରୀନଫିଲ୍ଡ କରିଡର ବିକଶିତ କରାଯିବ । ଏହି ପ୍ରକଳ୍ପ ପରିକଳ୍ପନା ଜାତୀୟ ରାଜପଥ -୧୯, ଜାତୀୟ ରାଜପଥ -୩୧୯, ଜାତୀୟ ରାଜପଥ -୯୨୨, ଜାତୀୟ ରାଜପଥ -୧୩୧ ଜି ଏବଂ ଜାତୀୟ ରାଜପଥ -୧୨୦ ସମେତ ପ୍ରମୁଖ ପରିବହନ କରିଡର ସହିତ ସମନ୍ୱିତ ହୋଇ ଔରଙ୍ଗାବାଦ, କୈମୁର ଏବଂ ପାଟନାକୁ ନିରବଚ୍ଛିନ୍ନ ଯୋଗାଯୋଗ ପ୍ରଦାନ କରିବ । ଏହାବ୍ୟତୀତ ଏହି ପ୍ରକଳ୍ପ ୨ଟି ବିମାନବନ୍ଦର (ପାଟନାର ଜୟ ପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ନିର୍ମାଣ ହେବାକୁ ଥିବା ବିହିତା ବିମାନବନ୍ଦର), ୪ଟି ପ୍ରମୁଖ ରେଳ ଷ୍ଟେସନ (ସାସାରାମ, ଆରା, ଦାନାପୁର, ପାଟନା) ଏବଂ ଗୋଟିଏ ଆଭ୍ୟନ୍ତରୀଣ ଜଳ ଟର୍ମିନାଲ (ପାଟନା)କୁ ସଂଯୋଗ ପ୍ରଦାନ କରିବ ଏବଂ ପାଟନା ରିଙ୍ଗରୋଡକୁ ସିଧାସଳଖ ପ୍ରବେଶ ପ୍ରଦାନ କରିବ, ଯାହା ଯାତ୍ରୀ ଓ ମାଲର ଦ୍ରୁତ ପରିବହନକୁ ସୁଗମ କରିବି ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପରେ ପାଟନା-ଆରା-ସାସାରାମ କରିଡର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଲକ୍ଷ୍ନୌ, ପାଟନା, ରାଞ୍ଚି ଏବଂ ବାରଣାସୀ ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ ।



## ମହଙ୍ଗା ଭତ୍ତା ବୃଦ୍ଧିକୁ ମଞ୍ଜୁରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତାର ଅତିରିକ୍ତ କିସ୍ତି ଜାରି କରିବା ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ଏହି ବୃଦ୍ଧି ଜାନୁଆରୀ ପହିଲା ୨୦୨୫ ଠାରୁ ପିଛିଲା ଭାବେ ଲାଗୁ ହେବ । ବର୍ତ୍ତମାନର ୫୩ ପ୍ରତିଶତ ମୂଳ ବେତନ/ପେନସନ ଉପରେ ୨ ପ୍ରତିଶତ ବୃଦ୍ଧି କରାଯାଇଛି ଯାହାଦ୍ୱାରା ମହଙ୍ଗା ଦର ଭରଣା କରାଯାଇପାରିବ । ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟ ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ବାର୍ଷିକ ୬୬୧୪.୦୪ କୋଟି ଟଙ୍କାର ବୋଝ ପଡ଼ିବ । ଏହାଦ୍ୱାରା ପ୍ରାୟ ୪୮.୬୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୬.୫୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ । ଏହି ବୃଦ୍ଧି ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିସ ଆଧାରରେ ମଞ୍ଜୁର ଫର୍ମୁଲା ଆଧାରରେ କରାଯାଇଛି ।

## ବିଚାରପତିଙ୍କ କଥାକୁ ଅଣଦେଖା ନ୍ୟାୟିକ ହାଜତକୁ ଗଲେ ଏସ୍‌ପି

**ନୂଆଦିଲ୍ଲୀ:** ଜୟପୁର ମେଟ୍ରୋପଲିଟାନ୍ ଫାଷ୍ଟର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟ ନମ୍ବର ୬ କଳ୍ପନା ପାରିକଙ୍କ କୋର୍ଟରେ ଘଟିଥିବା ଘଟଣା ଚର୍ଚ୍ଚାର ପରିସରରେ ରହିଛି । ନୁମାନଗଡ଼ର ଏସପି ଅରଶଦ ଖାନଙ୍କୁ ଗତ ଏକବର୍ଷ ଧରି ଗିରଫ ୱାରେଣ୍ଟ ମାଧ୍ୟମରେ ପ୍ରମାଣ ପାଇଁ ସମନ କରାଯାଉଥିଲାଛ କିନ୍ତୁ ଏସପି କୋର୍ଟରେ ହାଜର ହେଉ ନଥିଲେ । ଗତ ଗୁରୁବାର ଦିନ ଏସପି ଅରଶଦ ଅଲି କୋର୍ଟରେ ପହଞ୍ଚିଥିଲେ । ବିଚାରପତି କଳ୍ପନା ପାରିକଙ୍କ ସମ୍ମୁଖରେ ବସି ଏସ୍ପି ତାଙ୍କ ଗିରଫଦାରୀ ୱାରେଣ୍ଟ ଉପରେ ଆପତ୍ତି ଉଠାଇବା ଆରମ୍ଭ କରିଥିଲେ ।ବିଚାରପତି ଏସପିଙ୍କୁ କିଛି ସମୟ ପାଇଁ ଚୁପ ରହିବାକୁ କହିଥିଲେ । କିନ୍ତୁ ଏସପି ବିଚାରପତିଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ନିଜ କଥା କହି ଚାଲିଥିଲେ । ଏସପି ଅରଶଦ ଅଲିଙ୍କ ଏଭଳି ସ୍ୱଭାବରେ ବିଚାରପତି କଳ୍ପନା ପାରିକ ଅସନ୍ତୋଷ ବ୍ୟକ୍ତ କରି ଏହାକୁ ଅଦାଲତର ଅବମାନନା ବୋଲି କହି ତୁରନ୍ତ ଏସପିଙ୍କୁ ଦୁଇ ଘଣ୍ଟା ପାଇଁ ନ୍ୟାୟିକ ହାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଦୁଇ ଘଣ୍ଟା ନ୍ୟାୟିକ ହାଜତରେ ରହିବା ପରେ ମଧ୍ୟାହ୍ନ ଭୋଜନ ପରେ ଏସପି ଅରଶଦ ଅଲ୍ଲୀଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ପ୍ରମାଣ ପାଇଁ ଡକା ଯାଇଥିଲା । ଏ ସମୟରେ ଅରଶଦ ନିଜର ଭୁଲ ବୁଝି ପାରି କୋର୍ଟରେ ହାଜର ହେବା ମାତ୍ରେ ସେ ତାଙ୍କ ଆଚରଣ ପାଇଁ କ୍ଷମା ମାଗି ଦୁଃଖ ପ୍ରକାଶ କରିଥିଲେ ।

## ଶାହଙ୍କ ବିରୋଧରେ ସ୍ୱାଧିକାର ନୋଟିସ୍ ଖାରଜ

**ନୂଆଦିଲ୍ଲୀ:** ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଗୁରୁବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଆସିଥିବା ସ୍ୱାଧିକାର ଭଙ୍ଗ ନୋଟିସ୍ ପ୍ରତ୍ୟାଖ୍ୟାନ କରିଛନ୍ତି । ଶାହ ନିଜ ଟିପ୍ପଣୀକୁ ସତ୍ୟ ପ୍ରମାଣିତ କରିବାପାଇଁ ୧୯୪୮ ମସିହାର ଏକ ସରକାରୀ ପ୍ରେସ୍ ରିଲିଜ୍ ଦର୍ଶାଇବାପରେ ଧନଖଡ଼ ତାଙ୍କ ବିରୋଧରେ ଆସିଥିବା ସ୍ୱାଧିକାର ନୋଟିସ୍କୁ ରଦ୍ଦ କରିଦେଇଛନ୍ତି । ପ୍ରେସ ରିଲିଜ୍ରେ ଏହା ଦର୍ଶାଯାଇଛି ଯେ ଜଣେ କଂଗ୍ରେସ ନେତା ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠି ପରିଚାଳନାର ଏକ ଅଂଶ ଥିଲେ । ରାଜ୍ୟସଭାରେ ଏହି ପ୍ରସଙ୍ଗରେ ଧନଖଡ଼ କହିଛନ୍ତି, ଅମିତ ଶାହ ତାଙ୍କର ମନ୍ତବ୍ୟ ଦ୍ୱାରା କାହାରି ଅଧିକାର କ୍ଷୁଣ୍ଣ କରିନାହାନ୍ତି କି କାହାର ମାନହାନି କରିନାହାନ୍ତି । ସେ ଯାହା କହିଛନ୍ତି ସତ୍ୟ ଆଧାରିତ । ୧୯୪୮ ମସିହାର ଏକ ସରକାରୀ ପ୍ରେସ୍ ରିଲିଜ୍ ଦର୍ଶାଇ ଶାହ ତାଙ୍କ ଟିପ୍ପଣୀକୁ ସତ୍ୟ ପ୍ରମାଣିତ କରିଥିବା ଧନଖଡ଼ କହିଛନ୍ତି । ଶାହ ଦର୍ଶାଇଥିବା ରିଲିଜରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ୍ ନେହରୁଙ୍କ ଅଧୀନରେ ପିଏମ୍‌ଏନଆରଏଫ୍ ଗଠନ କଥା ଦର୍ଶାଯାଇଥିଲା । ସେହିପରି କଂଗ୍ରେସର ସଭାପତିଙ୍କୁ ଏହାର ଏକ ଅଂଶ କରାଯାଇଥିବା ଦର୍ଶାଯାଇଛି ।

# ଦ୍ରୁତତମ ଅର୍ଦ୍ଧଶତକ



ନୂଆଦିଲ୍ଲୀ,୨୮।୩ (ଏଜେନ୍ସି): ମଜାଦାର ହେଉଛି ଆଇପିଏଲ୍‌ର ୧୮ତମ ସଂସ୍କରଣ । ସିଜନ୍‌ର ସପ୍ତମ ମ୍ୟାଚ ସନ୍‌ରାଇଜର୍ସ ଓ ଲକ୍ଷ୍ନୌ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭଲ ପ୍ରଦର୍ଶନ ଦେଖାଇଥିଲେ ନିକୋଲାସ ପୁରନ । ଚଳିତ ସିଜନ୍‌ରେ ଅର୍ଦ୍ଧଶତକ ହାସଲ କରିବାରେ ଦ୍ରୁତତମ ବ୍ୟାଟର ହୋଇଛନ୍ତି ପୁରନ । ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହା ସହିତ ସେ ଆଇପିଏଲ୍ ଇତିହାସରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପାଇଁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି । ୨୦୨୩ରେ ଆର୍‌ସିବି ବିପକ୍ଷରେ ୧୫ ବଲ୍‌ରେ ପୁରନ୍ ଅର୍ଦ୍ଧଶତକ କରିଥିଲେ । ଚଳିତ ସିଜନରେ ପୁରନଙ୍କ ପୂର୍ବରୁ ଟ୍ରେଭିସ୍ ହେଡ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୨୧ ବଲ୍‌ରେ ଅର୍ଦ୍ଧଶତକ କରିଥିଲେ । ସେହିପରି ମିଚେଲ ମାର୍ସ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଏପର୍ଯ୍ୟନ୍ତ ପୁରନ ଆଇପିଏଲ୍‌ରେ ୪ଥର ୨୦ କିମ୍ବା ତା ଠାରୁ କମ୍ ବଲରେ ଅର୍ଦ୍ଧଶତକ ପୂରଣ କରିଛନ୍ତି । ତାଙ୍କ ପୂର୍ବରୁ ଟ୍ରେଭିସ୍ ହେଡ ଓ ଜ୍ୟାକ ଫ୍ରେଜର ୩ଥର ଲେଖାଏଁ ଏପରି ରେକର୍ଡ ନିଜ ନାଁରେ କରିଛନ୍ତି । ତେବେ ଜୟଶ୍ରୀ ଜୟସ୍ୱାଲଙ୍କ ନାଁରେ ଆଇପିଏଲ୍‌ରେ ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ରହିଛି । ସେ ୨୦୨୩ରେ କୋଲକାତା ବିପକ୍ଷ ମ୍ୟାଚରେ ୧୩ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ ।

## ଆଇଟା-ଓଟା ଟ୍ୟାଲେଣ୍ଟ ସିରିଜ୍
# ସୂର୍ଯ୍ୟାଂଶ, ସାଇରନ୍ସ ବିଜୟୀ




ଭୁବନେଶ୍ୱର,୨୮।୩ (ସବ୍ୟୁ): ଓଡ଼ିଶା ଟେନିସ୍ ଆସୋସିଏସନ୍ ଏବଂ ରାଜ୍ୟ କ୍ରୀଡା ବିଭାଗର ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କମ୍ପ୍ଲେକ୍ସ ଠାରେ ଆଇଟା-ଓଟା ଟ୍ୟାଲେଣ୍ଟ ସିରିଜ୍ ଅନୁଷ୍ଠିତ ହୋଇଯାଇଛି । ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାର ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସୂର୍ଯ୍ୟାଂଶ ଥାଟୋଇ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ସାଇରନ୍ସ ଝା ଚାମ୍ପିଅନ୍ ହୋଇଛନ୍ତି । ୧୨ ବର୍ଷରୁ କମ୍ ଫାଇନାଲରେ ସୂର୍ଯ୍ୟାଂଶ ଥାଟୋଇ ୬-୧, ୬-୨ ସେଟ୍‌ରେ ଦିବେଶ ବାରିକଙ୍କୁ ହରାଇଥିଲେ । ସେହିପରି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସାଇରନ୍ସ ଝା ୬-୧ ସେଟ୍‌ରେ ସୂର୍ଯ୍ୟାଂଶ ଥାଟୋଇଙ୍କୁ ପରାଜିତ କରି ଚାମ୍ପିଅନ୍ ହୋଇଥିଲେ । ୧୪ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ସାଇରନ୍ସ ଓ ତାଙ୍କ ପଶ୍ଚିମବଙ୍ଗ ସାଥୀ ବିଭାନ ଗୁପ୍ତା ୬-୨, ୬-୨ ସେଟ୍‌ରେ ସମୟ ଆଗମନ ଓ ସେକ୍ ସରିଜନ ନୱାଜ୍‌ଙ୍କୁ ପରାଜିତ କରି ଚାମ୍ପିଅନ୍ ହୋଇଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ଓଟିଏର ସଭାପତି ଅଶୀତ ତ୍ରିପାଠୀ ଓ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଚେନ୍ନାଇରେ ସୁପରକିଙ୍ଗ୍ସ ଧରାଶାୟୀ

## ଆଇପିଏଲ୍ ମହାସମର

ଚେନ୍ନାଇ,୨୮।୩ (ଏଜେନ୍ସି): ଆଇପିଏଲ୍‌ର ଅଷ୍ଟମ ମ୍ୟାଚରେ ଘରୋଇ ଚେନ୍ନାଇ ସୁପରକିଙ୍ଗ୍ସକୁ ଧରାଶାୟୀ କରିଛି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଧୋନି ମ୍ୟାଜିକ୍ କାମ ଦେଇନି । ବେଙ୍ଗାଲୁରୁ ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୬ ରନର ବଡ଼ ସ୍କୋର କରିଥିଲା । ଏହାର ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ପୂର୍ବରୁ ମଧ୍ୟ ଚେନ୍ନାଇକୁ ମାତ ଦେବାରେ ସଫଳ ହୋଇଥିବା ବେଙ୍ଗାଲୁରୁ ଚଳିତ ସଂସ୍କରଣରେ ଅପରାଜେୟ ରହିବା ସହ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଉଦ୍‌ଘାଟନୀ ମ୍ୟାଚରେ ବେଙ୍ଗାଲୁରୁ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସକୁ ଇଡେନ୍‌ଗାର୍ଡେନରେ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଥିଲା । ଶୁକ୍ରବାର ଚେନ୍ନାଇକୁ ୫୦ ରନ୍‌ରେ ଧରାଶାୟୀ କରି ବିଜୟଧାରା ଜାରି ରଖିଛି ବେଙ୍ଗାଲୁରୁ ।



ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ତେଣୁ ବ୍ୟାଟିଂ କରିବାକୁ ନିଷ୍ପତ୍ତି ପାଇଥିଲା ବେଙ୍ଗାଲୁରୁ । ଧୋନି ଓ କୋହଲିଙ୍କ ପରି ଖ୍ୟାତନାମା ବ୍ୟାଟର ପରସ୍ପର ବିପକ୍ଷରେ ମ୍ୟାଚ ଖେଳୁଥିବାରୁ ଦର୍ଶକଙ୍କ ପ୍ରବଳ ଅଗ୍ରହ ଦେଖିବାକୁ ମିଳିଥିଲା । ଏହାରି ଭିତରେ ଭଲ ଆରମ୍ଭ କରିଥିଲା ଆର୍‌ସିବି । ଫିଲ୍ ସଲ୍ଟ ଓ ବିରାଟ କୋହଲି ପ୍ରଥମ ୱିକେଟ୍ ପାଇଁ ୫ ଓଭରରେ ୪୫ ରନ୍ ସଂଗ୍ରହ କରିଥିଲେ । ସଲ୍ଟ ୧୬ ବଲ୍‌ରୁ ୫ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରି ନୁର ଅହମ୍ମଦଙ୍କ ଶିକାର ହୋଇଥିଲେ । ଏହାପରେ କୋହଲି ୩୦ ବଲ୍‌ରୁ ୩୧ ରନ୍ କରି ନୁର ଅହମ୍ମଦଙ୍କ ଦ୍ୱିତୀୟ ଶିକାର ବନି ଥିଲେ । ଇମ୍ପାକ୍ଟ ଖେଳାଳି ଦେବଦୂତ ପଡିକାଲ ୨୭ ରନ୍ କରିଥିବା ବେଳେ ଅଧିନାୟକ ରଜତ ପଟିଦାର ୩୨ ବଲ୍‌ରୁ ୫୧ ରନ୍ କରିଥିଲେ । ସେହିଭଳି ଲିଆମ୍ ଲିଭିଂ ଷ୍ଟୋନ୍ ୧୦, ଜିତେଶ ଶର୍ମା ୧୨ ରନ୍, ଟିମ୍ ଡେଭିଡ ଅପରାଜିତ ୨୨ ରନ୍ କରିବାରୁ ବେଙ୍ଗାଲୁରୁ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା । ବୋଲିଂରେ ଚେନ୍ନାଇର ନୁର ଅହମ୍ମଦଙ୍କୁ ସର୍ବାଧିକ ୩ଟି, ମାଥିସା ପଥିରାନା ଦୁଇଟି ଖଲିଲ ଅହମ୍ମଦ ଓ ରବି ଚନ୍ଦ୍ରନ ଅଶ୍ୱିନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୯୭ ରନ୍‌ର ବିଜୟଲକ୍ଷ୍ୟ ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଆରମ୍ଭରୁ ହିଁ ବୋଝ ଭଳି ଥିଲା । ଆଗଧାଡିର ୪ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ । ରଚିନ ରବିନ୍ଦ୍ର ୩୧ ବଲ୍‌ରୁ ୪୧ ରନ୍ କରିଥିବା ବେଳେ ରାହୁଲ ତ୍ରିପାଠୀ ୫, ରୁତୁରାଜ ଗାଏକ୍ୱାର୍ଡ ୦, ଦୀପକ ହୁଦା ୪, ସାମ କୁରନ୍ ୮ ରନ୍ କରି ଆଉଟ୍ ହୋଇଥିଲେ । ତେଣୁ ଚେନ୍ନାଇ ୫୨ ରନ୍‌ରେ ୪ ଜଣ ବ୍ୟାଟରଙ୍କୁ ହରାଇଥିଲା । ଦଳର ୱିକେଟ୍ ପତନ ଧାରା ପର୍ଯ୍ୟାୟକ୍ରମେ ଲାଗି ରହିଥିଲା । ଦଳୀୟ ସ୍କୋର ୯୯ ରନ୍ ବେଳେ ୭ ଜଣ ବ୍ୟାଟର ପାଭିଲିୟନ୍ ଫେରିଯାଇଥିଲା । ଧିମା ରନ୍ ସଂଗ୍ରହ ହାର ତଥା ୱିକେଟ୍‌ପତନ ଯୋଗୁଁ ଚେନ୍ନାଇ ୧୯୭ ରନ୍‌ର ବିଜୟଲକ୍ଷ୍ୟକୁ ହାସଲ କରିପାରିନଥିଲା । ନବମ ସ୍ଥାନରେ ପଡିଆକୁ ବ୍ୟାଟିଂ କରିବାକୁ ଆସିଥିବା ମହେନ୍ଦ୍ର ସିଂ ଧୋନି ଚମତ୍କାର କରିବେ ବୋଲି ଆଶା ଥିଲା । କିନ୍ତୁ ୨୪ ବଲ୍‌ରୁ ୯୬ ରନ୍‌ର ଆବଶ୍ୟକତା ଥିବାରୁ ଏହା ଅସମ୍ଭବ ଥିଲା । ତଥାପି ଧୋନି ୧୬ ବଲ୍‌ର ସମ୍ମୁଖୀନ ହୋଇ ୩ଟି ଚୌକା ଓ ଦୁଇଟି ଛକା ସହାୟତାରେ ଅପରାଜିତ ୩୦ ରନ୍ କରିଥିଲେ । ଶିବମ ଦୁବେ ୧୯, ରବିନ୍ଦ୍ର ଜାଡେଜା ୨୫, ରବିଚନ୍ଦ୍ରନ ଅଶ୍ୱିନ ୧୧ ରନ କରିଥିଲେ । ୩ଟି ଅତିରିକ୍ତ ରନ୍ ସହ ଚେନ୍ନାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୬ ରନ୍‌ରେ ସୀମିତ ରହିଥିଲା । ବୋଲିଂରେ ବେଙ୍ଗାଲୁରୁର ଜୋସ ହାଜଲେଉଡ ୩ଟି, ୟସ ଦୟାଲ ଓ ଲିଆମ ଲିଭିଂଷ୍ଟୋନ୍ ଦୁଇଟିକରି ତଥା ଭୁବନେଶ୍ୱର କୁମାରଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ଏହି ଜମାଣିଆ ବିଜୟ ସହ ବେଙ୍ଗାଲୁରୁ ୨ ମ୍ୟାଚରୁ ୪ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିଛି । ଚେନ୍ନାଇ ଦୁଇ ମ୍ୟାଚରୁ ୨ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି ।



### ଆଜିର ମ୍ୟାଚ
**ଗୁଜରାଟ-ମୁମ୍ବାଇ**
ସମୟ: ରାତି ୭.୩୦
ସ୍ଥାନ: ଅହମ୍ମଦାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ସିଏସ୍‌କେରେ କେବଳ ଧୋନିଙ୍କ କ୍ରେଜ୍

ନୂଆଦିଲ୍ଲୀ,୨୮।୩ (ଏଜେନ୍ସି): ଚେନ୍ନାଇ ସୁପରକିଙ୍ଗ୍ସର ପରିଚୟ ଧୋନିଙ୍କ ଯୋଗୁଁ । ସିଏସ୍‌କେ କହିଲେ ଧୋନିଙ୍କୁ ହିଁ ବୁଝାଏ । ସିଏସ୍‌କେ ଫ୍ୟାନଙ୍କ ପାଇଁ ଧୋନି ହିଁ ଭଗବାନ । ଆଇପିଏଲ୍ ଆରମ୍ଭ ହେବା ଦିନଠୁ ଅର୍ଥାତ୍ ୨୦୦୮ରୁ ଧୋନି କହିଲେ ସିଏସ୍‌କେ ଓ ସିଏସ୍‌କେ କହିଲେ ଧୋନିଙ୍କୁ ବୁଝାଉଛି । ଗତ ସଂସ୍କରଣରେ ଧୋନିଙ୍କ କ୍ରେଜ୍ ଆହୁରି ଅଧିକ ଦେଖିବାକୁ ମିଳିଥିଲା । ନିଜ ହୋମ୍ ଗ୍ରାଉଣ୍ଡ ଚିପକ ବାହାରେ ମ୍ୟାଚ ଖେଳିବା ବେଳେ ମଧ୍ୟ ସେଠାକାର ଘରୋଇ ଦଳ ବଦଳରେ ଚେନ୍ନାଇ ଜର୍ସିରେ ଅଧିକ ଲୋକ ଷ୍ଟାଡିୟମ୍ ଆସୁଥିଲେ । ସିଏସକେ ପ୍ରତି ଲୋକଙ୍କ ଭଲ ପାଇବା ବାସ୍ତବରେ ଧୋନି ଫ୍ୟାକ୍ଟର ଯୋଗୁଁ ହୋଇଛି ।

ଧୋନି ୨୦୧୯ରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇସାରିଛନ୍ତି । ପ୍ରଶଂସକ କେବଳ ଆଇପିଏଲ୍‌ରେ ହିଁ ତାଙ୍କୁ ଦେଖିବାକୁ ପାଉଛନ୍ତି । ଧୋନିଙ୍କ ଏପରି କ୍ରେଜ୍ ସିଏସ୍‌କେର କ୍ଷତି କରୁଥିବା ଚର୍ଚ୍ଚା ହେଉଛି । ଚେନ୍ନାଇ ଜର୍ସି ପିନ୍ଧୁଥିବା ଫ୍ୟାନ କେବଳ ଧୋନିଙ୍କ ସମର୍ଥକ । ସେମାନେ ଧୋନିଙ୍କ ପାଇଁ ଯେତିକି ଭଲ ପାଇବା ରଖିଛନ୍ତି ବାସ୍ତବରେ ଫ୍ରାଞ୍ଚାଇଜ୍ ପ୍ରତି ସେତିକି ନାହିଁ । ଯଦି ଧୋନି ଆଇପିଏଲ୍‌ରୁ ଅବସର ନେଇଯିବ ତାହେଲେ ଚେନ୍ନାଇର ପ୍ରଶଂସକଙ୍କ ସଂଖ୍ୟା ଏକଦମ୍ କମି ଯିବ । ତେଣୁ ଏହା ଆଦୌ ସିଏସ୍‌କେର ମ୍ୟାନେଜମେଣ୍ଟ ପାଇଁ ଭଲ ଖବର ନୁହେଁ ।




ଚେନ୍ନାଇ ମ୍ୟାଚ ବେଳେ ଭିଡ କେବଳ ଧୋନିଙ୍କ ପାଇଁ ହେଉଛି । ଧୋନିଙ୍କୁ ୱିକେଟ୍‌କିପିଂ ଯଥା ବ୍ୟାଟିଂ କରୁଥିବାର ଦେଖିବାରୁ ଦର୍ଶକ ଅନେଇ ବସିଛନ୍ତି । ଧୋନିଙ୍କ ଯୋଗୁଁ ପ୍ରଶଂସକ ଚେନ୍ନାଇକୁ ସମର୍ଥନ କରୁଛନ୍ତି । ମ୍ୟାଚର ରେଜଲ୍ଟ ଯାହା ହେଲେ ବି କୌଣସି ଫରକ ପଡୁନାହିଁ । ହଳଦିଆ ଜର୍ସି ପିନ୍ଧିଥିବା ଅନେକ ପ୍ରଶଂସକ କେବଳ ଧୋନିଙ୍କ ଝଲକ ଟିକେ ଦେଖିବାକୁ ଷ୍ଟାଡିୟମ୍‌ରେ ଭିଡ କରୁଛନ୍ତି । ଏହା କହିବାର ଯଥାର୍ଥତା ଅଛି । ଯଦି ଷ୍ଟାଡିୟମ୍‌ରେ ଉପସ୍ଥିତ ସମସ୍ତ ହଳଦିଆ ଜର୍ସି ପିନ୍ଧି ଥିବା ହଳଦିଆ ଜର୍ସି ପିନ୍ଧି ଥିବା ତା ହେଲେ ସେମାନେ କେବେ ହେଲେ ନିଜ ଦଳର ଖେଳାଳି ଆଉଟ୍ ହେଲେ ଚିୟର କରିବେ ନାହିଁ । ସେମାନେ ସିଏସ୍‌କେର ପ୍ରକୃତ ଫ୍ୟାନ ନୁହଁନ୍ତି ବରଂ ଧୋନିଙ୍କ ଫ୍ୟାନ୍ । ଏକଥାରେ ଏକମତ ହୋଇଛନ୍ତି କ୍ରିକେଟ୍‌ରୁ ଅବସର ନେଇଥିବା ଭାସ୍ୟାକାର ଅମ୍ବାତି ରାୟୁଡୁ ସ୍ୱିକାର କରିଛନ୍ତି । ଏହା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଜନକ ଘଟଣା । ଏହା ଖେଳ ପ୍ରତି ଆଦୌ ଭଲ ସଂକେତ ନୁହେଁ । ଥାଲା ଭାବେ ନାମିତ ଧୋନି ସିଏସ୍‌କେର କମାଣ ସମ୍ଭାଳିଛନ୍ତି । ତାଙ୍କ ପାଇଁ ସମସ୍ତେ ପାଗଳ । ଚେନ୍ନାଇର ମ୍ୟାଚ ବେଳେ ବିପୁଳ ସଂଖ୍ୟାରେ ଲୋକ ଟିମ୍ ଜର୍ସିରେ ଷ୍ଟାଡିୟମ୍‌କୁ ଆସନ୍ତି । କେତେବେଳେ ଧୋନି ପଡିଆକୁ ବ୍ୟାଟିଂ କରିବାକୁ ଆସିବେ ସେ ଯାଏ ଧୈର୍ଯ୍ୟର ସହ ଅପେକ୍ଷା କରିଥାନ୍ତି ଦର୍ଶକ । ଗତ ସପ୍ତାହରେ ଚିପକ୍‌ରେ ସିଏସ୍‌କେ ଓ ମୁମ୍ବାଇ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ୧୫୬ ରନ୍‌କୁ ପିଛା କରୁଥିବା ଚେନ୍ନାଇ ଭଲ ଆରମ୍ଭ ପରେ ଏକାଧିକ ୱିକେଟ୍ ହରାଇଥିଲା । କିନ୍ତୁ ନିଜ ଦଳର ଖେଳାଳିଙ୍କ ଆଉଟ୍ ହେବା କ୍ଷଣି ସିଏସ୍‌କେ ଦର୍ଶକ ତାଳିମାଳି ଖୁସି ମନାଇଥିଲେ । କାରଣ ଖେଳାଳି ଆଉଟ୍ ହେଲେ ହିଁ ଧୋନି ବ୍ୟାଟିଂ କରିବାକୁ ପଡିଆକୁ ଆସିବେ । ଚେନ୍ନାଇ ସହ ପୂର୍ବରୁ ଥିବା ଖେଳାଳିମାନେ ମଧ୍ୟ ପ୍ରଶଂସକଙ୍କ ଏଭଳି ଆଚରଣ ଦେଖି ଆଚମ୍ବିତ ହୋଇଛନ୍ତି ।

ବେଶ କିଛି ବର୍ଷ ହେଲାଣି ଧୋନିଙ୍କୁ ଛାଡି ସିଏସ୍‌କେର ଅନ୍ୟ ଖେଳାଳିମାନଙ୍କ ସହ ଏପରି ଘଟିଛି । ଏସମ୍ପର୍କରେ ରାୟୁଡୁ କହିଛନ୍ତି କିଛି ଖେଳାଳି ଏଭଳି ସମସ୍ୟା ବେଶ କିଛି ବର୍ଷ ହେଲା ସାମ୍ନା କରୁଛନ୍ତି । ସେମାନେ ଅବଶ୍ୟ ସାମ୍ନାକୁ ଆସି ଏସମ୍ପର୍କରେ କିଛି ବି କହିନାହାଁନ୍ତି । ହେଲେ ମନ ଭିତରେ ଦୁଃଖ ଅଛି । ଆମେ ମଧ୍ୟ ଧୋନିଙ୍କୁ ଭଲ ପାଉ । ସେମାନେ ମଧ୍ୟ ଧୋନିଙ୍କୁ ଭଲ ପାଆନ୍ତି । ତଥାପି ଜଣେ କ୍ରିକେଟ୍‌ର ହିସାବରେ ଏକଥା ଦୁଃଖ ଦିଏ । ଖେଳାଳି ହିସାବରେ ବ୍ୟାଟିଂ କରିବାକୁ ଯିବା ବେଳେ ନିଜ ଦଳର ପ୍ରଶଂସକ ନାରା ଦିଅନ୍ତି ଯେ, ଆପଣ କେତେ ଶୀଘ୍ର ଆଉଟ୍ ହୋଇଯାଆନ୍ତୁ । ନଚେତ ଆପଣ ଆଉଟ୍ ହୋଇ ଫେରି ଆସନ୍ତୁ ବୋଲି ସେମାନେ ଆଶା କରନ୍ତି । ଏପରି ସମସ୍ୟାର ସମାଧାନ କେବଳ ଧୋନି ହିଁ କରିପାରିବେ । ଫ୍ରାଞ୍ଚାଇଜ୍ ମଧ୍ୟ ୫ଥରର ଆଇପିଏଲ୍ ବିଜେତା ଅଧିନାୟକ ଧୋନିଙ୍କୁ ଛାଡି କିଛି କାର୍ଯ୍ୟକ୍ରମ ହାତକୁ ନେବା ଦରକାର । ଯଦି ଧୋନି ଏପରି ସମସ୍ୟାକୁ ବନ୍ଦ କରିବାକୁ ଚାହାଁନ୍ତି ତାହେଲେ ସାମ୍ନାକୁ ଆସନ୍ତୁ ଏବଂ କୁହନ୍ତୁ ଯେ, ସମସ୍ତେ ସିଏସ୍‌କେର ଖେଳାଳି । ସେମାନେ ମଧ୍ୟ ଚେନ୍ନାଇ ପାଇଁ ଲଢୁଛନ୍ତି ସେମାନଙ୍କୁ ସମାନ ଭଲ ପାଇବା ଦିଅ । ଏପରି ହେଲେ ଚେନ୍ନାଇ ଦଳର ଖେଳାଳିଙ୍କ ପାଇଁ ଏକ ସକରାତ୍ମକ ପରିବେଶ ସୃଷ୍ଟି ହେବ । କେବଳ ଚେନ୍ନାଇ କିମ୍ବା ଖେଳାଳି ପାଇଁ ନୁହେଁ, ଫ୍ରାଞ୍ଚାଇଜ୍ ପାଇଁ ଚ୍ୟାଲେଞ୍ଜିଂ କାରଣ ସେମାନେ ଧୋନିଙ୍କୁ ବାଦ ଦେଲେ ଏତେ ଭିଡ ସୃଷ୍ଟି କରିପାରିବେ ନାହିଁ । କାର୍ଯ୍ୟ ଦିବସରେ ମ୍ୟାଚ ହେଲେ ମଧ୍ୟ ଭିଡ ହେଉଛି । ଚେନ୍ନାଇ ସମର୍ଥକଙ୍କ ଭିଡ କେବଳ ଧୋନିଙ୍କ ଯୋଗୁଁ ହେଉଛି । ତାଙ୍କୁ ଟକ୍କର ଦେବା ଭଳି କ୍ରିକେଟ୍‌ର ନାହାନ୍ତି ଏକଥା ନିରାଟ ସତ । ଏହାକୁ ଫ୍ରାଞ୍ଚାଇଜ୍ ମଧ୍ୟ ଭଲ ଭାବେ ଜାଣିଛି ।

## ଓଡ଼ିଶା ବରିଷ୍ଠ ମହିଳା ହ୍ୟାଣ୍ଡବଲ ଦଳର ହାତରସ ଯାତ୍ରା



ଭୁବନେଶ୍ୱର,୨୮।୩ (ସବ୍ୟୁ): ଚଳିତ ମାସ ୩୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହାତରସ ଠାରେ ୫୩ତମ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବାକୁଯାଉଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ୧୮ ଜଣିଆ ମହିଳା ଦଳ ହାତରସ୍ ଯାତ୍ରା କରିଛନ୍ତି । ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଜି ଜ୍ୟୋତି ପାତ୍ର, ସନ୍ଧ୍ୟା ରାଣୀଦାସ, ସ୍ମୃତି ରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷ ସେଠୀ, ଶୁଭଶ୍ରୀ ସେଠୀ, ତେଜସ୍ୱିନୀ ସେଠୀ, ସ୍ୱପ୍ନେଶ୍ୱରୀ ଦାସ ଆଦ୍ୟାଶା ଦାସ, ମାନସୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ବର୍ଷପ୍ରିୟଦର୍ଶିନୀ ବାରିକ, ଅର୍ଚ୍ଚନା ବାରିକ, ସାଇନା ବେଗମ୍, ପୂଜା ସ୍ୱାଇଁ, କୋଚ୍ ରାମସିସ୍ ପ୍ରସାଦ ଜେନା, ମ୍ୟାନେଜର ଗୀତାଞ୍ଜଳୀ ଦାସ । କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟ କ୍ରୀଡା ବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ ପ୍ରୋଗ୍ରାମ୍ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସୀତେନ୍ଦ୍ର ନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ।।। ଜାତୀୟ ଫେନସିଂ ।।।
# ଲିଖିତ କୁମାରଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର,୨୮।୩ (ସବ୍ୟୁ): ଓଡ଼ିଶା ଫିନସିଂ ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମ୍‌ରେ ୨୬ତମ ଜାତୀୟ ଫେନସିଂ ଉପକନିଷ୍ଠ ପ୍ରତିଯୋଗିତା ଖେଳାଯାଉଛି । ଶୁକ୍ରବାର ପ୍ରତିଯୋଗିତାର ଦ୍ୱିତୀୟ ଦିନ ଥିଲା । ହରିୟାଣା ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ପଦକ, ଦୁଇଟି ରୌପ୍ୟ ପଦକ ଓ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିପରି ଓଡ଼ିଶା ଇପି ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି । ଓଡ଼ିଆ ପୁଅ ଲିଖିତ କୁମାର ବିଶ୍ୱାଳ ୧୨-୧୫ ବ୍ୟବଧାନରେ ହରିୟାଣାର ଅଶ୍ୱିନୀ କୁମାରଙ୍କ ଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପଦକ ବିତରଣ ଉତ୍ସବରେ ରାଜ୍ୟ ଫେନସିଂ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ମଲ୍ଲିକ, ସହଦେବ ରାଉତ ଏବଂ ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ଥିଲେ ।




# ମିଆଁମି ଓପନ: ଫାଇନାଲରେ ଜୋକୋଭିକ୍

ନୂଆଦିଲ୍ଲୀ,୨୮।୩ (ଏଜେନ୍ସି): ସର୍ବିଆର ପେସାଦାର ପୁରୁଷ ଟେନିସ୍ ଖେଳାଳି ନୋଭାକ ଜୋକୋଭିକ୍ କ୍ୟାରିୟରର ୧୦୦ତମ ସିଙ୍ଗଲ୍ସ ଟାଇଟଲର ନିକଟତର ହୋଇଛନ୍ତି । ଜୋକୋଭିକ୍ ମିଆଁମି ଓପନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଆମେରିକାର ସେବା ଷ୍ଟିଆନ୍ କୋର୍ଡାଙ୍କୁ ୬-୩, ୭-୬ ସେଟ୍‌ରେ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ୩୭ ବର୍ଷ ୧୦ ମାସ ବୟସର ଜୋକୋଭିକ୍ ସବୁଠୁ ବୟୋଜ୍ୟୋଷ୍ଠ ଖେଳାଳି ଭାବେ ମିଆଁମି ଓପନ ସେମିରେ ପ୍ରବେଶ କରିଛନ୍ତି । ପୂର୍ବରୁ ୩୭ ବର୍ଷ ୭ ମାସ ବୟସରେ ରୋଜର ଫେଡେରର ମିଆଁମି ଓପନ ସେମିରେ ପ୍ରବେଶ କରିଥିଲେ । ଏଦୃଷ୍ଟିରୁ ଫେଡେରରଙ୍କୁ ପଛରେ ପକାଇଛନ୍ତି ଜୋକୋଭିକ୍ । ପ୍ରତିଯୋଗିତାର ଚତୁର୍ଥ ସିଡ ଜୋକୋଭିକ୍ ସପ୍ତମ ମିଆଁମି ଓପନ ଟାଇଟଲ ଲକ୍ଷ୍ୟରେ ରହିଛନ୍ତି । ସେ ୨୦୦୭ରେ ପ୍ରଥମ ଟାଇଟଲ ହାତେଇଥିଲେ । ସେମିରେ ଜୋକୋଭିକ୍ ଓ ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭଙ୍କ ମଧ୍ୟରେ ମ୍ୟାଚ ଖେଳାଯିବ ।



## ପେଗୁଲା-ସାବାଲେଙ୍କା ଫାଇନାଲ

ମିଆଁମି ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ଚୂଡାନ୍ତ ହୋଇଛି । ଶନିବାର ଟାଇଟଲ ଲଢ଼େଇରେ ଆମେରିକାର ଚତୁର୍ଥ ସିଡେଡ ଜେସିକା ପେଗୁଲା ଏବଂ ବିଶ୍ୱରେ ନଂ.୧ ଖେଳାଳି ଆରୟାନା ସାବାଲେଙ୍କା ଭେଟାଭେଟି ହେବେ ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିଅନ୍‌ସିପ୍
# କିଟ୍‌କୁ ୮ ପଦକ

ଭୁବନେଶ୍ୱର,୨୮।୩ (ସବ୍ୟୁ): ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିଅନ୍‌ସିପ୍‌ରେ କିଟ୍ ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ଚଣ୍ଡିଗଡ଼ର ସୁଖନା ହ୍ରଦରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ରୋଇଂ ଦଳ ଦୁଇଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୨ କିମି ଓ ୫୦୦ ମିଟର ବର୍ଗରେ କିଟ ପ୍ରତିଯୋଗୀ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଛନ୍ତି । ୨ କିମି ବର୍ଗରେ ଅରୁଣପ୍ରୀତ କୌର ଓ ଅବିନାଶ କୌର ବ୍ରୋଞ୍ଜ , ଅନସିକା ଭାରତୀ-ଗୁରୁଶରଣପ୍ରୀତ କୌର ରୌପ୍ୟ, ଅଂଶିକା ଭାରତୀ ସ୍ୱର୍ଣ୍ଣ ଓ ଗୁରୁଶରଣପ୍ରୀତ କୌର ବ୍ରୋଞ୍ଜ ପଦକ ଜିତିଛନ୍ତି । ୫୦୦ ମିଟର ବର୍ଗରେ ଅରୁଣପ୍ରୀତ କୌର ଓ ଅବିନାଶ କୌର ସ୍ୱର୍ଣ୍ଣ ପଦକ, ଅଂଶିକା ଭାରତୀ ଓ ଗୁରୁପ୍ରୀତ କୌର ରୌପ୍ୟ ପଦକ, ବ୍ୟକ୍ତିଗତରେ ଅଂଶିକା ଭାରତୀ ବ୍ରୋଞ୍ଜ ଓ ଗୁରୁଶରଣପ୍ରୀତ କୌର ରୌପ୍ୟ ପଦକ ହାସଲ କରିଛନ୍ତି ।


### ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି